

ପରିବର୍ତ୍ତନ ଚାହୁଁଛନ୍ତି ଅମିର
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-87 ◆SATURDAY ◆20 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୭ ◆ଶନିବାର ◆୨୦ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ସାର ତାତି: ବିଧାନସଭା ଅଚଳ

## ଆଲୋଚନା ଦାବିରେ ଅଡ଼ି ବସିଲା ବିଜେଡି, ଗୃହ ଚାଲିଲା ମାତ୍ର ୮ ମିନିଟ

## ଗୃହ ଭିତରେ ପ୍ଲାକାର୍ଡ, ମୋହନ ସରକାର ହାଏ ହାଏ ନାରାରେ କମ୍ପିଲା ଗୃହ

■ **ଭୁବନେଶ୍ୱର, ୧୯।୯ (ସମିସ):** ରାଜ୍ୟରେ ଉତ୍କଟ ସାର ଅଭାବକୁ ନେଇ ଚାଷୀ ସନ୍ତୁଳି ହେଉଛି। ମାତ୍ର ସରକାର ଏ ଦିଗରେ ସମ୍ପୂର୍ଣ୍ଣ ନିରବ। ଏପରି ଏକ ସ୍ପର୍ଶକାତର ଘଟଣାକୁ ନେଇ ବିଧାନସଭାରେ ଗର୍ଜିଛି ବିଜେଡି। ସାର ଅଭାବ ପ୍ରସଙ୍ଗରେ ଶୁକ୍ରବାର ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ, ନାରାବାଜି କରିଛନ୍ତି। ଚାଷୀଙ୍କର ଏହି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ପ୍ରଶ୍ନକାଳ ବାତିଲ କରି ଆଲୋଚନା କରିବାକୁ ବିଜେଡି ବିଧାୟକମାନେ ଅଡ଼ି ବସିଛନ୍ତି। ବିଜେଡିର ପ୍ରବଳ ପ୍ରତିବାଦ, ନାରାବାଜି କାରଣରୁ ପୂରା ଦିବସର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ପ୍ରଥମାର୍ଦ୍ଧରେ ୪ ମିନିଟ ଏବଂ ଦ୍ୱିତୀୟାର୍ଦ୍ଧରେ ୪ ମିନିଟ ଅର୍ଥାତ ସାରା ଦିନ ମୋଟ ୮ ମିନିଟ ଗୃହ ଚାଲିପାରିଛି। ଫଳରେ ବାଚସ୍ପତି ଆସନ୍ତା କାଲି ଯାଏ ଗୃହକୁ ମୁଲତବୀ ରଖିଛନ୍ତି। ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ବିଧାୟକମାନେ ପ୍ଲାକାର୍ଡ, ବ୍ୟାନର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ସାରା ପ୍ରସଙ୍ଗରେ ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରିଥିଲେ। ମୋହନ ସରକାର ହାଏ ହାଏ, ମୋହନ ସରକାର ଡାଉନ ଡାଉନ ଆଦି ନାରାରେ ▶ପୃଷ୍ଠା-୭




## କଂଗ୍ରେସ ବିଧାୟକଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

■ **ଭୁବନେଶ୍ୱର, ୧୯।୯ (ସମିସ):** କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍‌ଙ୍କ ସମେତ ୫ କଂଗ୍ରେସ ବିଧାୟକଙ୍କ ନାଁରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛି ବିଜେପି। ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛନ୍ତି। କଂଗ୍ରେସ ଦଳ ପକ୍ଷରୁ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଏହାକୁ ବାଚସ୍ପତି ଗ୍ରହଣ କରିବା ପୂର୍ବରୁ କଂଗ୍ରେସ ବିଧାୟକମାନେ ଏନେଇ ଗଣମାଧ୍ୟମରେ ସୂଚନା ଦେଇଛନ୍ତି, ଯାହାକି ଗୃହର ଗରିମା ▶ପୃଷ୍ଠା-୭

## ସରକାରଙ୍କ ପାଖରେ ନାହିଁ ଛାତ୍ରୀ ନିର୍ଯାତନା ତଥ୍ୟ !

**ସ୍କୁଲରେ ୩୨ ଓ ବିଶ୍ୱବିଦ୍ୟାଳୟର ୨୦ ଛାତ୍ରୀ ନିର୍ଯାତନାର ଶିକାର**

**'ଉତ୍କଳ'ରେ ସର୍ବାଧିକ ୭ ଓ ରେଭେନ୍ସାରେ ୬ ମାମଲା**

■ **ଭୁବନେଶ୍ୱର, ୧୯।୯ (ସମିସ):** ଶିକ୍ଷାନୁଷ୍ଠାନରେ ଛାତ୍ରୀ ନିର୍ଯାତନା ବଢ଼ୁଛି। ଅଧ୍ୟାପକଙ୍କ ନାମରେ ଛାତ୍ରୀମାନଙ୍କୁ ଅସଦାଚରଣ ଓ ଅଶାଳୀନ ବ୍ୟବହାର କରୁଥିବା ଅଭିଯୋଗ ପରେ ମଧ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେଉ ନାହାନ୍ତି। ଏସବୁ ପରେ ମଧ୍ୟ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରୀ ନିର୍ଯାତନା ତଥ୍ୟ ସରକାରଙ୍କ ପାଖରେ ନାହିଁ।

ବିଶ୍ୱବିଦ୍ୟାଳୟଗୁଡ଼ିକରେ ୧୨ ଜୁନ୍ ୨୦୨୪ ଅର୍ଥାତ୍ ରାଜ୍ୟରେ ବିଜେପି ସରକାର ଗଠନ ପରଠାରୁ ୨୦ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବା ଶୁକ୍ରବାର ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉତ୍ତର ରଖିଛନ୍ତି। ରାଜ୍ୟର ପ୍ରମୁଖ ଓ ପ୍ରଥମ ବିଶ୍ୱବିଦ୍ୟାଳୟ 'ଉତ୍କଳ'ରୁ ସର୍ବାଧିକ ୭ଟି ଅଭିଯୋଗ ଆସିଛି। ତନ୍ମଧ୍ୟରୁ ୬ଟି ମାମଲାର ସମାଧାନ ▶ପୃଷ୍ଠା-୭

# ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା ଉଦ୍ଧାର

**୨୦ ହଜାର ଲୋକ ସ୍ଥାନାନ୍ତର**



■ **ବର୍ଲିନ, ୧୯।୯ (ଏଜେନ୍ସି):** ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ମୃତି ପୁଣି ଉଜାଗର ହୋଇ ଉଠିଛି। ଜର୍ମାନୀ ରାଜଧାନୀ ବର୍ଲିନରୁ ଗୁରୁବାର ସନ୍ଧ୍ୟାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଦୁଇଟି ବଡ଼ ବୋମା ମିଳିଛି। କୌଣସି ବଡ଼ ଅଘଟଣକୁ ଏଡ଼ାଇବା ପାଇଁ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଘଟଣାସ୍ଥଳରୁ ୨୦ ହଜାର ଲୋକଙ୍କୁ ଖାଲି କରାଯାଇଛି। ବୋମା ନିକଟରୁ ୫୦୦ ମିଟର ପର୍ଯ୍ୟନ୍ତ ସୁରକ୍ଷା ବଳୟ ସୃଷ୍ଟି କରି ଘର ଘରକୁ ଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଳାଇବାକୁ ପୁଲିସ କହିଥିଲା। ପ୍ରଥମ ବୋମାଟି ସ୍ପ୍ରି ନଦୀ ନିକଟରୁ ମିଳିଥିଲା। ଏହି ଅଞ୍ଚଳରୁ ପାଖାପାଖି ୧୦ ହଜାର ଲୋକଙ୍କୁ ହଟାଯାଇଥିଲା। ଏହି ଅଞ୍ଚଳରେ କେତୋଟି ଦୂତାବାସ ଓ ସରକାରୀ କାର୍ଯ୍ୟାଳୟ ରହିଥିଲା। ସେହିପରି ୧୦୦ କେଜି ଓଜନର ଦ୍ୱିତୀୟ ବୋମାଟି ସ୍ପଣ୍ଡାଉ ଜିଲ୍ଲାରୁ ମିଳିଥିଲା। ଫଳରେ ଏହି ଅଞ୍ଚଳରୁ ୧୨, ୪୦୦ ଲୋକଙ୍କୁ ଖାଲି କରାଯାଇଥିଲା। ଦୁଇଟି ଯାକ ବୋମାକୁ ନିଷ୍କ୍ରିୟ କରାଯାଇଛି। ତେବେ ଏହି ଦୁଇଟି ବୋମା ସେଭଳି କୌଣସ ବଡ଼ ଧରଣର ବିପଦ ସୃଷ୍ଟି କରି ନ ଥିଲା। ଏଥିପାଇଁ ସୁରକ୍ଷା ଦାୟିତ୍ୱ ପୁଲିସକୁ ଦିଆଯାଇଥିଲା।

# ବିଶ୍ୱକର୍ମା ପୂଜାରୁ ଫେରୁଥିବା ନାବାଳିକାକୁ ଗଣଦୁଷ୍କର୍ମ

■ **ରାଉରକେଲା, ୧୯।୯ (ସମିସ):** ରାଉରକେଲାରେ ପୁଣି ଲଜ୍ଜା। ପୂଜା ଦେଖି ଫେରୁଥିବା ଜଣେ ନାବାଳିକାକୁ ବାଟ ମଝିରୁ ଟେକିନେଇ ଜଙ୍ଗଲରେ ଗଣଦୁଷ୍କର୍ମ। ୨ ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ କେ.ବଲାଙ୍ଗ ଥାନାରେ ଅଭିଯୋଗ ହେବା ପରେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ୍ ଏକ ମାମଲା ରୁଜୁ କରି ଦୁଇ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି।



କେ. ବଲାଙ୍ଗ ଅଞ୍ଚଳର ନାବାଳିକା ଜଣକ ଦୁଇ ସାଙ୍ଗଙ୍କ ସହ ବରସୁଆଁରୁ ବିଶ୍ୱକର୍ମା ପୂଜା ଦେଖି ଘରକୁ ଫେରୁଥିବା ବେଳେ ଦୁଇ ଯୁବକ ବାଟ ମଝିରେ ଅଟକାଇ ଧମକଚମକ ଦେଇ ଭୟଭୀତ କରାଇଥିଲେ। ପରେ ନାବାଳିକାକୁ ନିକଟସ୍ଥ ଏକ ଜଙ୍ଗଲକୁ ଟେକି ନେଇ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ଅଭିଯୁକ୍ତମାନେ ସେଠାରୁ ପଳାଇବା ପରେ ନାବାଳିକାଜଣଙ୍କ ଘରକୁ ଫେରି ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ। ପରେ ପରିବାର ପକ୍ଷରୁ ଏନେଇ କେ.ବଲାଙ୍ଗ ଥାନାରେ ଅଭିଯୋଗ କରାଯାଇଥିଲା।

### 'କିଲର୍ ସ୍ୱାମୀ' ଦୀପକଙ୍କ ଅଡୁଆ ବଢ଼ିଲା

# ପ୍ରଥମ ପତ୍ନୀଙ୍କୁ ବି ହତ୍ୟା ଅଭିଯୋଗ



**ଖୁଣ୍ଟୁଣି ଥାନାରେ ହତ୍ୟା ମାମଲା ରୁଜୁ**

**ଡିଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ**

■ **ଭୁବନେଶ୍ୱର, ୧୯।୯ (ସମିସ):** ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ମାମଲାରେ ଗିରଫ ହୋଇଥିବା 'କିଲର୍ ସ୍ୱାମୀ' କନେଷ୍ଟବଳ ଦୀପକ ରାଉତଙ୍କ ପାଇଁ ଅଡୁଆ ବଢ଼ିଛି। ଦୀପକଙ୍କ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ଭଉଣୀ ରୋଜାଲିନ ରାଉତ ଆଜି ଖୁଣ୍ଟୁଣି ଥାନାର ଦ୍ୱାରସ୍ଥ ହୋଇ ତାଙ୍କ ବଡ଼ ଭଉଣୀଙ୍କୁ ଭିଶୋଇ ଦୀପକ ହତ୍ୟା କରିଥିବା ଲିଖିତ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ - ୧୯୪/୨୫ ରେ ହତ୍ୟା ମାମଲା ରୁଜୁ କରିଛି। ଦଫା ୩୦୨, ୪୯୮-ଏ, ୨୦୧ ଓ ୩୪ ଆଇପିସିରେ ମାମଲା ରୁଜୁ କରିଛି। କଟକ ଗ୍ରାମାଞ୍ଚଳ ପୁଲିସ ମୁଖ୍ୟାଳୟର ଡିଏସପି ଅଜୟ କୁମାର ଦାସଙ୍କୁ ଘଟଣାର ତଦନ୍ତ ଭାର ଦିଆଯାଇଛି। ହତ୍ୟାର ପ୍ରମାଣ ମିଳିଲେ ▶ପୃଷ୍ଠା-୭

# ଚାଷୀଙ୍କୁ ବିଜେପିର ତାଚ୍ଛଲ୍ୟ; ଘେରିଲେ ବିରୋଧୀ

**ଆଲୋଚନାରୁ ଖସିଯିବାକୁ ଚାହୁଁଛନ୍ତି ସରକାର: ବିଜେଡି**

**ସାର ପାଇଁ ସାରାରାଜ୍ୟରେ ହାହାକାର ସ୍ଥିତି: କଂଗ୍ରେସ**

■ **ଭୁବନେଶ୍ୱର, ୧୯।୯ (ସମିସ):** ରାଜ୍ୟରେ ସାର ଅଭାବ ପାଇଁ ଚାଷୀ କାନ୍ଦୁଛି। ଚାଷବାସ ଛାଡ଼ି ଚାଷୀ ରାତିରାତି ପାକ୍ସ, ଲାମ୍ପସ୍ ଆଗରେ ଧାଡ଼ି ଲଗାଉଛନ୍ତି। ସାର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ ବଜାରରୁ ଏହାକୁ ଚାଷୀ ୮୦୦ରୁ ୧୦୦୦ ଟଙ୍କାରେ କିଣିବାକୁ ବାଧ ହେଉଛି। ଏହାକୁ ପ୍ରତିବାଦ କରି ଅନେକସ୍ଥାନରେ ଚାଷୀ ରାଜରାସ୍ତାକୁ ଓହ୍ଲାଉଛନ୍ତି। ମାତ୍ର ବିଜେପି ଚାଷୀଙ୍କ ଏହି ସମସ୍ୟାକୁ ଦୂର କରିବା ପରିବର୍ତ୍ତେ ଚାଷୀଙ୍କୁ ତାଚ୍ଛଲ୍ୟ କରିଛି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ବିଧାନସଭା ବାହାରେ ଚାଷୀଙ୍କୁ ବିବାଦୀୟ ଓ ଅସମ୍ମାନଜନକ ଟିପ୍ପଣୀ ପ୍ରଦାନ କରିଥିବାରୁ ବିଜେଡି ଓ କଂଗ୍ରେସ ଏହାକୁ ତୀବ୍ର ବିରୋଧ କରିଛନ୍ତି। ରାଜ୍ୟରେ ସାର ଅଭାବ ନାହିଁ। ଯେଉଁମାନେ ଲାମ୍ପସ ଓ ପାକ୍ସ ଆଗରେ ସାର ପାଇଁ ଧାଡ଼ି ଲଗାଉଛନ୍ତି ସେମାନେ ନକଲି ଚାଷୀ। ବିରୋଧୀମାନେ ନକଲି ଚାଷୀଙ୍କୁ ଠିଆ କରାଇ ରାଜନୀତି କରୁଛନ୍ତି ବୋଲି ବିଜେପି ବିଧାୟକ ଅଗସ୍ତି ବେହେରା ମନ୍ତବ୍ୟ ଦେଇଛନ୍ତି। ଯାହାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଇଛି। ସରକାର ଆଲୋଚନାରୁ ଖସିଯିବାକୁ ଚାହୁଁଛନ୍ତି। ଏହା ଚାଷୀଙ୍କ ପ୍ରତି ସରକାରଙ୍କ ନିର୍ଦ୍ଦୟତା ବୋଲି ଶ୍ରୀ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି।

ଶୁକ୍ରବାର ପ୍ରଶ୍ନକାଳକୁ ବାତିଲ୍ କରି ସାର ପ୍ରସଙ୍ଗରେ ୩ ଘଣ୍ଟା ଆଲୋଚନା ପାଇଁ ଦାବି କରିଥିଲା ବିଜେଡି। ମାତ୍ର ବାଚସ୍ପତି ବିଜେଡିର ଏହି ▶ପୃଷ୍ଠା-୭




**ପାରିବାରିକ କଳହ**

# ଦୁଇ ପୁଅଙ୍କୁ ବିଷ ପିଆଇଲା ବାପା

■ **ଛେଣ୍ଡିପଦା, ୧୯।୯ (ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ତୁବେ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ପାରିବାରିକ କଳହରୁ ଦୁଇ ନାବାଳକ ପୁଅଙ୍କୁ ଖୋଦ୍ ବାପା ବିଷ ପିଆଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ, ତୁବେ ଗାଁର କାଳୀଚରଣ ପ୍ରଧାନଙ୍କ ପୁଅ ନୀଳମାଧବ ପ୍ରଧାନ (୧୨) ଏବଂ ଜିଜ୍ଞାସୁ ପ୍ରଧାନ (୮)। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ୧୨ରେ କାଳୀଚରଣ ଦୁଇ ପୁଅଙ୍କୁ ସ୍କୁଲରୁ ନେଇ ବନ୍ତଲା ▶ପୃଷ୍ଠା-୭

# ୨୫ରେ ଲଘୁଚାପ

**ବର୍ଷାରେ ଭିଜିବ ଦଶହରା**

■ **ଭୁବନେଶ୍ୱର, ୧୯।୯ (ସମିସ):** ଆସନ୍ତା ୨୫ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହେବ। ଲଘୁଚାପଟି ଅଧିକ ଘନୀଭୂତ ହେବା ଆଶଙ୍କା ଥିବାରୁ ଏଥର ଦଶହରା ବର୍ଷାଭିଜା ହୋଇପାରେ।

ଲଘୁଚାପ ନେଇ ଆଜି ଆଇଏମ୍‌ଡି ପକ୍ଷରୁ କରାଯାଇଥିବା ବେଳେ ଏହାର ପ୍ରଭାବରେ ୨୫ରୁ ୩-୪ ଦିନ ବର୍ଷା ହେବାର ଆଶଙ୍କା କରାଯାଇଛି। ପାଣିପାଗ ବିଭାଗ ଦ୍ୱାରା ଜାରି ସୂଚନା ଅନୁଯାୟୀ, ଆସନ୍ତା ୨୫ ତାରିଖରେ ▶ପୃଷ୍ଠା-୭



## ‘ଦୃଶ୍ୟମ୍’ ଦେଖି ସାଙ୍ଗ ସହ ମିଶି ବାପାଙ୍କୁ ହତ୍ୟା



କାନପୁର, ୧୯।୯ (ଏଜେନ୍ସି): ଚଳଚ୍ଚିତ୍ର ସମାଜର ଦର୍ପଣ ସଦୃଶ୍ୟ। କିନ୍ତୁ ଏବେ ଏହି ଦର୍ପଣ ମଳିନ ହେବାରେ ଲାଗିଛି। ସମାଜରୁ କୁସଂସ୍କାର ଦୂରେଇବା ପରିବର୍ତ୍ତେ ହତ୍ୟା, ଅପରାଧ ଆଦିକୁ ପ୍ରୋତ୍ସାହନ ଦେଉଛି। ଉତ୍ତର ପ୍ରଦେଶ କାନପୁରର ଚନ୍ଦେଲ ନଗରରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ଅଭିନେତା ଅଜୟ ଦେବଗନଙ୍କ ‘ଦୃଶ୍ୟମ’ ଚଳଚ୍ଚିତ୍ର ଏବଂ କ୍ରାଇମ ପାଟ୍ରୋଲ ଦେଖି ସାଙ୍ଗ ସହ ମିଶି ପୁଅ ବାପାଙ୍କୁ ହତ୍ୟା କରିଛି। ଏହା ପରେ ମୃତଦେହକୁ ୭୫କିମି ଦୂର ଔରିଆ ନେଇ ପେଟ୍ରୋଲ ଢାଳି ପୋଡି ଦେଇଛି। ପୁଲିସକୁ ଭୁଆଁ ବୁଲାଇବା ପାଇଁ ଅଜବ ପନ୍ଥା ଆପଣାଇଛି। ଘଟଣାର ଦୁଇ ମାସ ପରେ ମୃତକଙ୍କ ପତ୍ନୀ ବୃନ୍ଦାବନରୁ ଫେରି ସ୍ୱାମୀଙ୍କୁ ଖୋଜିଥିଲେ। ଘରେ ନ ଦେଖି କଲ୍ୟାଣପୁର ଥାନାରେ ଜୁନ୍ ୧୨ରେ ଏତଲା ଦେଇଥିଲେ। ପୁଲିସ ଯାଞ୍ଚ କରି ୬ ମାସ ପରେ ଘଟଣାର ପର୍ଦ୍ଦାଫାସ କରିଥିଲା। ଡିସିପି ଦିନେଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି ଯେ ମୃତକ କମଲାପତି ରେଲୱେରେ ଗାର୍ଡ ଭାବେ ଚାକିରି କରିଥିଲେ। କିନ୍ତୁ ସବୁବେଳେ ମଦ ପିଉଥିବାରୁ ସାନପୁଅ ରାମଜୀଠାରୁ ସେ ଦୂରେଇ ରହୁଥିଲେ। ଟଙ୍କା ମାଗିଲେ ତାଙ୍କୁ ଦେଉ ନ ଥିଲେ। ତେଣୁ ସମ୍ପତ୍ତି ପାଇଁ ପୁଅ ବାପାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲା। ପୁଲିସକୁ ଭୁଆଁ ବୁଲାଇବା ପାଇଁ ମୋବାଇଲ ଦେଇ ସାଙ୍ଗକୁ ବିହାର ପଠାଇଥିଲା। ତେବେ ସେଠାରେ ସେ ସ୍ୱିଚ୍ ଅନ୍ କରି ଲୋଭରେ ମୋବାଇଲକୁ ବିକିବା ପାଇଁ ଧରି ପଳାଇ ଆସିଥିଲା। ପରେ ପୁଲିସ ପୁଅ ଘରୁ ମୋବାଇଲ ଜବତ କରିଥିଲା। ଜେରା ସମୟରେ ସେ ବାପାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା।

## ପରୀକ୍ଷାରେ ଭଲ ନମ୍ବର ରଖିବାରୁ ଛାତ୍ରଛାତ୍ରୀଙ୍କୁ ବିମାନରେ ଡାମନ-ଡିଉ ବୁଲାଇଲେ ଶିକ୍ଷକ



ଜୟପୁର, ୧୯।୯ (ଏଜେନ୍ସି): ରାଜସ୍ଥାନ ଭିଲୱାରାର ନନ୍ଦରାଇ ଗ୍ରାମରୁ ଏକ ପ୍ରେରଣାଦାୟୀ ଖବର ସାମ୍ନାକୁ ଆସିଛି। ଦ୍ୱାଦଶ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖିବାରୁ ଏଠାକାର ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର ୫ ଛାତ୍ରୀଙ୍କୁ ଶିକ୍ଷକ ବିମାନରେ ନେଇ ଡାମନ-ଡିଉ ବୁଲାଇଛନ୍ତି। ତେବେ ଏହି ଯାତ୍ରା ବାବଦ ଖର୍ଚ୍ଚକୁ କୌଣସି ଏନ୍‌ଜିଓ କିମ୍ବା ସରକାର ଦେଇନାହାନ୍ତି। ପ୍ରଧାନଶିକ୍ଷକ ଶଙ୍କରଲାଲ ଜାଟ ଏବଂ ଶିକ୍ଷକ ଅଜୟ କୁମାର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି। ଉଭୟ ଶିକ୍ଷକ ଶିକ୍ଷାବର୍ଷରେ ୯୦ ପ୍ରତିଶତ କିମ୍ବା ତାଠାରୁ ଅଧିକ ମାର୍କ ରଖିଲେ ଛାତ୍ରଛାତ୍ରୀଙ୍କୁ ବିମାନରେ ବୁଲାଇ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳାଫଳ ବାହାରିବା ପରେ ଶିକ୍ଷକ ଏହି ଯାତ୍ରାର ଆୟୋଜନ କରି ସମସ୍ତ ଖର୍ଚ୍ଚ ବହନ କରିଥିଲେ। ଏହି ଗ୍ରାମରୁ ଡାମନ-ଡିଉ ବୁଲିବା ପାଇଁ ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା।

ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଉପରେ ଗଭୀର ପ୍ରଭାବ ପକାଇ ଥିଲା। ୫୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୮ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ। ପ୍ରାୟ ୭୦ ପ୍ରତିଶତ ମାର୍କ ରଖିଥିଲେ। ପୂର୍ବରୁ କେବେ ଏପରି ଫଳାଫଳ ଆସି ନ ଥିଲା। ସ୍କୁଲ୍ ପ୍ରାର୍ଥନାରେ ଶିକ୍ଷକ କରିଥିବା ଏହି ଘୋଷଣା ୫ ପରିଶ୍ରମୀ ଛାତ୍ରୀଙ୍କ ପାଇଁ ବାସ୍ତବତା ପାଲଟି ଯାଇଛି। ଏହା ସ୍କୁଲ୍ ପାଇଁ ମଧ୍ୟ ଗୌରବ ଆଣିଛି। ଗ୍ରାମାଞ୍ଚଳରେ ସରକାରୀ ସ୍କୁଲ୍ ପ୍ରଭାବ ହରାଉଥିବାବେଳେ ଦୁଇ ଶିକ୍ଷକଙ୍କ ନିଆରା ପ୍ରୟାସ ପିଲାଙ୍କ ପାଇଁ ବଡ଼ ସଫଳତା ଆଣି ଦେଇଛି।

## ଜୁବିନ ଗର୍ଗଙ୍କ ପରଲୋକ



ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଜଣାଶୁଣା ଆସାମୀ ତଥା ବଲିଉଡ ଗାୟକ ଜୁବିନ ଗର୍ଗ ଶୁକ୍ରବାର ପରଲୋକଗମନ କରିଛନ୍ତି। ସିଙ୍ଗାପୁରରେ ଏକ ସ୍କୁବା ଡାଇଭିଂ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଛନ୍ତି। ୫୨ ବର୍ଷୀୟ ଜୁବିନ ଶୁକ୍ରବାର ଉତ୍ତରପୂର୍ବ ମହୋତ୍ସବରେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ଥିଲା। ସ୍କୁବା ଡାଇଭିଂ କରିବା ଅବସରରେ ସେ ସମୁଦ୍ରରେ ପଡ଼ିଯାଇଥିଲେ ଓ ତାଙ୍କୁ ସିଙ୍ଗାପୁର ପୁଲିସ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ନେଇଥିଲା। ଡାକ୍ତର ତାଙ୍କୁ ଆଇସିୟୁରେ ଭର୍ତ୍ତି କରିଥିଲେ। କିନ୍ତୁ ତାଙ୍କୁ ବଞ୍ଚାଇ ପାରି ନଥିଲେ। ତାଙ୍କର ଅଚାନକ ମୃତ୍ୟୁରେ ବଲିଉଡ ସ୍ତବ୍ଧ ହୋଇଛି ଓ ତାଙ୍କ ପ୍ରଶଂସକମାନେ ମର୍ମାହତ ହୋଇଛନ୍ତି। ସେ ଉତ୍ତରପୂର୍ବ ମହୋତ୍ସବରେ ଅଂଶଗ୍ରହଣ କରିବାକୁ ସିଙ୍ଗାପୁର ଯାଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ପୂର୍ବତନ ରାଜ୍ୟସଭା ଏମ୍‌ପି ରିପୁ ବୋରା ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି। ଗ୍ୟାଙ୍ଗଷ୍ଟର ସିନେମାର ‘ୟା ଅଲି’, ହ୍ରିତିକ ରୋଶନ ଅଭିନୀତ କ୍ରିସ-୩ ସିନେମାର ‘ଦିଲ ତୁହି ବତା’ ଓ ପ୍ୟାର କା ସାଇଡ ଇଫେକ୍ସ ସିନେମାର ‘ଜାନେ କ୍ୟା ଚାହେ ମନ’ ଭଳି ଗୀତ ଗାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ବଲିଉଡ ସମେତ ସେ ଆସାମୀ, ବେଙ୍ଗଲି, ନେପାଳୀ ଓ ଅନ୍ୟ ଆଞ୍ଚଳିକ ସିନେମାରେ ଗୀତ ଗାଇ ଲୋକପ୍ରିୟତା ଅର୍ଜନ କରିଥିଲେ।

## ଇଞ୍ଜିନ ଅଏଲରେ ଜୀବନ ବିତାଉଛନ୍ତି ଅଏଲ କୁମାର

ବେଙ୍ଗାଲୁରୁ, ୧୯।୯ (ଏଜେନ୍ସି): ଅଜବ ଖାଇବା ଶୈଳୀକୁ ନେଇ କର୍ଣ୍ଣାଟକ ଶିବମୋଗାର ଜଣେ ବ୍ୟକ୍ତି ସାରା ଦେଶରେ ଚର୍ଚ୍ଚାରେ ଅଛନ୍ତି। ସେ ଅନ୍ୟମାନଙ୍କ ପରି ଭାତ ଡାଲି କିମ୍ବା ଫଳ ପନିପରିବା ଆଦି ଖାଉ ନାହାନ୍ତି। ସେ ଦିନକୁ ଚା’ ପରି ଗାଡ଼ି ମୋଟରରେ ପଡୁଥିବା ଇଞ୍ଜିନ ଅଏଲ ପିଇ ଯାଉଛନ୍ତି। ତେବେ ନୂଆ ନୁହେଁ, ଖରାପ ହେବା ପରେ ଗାଡ଼ିରୁ ବାହାରୁ ଥିବା ୭ରୁ ୮ ଲିଟର ଇଞ୍ଜିନ ଅଏଲ ଦିନକୁ ପିଉଛନ୍ତି। ସେଥିପାଇଁ ତାଙ୍କୁ ‘ଅଏଲ କୁମାର’ କୁହାଯାଉଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଇଣ୍ଟରନେଟରେ ଥିବା ଭିଡିଓରେ ସେ ଲୋକଙ୍କ ସାମ୍ନାରେ ଗଳ ଗଳ କରି ଇଞ୍ଜିନ ଅଏଲ ପିଇ ଯାଉଥିବା ଦେଖାଯାଉଛି। ଏହା ଦେହ ପାଇଁ ଅତ୍ୟନ୍ତ ଖରାପ ହୋଇଥିବାବେଳେ ସେ କେମିତି ବଞ୍ଚିଛନ୍ତି ତାହାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ଅଏଲ କୁମାର କହିଛନ୍ତି ଯେ ଗତ ୩୩ ବର୍ଷ ହେଲା ଖାଦ୍ୟ ପରିବର୍ତ୍ତେ ଇଞ୍ଜିନ ଅଏଲ ପିଇ ବଞ୍ଚିଛନ୍ତି। ଦିନକୁ ଏତେ ଇଞ୍ଜିନ ଅଏଲ ପିଉଥିବା ସତ୍ତ୍ୱେ ସେ ଆଜି ପର୍ଯ୍ୟନ୍ତ ମେଡିକାଲରେ ଭର୍ତ୍ତି ହୋଇନାହାନ୍ତି। ତାଙ୍କର କୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ମଧ୍ୟ ନାହିଁ। ସେ ଭଗବାନ ଅୟପାଙ୍କ ଜଣେ ଭକ୍ତ ମଧ୍ୟ।

### ପୁଣି ନିର୍ବାଚନ କମିଶନଙ୍କୁ ନିଶାଣ କଲେ ରାହୁଲ

## ଚେଇଁ ରହି ଚୋରି ଦେଖୁଥିଲେ ଚୌକିଦାର

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣି ‘ଭୋଟ ଚୋରି’ ଏବଂ ବେଆଇନ ଭାବେ ଭୋଟର ତାଲିକାରୁ ‘ଭୋଟରଙ୍କୁ ହଟାଇବା’ ପ୍ରସଙ୍ଗକୁ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି। ସେ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ଇସିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ‘ସକାଳ ୪ଟାରେ ଉଠ, ୩୬ ସେକେଣ୍ଡରେ ୨ ଭୋଟରଙ୍କୁ ତାଲିକାରୁ ହଟାଇ ଦେଇ ପୁଣି ଶୋଇ ଯାଅ। ଏହି ଭଳି ଭାବେ ଭୋଟ ଚୋରି କରାଯାଉଛି। ନିର୍ବାଚନ କମିଶନ ଭୋଟ ଚୋରଙ୍କୁ ସୁରକ୍ଷା ଦେଉଛନ୍ତି। ନିର୍ବାଚନର ଚୌକିଦାର ଚେଇଁ ରହି ଚୋରି ଦେଖୁଥିଲେ ଏବଂ ଚୋରଙ୍କୁ ସୁରକ୍ଷା ଦେଉଥିଲେ’ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ରାହୁଲ ଗୁରୁବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରେ ସେଣ୍ଟ୍ରାଲାଇଜ୍ଡ ସଫ୍ଟୱେର ବ୍ୟବହାର କରି ଭୋଟ ଚୋରି ଏବଂ ଭୋଟରଙ୍କ ନାମ ହଟା ଯାଇଥିବା ଅଭିଯୋଗ କରିଥିଲେ। ତେବେ ନିର୍ବାଚନ କମିଶନ ଏହି ଅଭିଯୋଗକୁ ଆଧାରହୀନ କହି ଖଣ୍ଡନ କରିଦେଇଥିଲେ। ଏହା ସହିତ ରାହୁଲ ଦେଶର ଯୁବ ବର୍ଗ, ଛାତ୍ରଛାତ୍ରୀ ଏବଂ ଜେନ୍ ଜେଡ୍ ଗୋଷ୍ଠୀଙ୍କ ସହ ଛିଡ଼ା ହୋଇଛି ବୋଲି ରାହୁଲ ଟ୍ୱିଟ୍ କରି କହିଥିଲେ।

ଅନ୍ୟପକ୍ଷରେ ରାହୁଲଙ୍କ ଟିପ୍ପଣୀକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ସମାଲୋଚନା କରିଛନ୍ତି। ଜେନ-ଜେଡ୍ ଟିପ୍ପଣୀକୁ ନେଇ ସେ କହିଛନ୍ତି ଯେ ରାହୁଲ ହତାଶ ଏବଂ

### ୩୬ ସେକେଣ୍ଡରେ ଦୁଇ ଭୋଟର ହଟାଇ ପୁଣି ଶୋଇ ପଡୁଥିଲେ

### ରାହୁଲଙ୍କୁ ସମାଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ

ନିରାଶ ହୋଇ ପଡ଼ିଛନ୍ତି। ସେ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନକଲ କରୁଥିଲେ। ଆଉ କେବେ ଜେନ-ଜେଡ୍‌ଙ୍କ କଥା କହୁଥିଲେ। ରାହୁଲ ସହରୀ ନକ୍ସଲ ହେବାକୁ ଚାହୁଁଛନ୍ତି। ସେହି ଭଳି ଭାବେ ହିଁ ପ୍ରତିକ୍ରିୟା ଦେଉଛନ୍ତି। ଦେଶକୁ ଗୃହଯୁଦ୍ଧରେ ଫସାଇବାକୁ ଚାହୁଁଛନ୍ତି। ରାହୁଲ କେତେବେଳ ମୁସଲମାନଙ୍କୁ ଉସୁକାଉଛନ୍ତି ତ



ଆଉ କେବେ ଆଧାରହୀନ କଥା କହୁଛନ୍ତି। ସେହିପରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସ କହିଛନ୍ତି ଯେ ଏହା ଭୋଟ ଚୋରିର ପ୍ରସଙ୍ଗ ନୁହେଁ ବୋଲି ପୂର୍ବରୁ କହିଥିଲି। ରାହୁଲ ଗାନ୍ଧୀଙ୍କ ବୁଦ୍ଧି ଭ୍ରମ ହୋଇଯାଇଛି। ତେଣୁ ସେ ଏଭଳି କଥା କହୁଛନ୍ତି। ସମ୍ବିଧାନରେ ଥିବା ସମସ୍ତ ବ୍ୟବସ୍ଥାକୁ ସେ ଏଡ଼ାଇ ଚାଲିଛନ୍ତି। ଏବେ ରାହୁଲ ସହରୀ ନକ୍ସଲ ହୋଇଥିବା ପ୍ରମାଣ ଦେଇଛନ୍ତି। ଜେନ୍-ଜେଡ୍‌କୁ ସମର୍ଥନ ଦେଇ ସାମ୍ବିଧାନିକ ସରକାରକୁ ଭୁଶୁଡ଼ାଇବାକୁ ରାହୁଲ ପ୍ରୟାସ କରୁଛନ୍ତି।

### ଜାତିସଂଘରେ ପାକିସ୍ତାନ, ଚୀନ୍‌କୁ ଝଟ୍‌କା

## ବିଏଲ୍‌ଏକୁ ନିଷିଦ୍ଧ ପ୍ରସ୍ତାବ ଉପରେ ଆମେରିକାର ଭିଟୋ

ନ୍ୟୁୟର୍କ, ୧୯।୯ (ଏଜେନ୍ସି): ଜାତିସଂଘରେ ଆମେରିକା ଏକ ଚକିତ କଲା ଭଳି ନିଷ୍ପତ୍ତି ନେଇଛି। ଯେଉଁ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ଓ ତା’ର ଆତ୍ମଘାତୀ ସଂଗଠନ ମଜିଦ ବ୍ରିଗେଡ୍‌କୁ ଆମେରିକା ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା ତାହାକୁ ନିଷିଦ୍ଧ କରିବା ନେଇ ଆସିଥିବା ପ୍ରସ୍ତାବ ଉପରେ ଆମେରିକା ଭିଟୋ ପ୍ରୟୋଗ କରିଛି। ଅର୍ଥାତ ଏହି ପ୍ରସ୍ତାବ ଉପରେ ଆମେରିକା ରୋକ ଲଗାଇଛି। ଏ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ବୈଠକରେ ପାକିସ୍ତାନ ଓ ଚୀନ୍ ଏହି ପ୍ରସ୍ତାବ ଆଣିଥିଲେ। ଦୁଇ ଦେଶ ବିଏଲ୍‌ଏକୁ ଏକ ପ୍ରତିବନ୍ଧିତ ସଂଗଠନ ଘୋଷଣା କରିବାକୁ ଦାବି କରିଥିଲେ। ବିଏଲ୍‌ଏ, ମଜିଦ ବ୍ରିଗେଡ୍, ଅଲ-କାଏଦା ଓ ତେହରିକ-ଇ- ତାଲିବାନ ପାକିସ୍ତାନ ଭଳି ଆତଙ୍କବାଦୀ ସଂଗଠନ ଆଫଗାନିସ୍ତାନରୁ କାର୍ଯ୍ୟ କରୁଛି ଓ ଏହା ସୀମା ଆରପଟୁ ପାକିସ୍ତାନ ଉପରେ ଆକ୍ରମଣ କରୁଛନ୍ତି ବୋଲି ଦୁଇ ଦେଶ ସୁରକ୍ଷା ପରିଷଦରେ ଦାବି କରିଥିଲା। ଆଫଗାନିସ୍ତାନରୁ ଆତଙ୍କବାଦକୁ

**■ ପୂର୍ବରୁ ବିଏଲ୍‌ଏକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା ଆମେରିକା**

ପ୍ରୋତ୍ସାହନ ଦିଆଯାଉଛି। ଏହାଦ୍ୱାର ପାକିସ୍ତାନର ସୁରକ୍ଷା ବିପଦରେ ପଡ଼ିଛି ବୋଲି ପାକିସ୍ତାନ କହିଛି। ଆମେରିକା ସମେତ ବ୍ରିଟେନ ଓ ଫ୍ରାନ୍ସ ଭଳି ୟୁରୋପୀୟ ଦେଶ ଏହି ପ୍ରସ୍ତାବକୁ ଖୋଲାଖୋଲି ଭାବେ ବିରୋଧ କରିଛନ୍ତି। କିନ୍ତୁ ଗତ ମାସରେ ଆମେରିକା ଆଶ୍ଚର୍ଯ୍ୟଜନକ ଭାବେ ବିଏଲ୍‌ଏ ଓ ମଜିଦ ବ୍ରିଗେଡ୍‌କୁ ବିଦେଶୀ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରିଥିଲା। ବିଏଲ୍‌ଏ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ ବୋଲି ଆମେରିକା କହିଛି। ପୁଣି ବିଏଲ୍‌ଏ ସହିତ ଆଲ-କାଏଦାର ସମ୍ପର୍କ ଥିବାର କୌଣସି ଠୋସ୍ ପ୍ରମାଣ ମଧ୍ୟ ମିଳିନାହିଁ। ତେଣୁ ବିଏଲ୍‌ଏକୁ ଜାତିସଂଘର ୧୨୬୭ ପ୍ରତିବନ୍ଧ ସୂଚୀରେ ସାମିଲ କରାଯାଇପାରିବ ନାହିଁ ବୋଲି ଆମେରିକା ସ୍ପଷ୍ଟ କରିଛି। ଏହି ସୂଚୀ ମଧ୍ୟରେ ସାମିଲ ହୋଇଥିବା ସଂଗଠନଗୁଡିକୁ ଯାତ୍ରା ପ୍ରତିବନ୍ଧ ଲାଗୁ କରାଯିବା ସହ ସମ୍ପତ୍ତି ବ୍ୟାଜାପ୍ତି କରାଯାଇଥାଏ। ଅସ୍ତ୍ରଶସ୍ତ୍ର କ୍ରୟ କରିବା ଉପରେ ରୋକ ଲଗାଯାଇଥାଏ। ଉଲ୍ଲେଖଥାଉ କି, ବିଏଲ୍‌ଏ ବେଲୁଚିସ୍ତାନକୁ ପାକିସ୍ତାନଠାରୁ ସ୍ୱାଧୀନ କରିବାକୁ ୧୯୭୦ରୁ ସଂଘର୍ଷ କରୁଛି। ଏଥିପାଇଁ ପାକିସ୍ତାନ ସେନା ଉପରେ ଆକ୍ରମଣ ଜାରି ରଖିଛି।

## ଉତ୍ତରପ୍ରଦେଶରେ ବଜ୍ରପାତରେ ୭ ମୃତ

### ହିମାଚଳରେ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ

### ୧୬ ଘଣ୍ଟା ପରେ ଅବଶେଷ ତଳୁ ଜଣେ ଜୀବନ୍ତ ଉଦ୍ଧାର

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଜୋନପୁରରେ ୩, କୌଶାମ୍ବିରେ ୨ ଓ ହମିରପୁର- ଚାନ୍ଦୋଲୀରେ ଜଣେ ଲେଖାଏ ବଜ୍ରପାତ କାରଣରୁ ପ୍ରାଣ ହରାଇଛନ୍ତି। ସେହିପରି ପ୍ରତାପଗଡ଼ରେ ଗୋବିନ୍ଦପୁର ଗାଁରେ ବଜ୍ରପାତ କାରଣରୁ ଗୋଟିଏ ଘରେ ନିଆଁ ଲାଗି ଯାଇଥିଲା। କୌଶାମ୍ବୀରେ ବଜ୍ରପାତ କାରଣରୁ ୨ ମହିଳା ପ୍ରାଣ ହରାଇଛନ୍ତି। ସେହିପରି ଉତ୍ତରାଖଣ୍ଡର ଚାମୋଲୀ ଜିଲ୍ଲାର ନନ୍ଦନଗରରେ ଗୁରୁବାର ରାତିରେ ହୋଇଥିବା ବାଦଲ ଫଟା ବର୍ଷା କାରଣରୁ ୧୪ ଜଣ ଲୋକ ନିଖୋଜ ଥିଲେ। କିଛି ଲୋକ ଆବର୍ଜନା ତଳେ ଦବି ଯାଇଥିଲେ। ଘଟଣାର ୧୬ ଘଣ୍ଟା ପରେ ଜଣେ ବ୍ୟକ୍ତିଙ୍କୁ ଅବଶେଷ ତଳୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏଥିରେ ଅଞ୍ଚଳରେ ୨୦୦ ଲୋକ ପ୍ରଭାବିତ ହୋଇଛନ୍ତି। ୩୫ରୁ ଉର୍ଦ୍ଧ୍ୱ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଡେରାଡୁନ- ମସୁରୀରେ ସଡ଼କ ଏବେ ବି କ୍ଷତିଗ୍ରସ୍ତ ରହିଛି। ଏହି କାରଣରୁ ମସୁରୀରେ ଥିବା ୨୦୦୦ ପର୍ଯ୍ୟଟକ ସୁରକ୍ଷିତ ଅଛନ୍ତି।

## ଦୁଷ୍କର୍ମ ମାମଲାରେ ଲଳିତ ମୋଦୀଙ୍କ ଭାଇ ଗିରଫ

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦୀଙ୍କ ଭାଇ ତଥା ପ୍ରତିଷ୍ଠିତ ବ୍ୟବସାୟୀ ସମୀର ମୋଦୀଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ଗିରଫ କରାଯାଇଛି। ଦିଲ୍ଲୀ ପୁଲିସ ତାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ କରିଛି। ୨୦୧୯ରେ ସମୀର କ୍ରମାଗତ ଭାବେ ଦୁଷ୍କର୍ମ କରିବା ସହ ବ୍ଲାକମେଲିଂ ଓ ଧୋକା ଦେଉଥିବାର ଜଣେ ମହିଳା ଅଭିଯୋଗ କରିଛନ୍ତି। ସେପ୍ଟେମ୍ବର ୧୦ରେ ମହିଳା ଜଣକ ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ୍ କଲୋନୀ ଥାନାରେ ମାମଲା ଦାଏର କରିଥିଲେ। ଏହାପରେ ସମୀରଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର (ଏଲ୍‌ଓସି) ଜାରି କରାଯାଇଥିଲା। ଗୁରୁବାର ୟୁରୋପରୁ ବ୍ୟବସାୟିକ ଗସ୍ତରୁ ଫେରିବା ପରେ ତାଙ୍କୁ ବିମାନ ବନ୍ଦରରୁ ଗିରଫ କରାଯାଇଥିଲା। ଦିଲ୍ଲୀର ଏକ କୋର୍ଟ ତାଙ୍କୁ ଦୁଇ ଦିନ ପାଇଁ ପୁଲିସ ହେପାଜତକୁ ପଠାଇଛନ୍ତି। ସମୀରଙ୍କ ବିରୋଧରେ କରାଯାଇଥିବା ସବୁ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ ବୋଲି ତାଙ୍କ ଓକିଲ କହିଛନ୍ତି। ଦୁଷ୍କର୍ମ କଥା ସାର୍ବଜନୀନ କରିବା ପରେ ହତ୍ୟା ଧମକ ଦିଆଯାଇଛି ବୋଲି ମହିଳା ଜଣକ ଅଭିଯୋଗ ଆଣିଛନ୍ତି। ତେବେ ମହିଳା ଜଣକ ସମୀରଙ୍କ ସହ ୨୦୧୯ରୁ ରହିଆସୁଥିଲେ ଓ ୫୦ କୋଟି ଟଙ୍କା ମାଗୁଛନ୍ତି ବୋଲି ତାଙ୍କ ଓକିଲ କହିଛନ୍ତି।

### କେନ୍ଦ୍ରର ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

## ଏନ୍‌ଜିଓ ସାମାଜିକ ସେବା କଲେ ସମସ୍ୟା କ’ଣ

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଏକ୍ ଏନ୍‌ଜିଓର ଲାଇସେନ୍ସ ନବୀକରଣ ପାଇଁ ମାଡ୍ରାସ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ବିରୋଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାଏର ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏହି ଏନ୍‌ଜିଓ ‘ଏଲେନ ଶର୍ମା ମେମୋରିଆଲ ଟ୍ରଷ୍ଟ’ ବିଦେଶୀ ଯୋଗଦାନକୁ ଗ୍ରହଣ କରୁଥିଲା। ତେବେ ଏଫ୍‌ସିଆରଏ ଆଇନର ଧାରା ୭ ଉଲ୍ଲଙ୍ଘନ କରୁଥିବାରୁ କେନ୍ଦ୍ର ନବୀକରଣ ପାଇଁ ଅନୁମତି ଦେଇ ନ ଥିଲା। ଏହା ପରେ ଏନ୍‌ଜିଓ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆଜି ଏହି ମାମଲାରେ ଶୁଣାଣି କରି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ କେନ୍ଦ୍ରକୁ ସମାଲୋଚନା କରି ଏନ୍‌ଜିଓକୁ ଆଉ ହଇରାଣ ନ କରିବାକୁ କହିଥିଲେ। ଖଣ୍ଡପୀଠ ପଚାରି ଥିଲେ ଯେ ଏନ୍‌ଜିଓ କିଛି ଭୁଲ୍ କରିଛି କି? ଯେଉଁ ପାଣ୍ଠି ମିଳିଛି ତାହାର ଅପବ୍ୟବହାର କରିଛି କି? ଏନ୍‌ଜିଓ ଏଭଳି କିଛି କରିଥିବା ପ୍ରମାଣ ନାହିଁ। ଯଦି ସମାଜର ସେବା କରାଯାଉଛି ତେବେ କେନ୍ଦ୍ରର ଅସୁବିଧା କ’ଣ? ଏହା ଉପରେ ନଜର ରଖ। ବାର୍ଷିକ କାର୍ଯ୍ୟକଳାପର ବିବରଣୀ ଆଦି ଦାଖଲ କରିବାକୁ ଦିଅ। ମାମଲାକୁ ବେଶୀ ଜଟିଳ କରି ଆଉ ଏନ୍‌ଜିଓକୁ ହଇରାଣ କରନାହିଁ।

### ● ମଣିପୁରରେ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ

## ଆସାମ ରାଇଫଲ୍ସର ୨ ଯବାନ ସହିଦ, ୪ ଆହତ

ଇମ୍ଫାଲ, ୧୯।୯ (ଏଜେନ୍ସି): ମଣିପୁର ବିଷ୍ଣୁପୁର ଜିଲ୍ଲାର ନାମ୍ବୋଲ ସବାଲ ଲେଇକାଇ ଅଞ୍ଚଳରେ ଶୁକ୍ରବାର ସୁରକ୍ଷାବାହିନୀ ଉପରେ ଅତର୍କିତ ଆକ୍ରମଣ ହୋଇଛି। ଚାରିପଟୁ ଘେରି ଆସାମ ରାଇଫଲ୍ସର ଏକ ଗାଡି ଉପରକୁ କିଛି ଉଗ୍ରବାଦୀ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ ଆସାମ ରାଇଫଲ୍ସର ଦୁଇଜଣ ଯବାନ ସହିଦ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦା ଓ ପୁଲିସକର୍ମୀଙ୍କ ସହାୟତାରେ ଆହତଙ୍କୁ ଆରଆଇଏମ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜଧାନୀ ଇମ୍ଫାଲରୁ ବିଷ୍ଣୁପୁର ଯାଉଥିବା ବେଳେ ସନ୍ଧ୍ୟା ୬ଟାରେ ଏହି ଆକ୍ରମଣ ହୋଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହାପରେ ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ସୁରକ୍ଷାବଳ ତଲାସୀ ଅଭିଯାନ ଆରମ୍ଭ କରିଛି। ଏହି ଆକ୍ରମଣର କାରଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଏ ନେଇ ତଦନ୍ତ ଚାଲିଛି। ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ଏଭଳି ହିଂସାତ୍ମକ କାର୍ଯ୍ୟକଳାପକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ମୃତ ଯବାନଙ୍କ ପରିବାର ପ୍ରତି ସେ ଶୋକ ଜାହିର କରିବା ସହ ସମବେଦନା ଜ୍ଞାପନ କରିଛନ୍ତି। ଉଲ୍ଲେଖଥାଉ କି, ମଣିପୁରର ଜିରିବାମ୍ ଜିଲ୍ଲାରେ ୨୦୨୪ ନଭେମ୍ବର ୧୦ରେ ସିଆରପିଏଫ୍ ଯବାନ ଏନକାଉଣ୍ଟର କରି ୧୦ଜଣ କୁକି ଉଗ୍ରବାଦୀଙ୍କୁ ନିପାତ କରିଥିଲେ।

## ୮୦୮ ନିଷ୍କ୍ରିୟ ରାଜନୈତିକ ଦଳକୁ ଅଣ-ତାଲିକାଭୁକ୍ତ କଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ରାଜନୈତିକ ଦଳ ମାଧ୍ୟମରେ କଳା ଟଙ୍କାକୁ ଧଳା କରିବା ମାମଲା ସାମ୍ନାକୁ ଆସିବା ପରେ ଭାରତୀୟ ନିର୍ବାଚନ କମିଶନ ସଫେଇ ଅଭିଯାନକୁ ଜୋରଦାର କରିଛନ୍ତି। ଗତ ୬ ବର୍ଷ ହେଲା କୌଣସି ନିର୍ବାଚନ ଲଢ଼ି ନ ଥିବା ୮୦୮ ପଞ୍ଜିକୃତ ଅଣ-ମାନ୍ୟତାପ୍ରାପ୍ତ ରାଜନୈତିକ ଦଳ (ଆରୟୁପିପି)କୁ ଅଣ-ତାଲିକାଭୁକ୍ତ କରିଦେଇଛନ୍ତି। ୧୯୫୧ର ଲୋକ ପ୍ରତିନିଧି ଆଇନର ଧାରା ୨୯ଏ ଅନୁଯାୟୀ ରାଜନୈତିକ ଦଳ ଗୁଡିକର ପଞ୍ଜୀକରଣ ହୋଇଥାଏ। ପଞ୍ଜୀକରଣ ପରେ ଏହି ଦଳଗୁଡିକ ନିର୍ଦ୍ଦିଷ୍ଟ ଲାଭ ପାଇଥାନ୍ତି। ନିର୍ବାଚନୀ ଚିହ୍ନ ଏବଂ ଟିକସରେ ରିଆତି ଆଦି ସୁବିଧା ମିଳିଥାଏ। ଏହାର ଲାଭ ଉଠାଇ କିଛି ରାଜନୈତିକ ଦଳ ବେଆଇନ କାରବାର ଚଳାଉ ଥିଲେ।

ଗତ ଜୁନ୍‌ରୁ ଇସି ଏହି ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଅଗଷ୍ଟ ୯ ତାରିଖରେ ୩୩୪ ଅଣ-ମାନ୍ୟତା ପ୍ରାପ୍ତ ଦଳଙ୍କୁ ତାଲିକାରୁ ହଟାଇ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ୪୭୪ ଦଳଙ୍କୁ ବାଦ୍ ଦେଇଥିଲେ। ଏହାକୁ ମିଶାଇ ମୋଟ ୮୦୮ ଦଳଙ୍କୁ ଅଣ-ତାଲିକାଭୁକ୍ତ କରାଗଲାଣି। ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତର ପ୍ରଦେଶର ସର୍ବାଧିକ ୧୨୧ ଦଳ, ମହାରାଷ୍ଟ୍ରର ୪୪, ତାମିଲନାଡୁର ୪୨, ଦିଲ୍ଲୀର ୪୦, ପଞ୍ଜାବର ୨୧, ମଧ୍ୟପ୍ରଦେଶର ୨୩, ବିହାରର ୧୫, ରାଜସ୍ଥାନ ଏବଂ ଆନ୍ଧ୍ର ପ୍ରଦେଶର ୧୭ଟି ଲେଖାଏଁ ଦଳ ସାମିଲ ରହିଛି। ଏହି ପର୍ଯ୍ୟାୟରେ ୩୦ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୭୪ ଦଳଙ୍କୁ ବାଦ୍ ଦିଆଯାଇଛି। ତୃତୀୟ ପର୍ଯ୍ୟାୟରେ ୨୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୩୫୯ ଦଳ ବିଚାରାଧୀନ ଅଛନ୍ତି। ଏହି ଦଳଗୁଡିକ ନିର୍ବାଚନ ଲଢ଼ିଥିବାବେଳେ ତିନି ବର୍ଷର ବାର୍ଷିକ ସମୀକ୍ଷା ରିପୋର୍ଟ ଦାଏର କରିନାହାନ୍ତି।

## ପାକିସ୍ତାନ ଘର ଭଳି ଲାଗୁଛି: ପିଟ୍ରୋଡା

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): କଂଗ୍ରେସର ବରିଷ୍ଠ ନେତା ସାମ ପିଟ୍ରୋଡା ପୁଣି ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଶୁକ୍ରବାର ଏକ ଖବର ସରବରାହ ସଂସ୍ଥାକୁ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି ଯେ, ମୁଁ ପାକିସ୍ତାନ ଯାଇଥିଲି ଓ ସେଠାରେ ଘରେ ଥିବା ଭଳି ଅନୁଭବ କରିଥିଲି। ଏହିକ୍ରମରେ ସେ ନେପାଳ ଓ ବାଂଲାଦେଶକୁ ମଧ୍ୟ ପ୍ରଶଂସା କରିବାକୁ ପଛାଇ ନାହାନ୍ତି। ମୁଁ ନେପାଳ ଓ ବାଂଲାଦେଶକୁ ମଧ୍ୟ ଯାଇଥିଲି। ସେଠାରେ ମଧ୍ୟ ଘର ଭଳି ଅନୁଭବ କରିଥିଲି। ବିଦେଶରେ ଥିବା ଭଳି ମୋତେ ଲାଗୁ ନ ଥିଲା। ଏହି ଦେଶର ନାଗରିକମାନେ ମୋ ଭଳି ଦେଖାଯାଉଥିଲେ ଓ ମୋ ଭଳି କଥାବାର୍ତ୍ତା କରୁଥିଲେ।

## ଛାର୍‌ଖାର କରିଦେଲା ଜେନ୍-ଜେଡ୍ ଆନ୍ଦୋଳନ

## ନେପାଳ ଏବେ ନିଃସ୍ୱ: ପ୍ରଧାନମନ୍ତ୍ରୀ ସୁଶୀଳା

କାଠମାଣ୍ଡୁ, ୧୯।୯ (ଏଜେନ୍ସି): ନେପାଳ ଏବେ ଜିରୋ ଷ୍ଟେଟ୍ ଅର୍ଥାତ ଶୂନ୍ୟ ସ୍ଥିତିରେ ଅଛି। ଦେଶର ସ୍ଥିତି ଏବେ ବହୁତ ଗମ୍ଭୀର। ଜେନ୍- ଜେଡ ଆନ୍ଦୋଳନରେ ସବୁକିଛି ଜଳି ପଡ଼ି ଛାରଖାର ହୋଇଛି। ଆମ ପାଖରେ କ୍ୟାବିନେଟ ଅଛି, କିନ୍ତୁ ମନ୍ତ୍ରଣାଳୟ ପାଖରେ କାର୍ଯ୍ୟକରିବା ପାଇଁ ବିଲ୍ଡିଂ, କାର୍ଯ୍ୟାଳୟ ଓ ଆବଶ୍ୟକୀୟ କାଗଜପତ୍ର କିଛି ନାହିଁ। ରାଜଧାନୀ କାଠମାଣ୍ଡୁର ସିଂହ ଦରବାରରେ ସେପ୍ଟେମ୍ବର ୯ରେ ହୋଇଥିବା ଭୟଙ୍କର ପୋଡା ଜଳାରେ ଦେଶର ସରକାରୀ ଭିତ୍ତିଭୂମୀକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦିଆଯାଇଛି ବୋଲି ନେପାଳର କାମଚଳା ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି କହିଛନ୍ତି।

ସିଂହ ଦରବାରରେ ପରିସର ଏକଦା ଏକ ଭବ୍ୟ ମହଲ ଥିଲା ଓ ଏଥିରେ ୨୦ରୁ ଅଧିକ ମନ୍ତ୍ରଣାଳୟର ମୁଖ୍ୟ କାର୍ଯ୍ୟାଳୟ ଥିଲା। ଏବେ କିନ୍ତୁ ଏହା ଆବର୍ଜନାର



କେନ୍ଦ୍ରରେ ପରିଣତ ହୋଇଛି। ଏହି ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ଦେଶର ସଂସଦ ଓ ପ୍ରାୟ ସବୁ ମନ୍ତ୍ରଣାଳୟର କାର୍ଯ୍ୟାଳୟ ନଷ୍ଟ ହୋଇଛି। ଏହି କ୍ରମରେ ସରକାରୀ କାଗଜପତ୍ର, ଜନ୍ମପ୍ରମାଣ ପତ୍ର, କମ୍ପାନୀ ରେଜିଷ୍ଟ୍ରେସନ ଓ ଅନ୍ତରାଷ୍ଟ୍ରୀୟସ୍ତରରେ ହୋଇଥିବା ବୁଝାମଣା ତଥା ଚୁକ୍ତିର ମୂଳ କାଗଜପତ୍ର ଜଳି ନଷ୍ଟ ହୋଇଛି। କେବଳ ସୁପ୍ରିମକୋର୍ଟର ୬୦ ହଜାର ଫାଇଲ ଜଳି ପାଉଁଶ ହୋଇଯାଇଛି। ସଂସଦ, ରାଷ୍ଟ୍ରପତି ଭବନଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ, ସରକାରଙ୍କ ୩୦୦ରୁ ଅଧିକ ବିଲ୍ଡିଂରେ ନିଆଁ ଲଗାଇ ନଷ୍ଟ କରିଦିଆଯାଇଛି। ଦେଶ ଚଳାଇବାକୁ ସବୁ

**■ ସରକାରୀ ଭିତ୍ତିଭୂମି, କାଗଜପତ୍ର ସ୍ୱାହା**

ସଂସ୍ଥା ଓ ଦସ୍ତାବିଜ ନଷ୍ଟ ହୋଇଛି। କିନ୍ତୁ ଆମେ ପୁଣି ଥରେ ଉଠି ଛିଡା ହେବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଭିନ୍ନ ଦସ୍ତାବିଜ ଜଳିଯିବା ପରେ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। କାଠମାଣ୍ଡୁ ଘାଟୀର ସବୁ ୧୧୨ ପୁଲିସ ଥାନା ନଷ୍ଟ ହୋଇଛି। ତେଣୁ ପୁଲିସ କର୍ମଚାରୀ ସବୁ ତମ୍ବୁରେ ରହି କାର୍ଯ୍ୟ କରୁଛନ୍ତି। ଲୋକ ଜନ୍ମପ୍ରମାଣପତ୍ର, ପାସପୋର୍ଟ, ପେନ୍‌ସନ ଓ ବ୍ୟାଙ୍କ ସେବା ପାଇଁ ହନ୍ତସନ୍ତ ହେଉଛନ୍ତି। ଆର୍ଥିକ ଓ ରାଜନୈତିକ ଅସ୍ଥିରତା ପାଇଁ ପ୍ରତିଦିନ ଦୁଇ ହଜାର ନେପାଳ ନାଗରିକ ବିଦେଶ ପଳାୟନ କରୁଛନ୍ତି। ବିତାଡ଼ିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ୯ ଦିନ ପରେ ନିଜ ଘରେ ପହଞ୍ଚିଛନ୍ତି। ପୁଣି ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ଆଣିବାକୁ ସୁଶୀଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି। ଦେଶରେ ଶାନ୍ତି ଫେରାଇ ଆଣିବାକୁ ଭାରତ ସବୁ ପ୍ରକାର ସହଯୋଗ କରିବ ବୋଲି ମୋଦୀ ପ୍ରତିଶ୍ରୁତ ଦେଇଛନ୍ତି।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର

ମହାକାଳପଡ଼ା, ୧୯।୯ (ସମିସ): ଆଜି ମହାକାଳପଡ଼ା ବ୍ଲକ୍ ସୁନିତି ପଞ୍ଚାୟତର ବେଣାକନ୍ଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ଗୋବରୀ ନଦୀ କୂଳକୁ ଛେଳି ଆଣିବାକୁ ଯାଇଥିବା ବେଳେ ତାଙ୍କୁ କୁମ୍ଭୀର ଟାଣି ନେଇଛି। ବହୁ ଖୋଜାଖୋଜି ପରେ ମଧ ତାଙ୍କର ପତ୍ତା ମିଳିପାରିନାହିଁ। ଆଜି ଦିନ ପ୍ରାୟ ସାଢ଼େ ୩ଟାରେ ବେଣାକନ୍ଦା ଗ୍ରାମର ଲକ୍ଷ୍ମୀ ଦଳାଇ ଗୋବରୀ ନଦୀ କୂଳକୁ ଛେଳିକୁ ଆଣିବାକୁ ଯାଇଥିଲେ। ସେତିକିବେଳେ ନଦୀ ପଠାରେ ଗୋଟିଏ କୁମ୍ଭୀର ଛେଳିକୁ ଝାମ୍ପିନେବାକୁ ବସିଥିଲା। ଏହାଦେଖି ଲକ୍ଷ୍ମୀ ଛେଳିକୁ ଖୁଣ୍ଟରୁ ଫିଟାଇଦେଇଥିଲେ। ଛେଳିଟି ଦୌଡ଼ି ପଳାଇ ଯାଇଥିବା ବେଳେ ଅସାବଧାନତାବଶତଃ ନଦୀପଠାରେ ଲକ୍ଷ୍ମୀଙ୍କ ଗୋଡ଼ ଖସିଯାଇଥିଲା ଏବଂ କୁମ୍ଭୀରଟି ତାଙ୍କୁ ଟାଣି ନେଇଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କରିବାକୁ ପ୍ରୟାସ କରିଥିଲେ ହେଁ ସମ୍ଭବପର ହୋଇପାରିନାହିଁ।



## ତଟରକ୍ଷୀ ବାହିନୀରେ ସାମିଲ ହେଲା 'ଅଦମ୍ୟା'

ପାରାଦୀପ,୧୯।୯(ସମିସ): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଜାହାଜ ଆଇସିଜିଏସ୍ 'ଅଦମ୍ୟା' ଆଜି ତଟରକ୍ଷୀ ବାହିନୀରେ ସାମିଲ ହୋଇଛି। ପାରାଦୀପଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରାଳୟର ଯୁଗ୍ମ ସଚିବ ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅତ୍ୟାଧୁନିକ ଜାହାଜ 'ଅଦମ୍ୟା'କୁ ଉଦ୍‌ଘାଟନ କରିଛନ୍ତି। ଏହି ଜାହାଜର ଲମ୍ବ ୫୧ମିଟର ଓ ଓଜନ ୩୨୦ ଟନ୍। ଏହା ୫୭୫ କିଲୋମିଟର ଉପକୂଳକୁ ସୁରକ୍ଷା ଦେବ। ମେସର୍ସ ଗୋଆ ସିପ୍ୟାର୍ଡ୍ ଲିମିଟେଡ୍ ଦ୍ୱାରା ଏହା ନିର୍ମାଣ ହୋଇଛି। ଏହା ଦୁଇଟି ୩୦୦୦ କିଲୋୱାଟ୍‌ର ଡିଜେଲ୍ ଇଞ୍ଜିନ୍ ଦ୍ୱାରା ଚାଳିତ। ଆଧୁନିକ ପ୍ରଣାଳୀରେ ନିର୍ମିତ ଏହି ଜାହାଜରେ ୩୦ମିମି ସିଆରଏନ୍ ୯୧ ବନ୍ଧୁକ ଓ ଦୁଇଟି ୧୨.୭ ମିମି ସ୍ଥିର ରିମୋର୍ଟ କଣ୍ଟ୍ରୋଲ ମେସିନ୍-ଗନ୍ ରହିଛି। ଅନୁରାଗ ପାଣ୍ଡେ ଏହି ଜାହାଜର କମାଣ୍ଡର୍। ଏହାବ୍ୟତୀତ ଏହି ଜାହାଜରେ ୫ ଧିକାରୀ ଓ ୩୪ ଜଣ କର୍ମଚାରୀ କାମ କରିବେ। ଏହା ଭାରତୀୟ କୋଷ୍ଟଗାର୍ଡର କ୍ଷମତାକୁ ଅଧିକ ସୁଦୃଢ଼ କରିବ। ତେବେ କୋଷ୍ଟଗାର୍ଡ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପାରାଦୀପ କୋଷ୍ଟଗାର୍ଡର ବରିଷ୍ଠ ଅଧିକାରୀ, ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ପ୍ରମୁଖ ଯୋଗ ଦେଇଥିଲେ।

**୫୭୫ କିଲୋମିଟର ଉପକୂଳକୁ ଦେବ ସୁରକ୍ଷା**




## ଭିଜିଲାନ୍ସ ଜାଲରେ କାଶୀପୁର ରେଞ୍ଜର

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୯ ସ୍ଥାନରେ ଚଢ଼ଉ**

କାଶୀପୁର,୧୯।୯(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ କାଶୀପୁର ରେଞ୍ଜର (ବନାଞ୍ଚଳ ଅଧିକାରୀ) ଅନ୍ତର୍ଯ୍ୟାମୀ ସାହୁଙ୍କ କାଶୀପୁରସ୍ଥିତ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଆଜି ଭିଜିଲାନ୍ସ ଚଢ଼ଉ କରିଛି। ଏଥିସହ ଭିଜିଲାନ୍ସ ଟିମ୍ କାଶୀପୁର, ବ୍ରହ୍ମପୁର, ବାଲିଗୁଡ଼ା, ଭଞ୍ଜନଗର, ନୟାଗଡ଼ ସମେତ ରାଜ୍ୟର ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛନ୍ତି। ଯାଞ୍ଚ ବେଳେ ତାଙ୍କର ବାଲିଗୁଡ଼ା ସହର ଉପକଣ୍ଠରେ ୬ଟି ପ୍ଲଟ୍, ବ୍ରହ୍ମପୁରର ଜୋଗିଆପାଲିରେ ଗୋଟିଏ ପ୍ଲଟ୍, ଗଞ୍ଜାମର କୋଡାସିଂରେ ୨ଟି ପ୍ଲଟ୍ ସମେତ ୯ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ବ୍ୟାଙ୍କ, ଡାକ ଏବଂ ବୀମାଜମା ଏବଂ ଅନ୍ୟାନ୍ୟ ନିବେଶ ଉପରେ ଯାଞ୍ଚ କରାଯାଉଛି। ଏଥିସହ ତାଙ୍କର ବାଲିଗୁଡ଼ା ଏସ୍‌ବିଆଇ ଶାଖାରେ ଏକ ଲକର୍ ଥିବା ମଧ ଜଣାପଡ଼ିଛି। ଚଢ଼ଉ ଜାରି ରହିଥିବାରୁ ସମ୍ପତ୍ତି ନେଇ ସବିଶେଷ ତଥ୍ୟ ମିଳିପାରିନାହିଁ। କାଶୀପୁର ସରକାରୀ ବାସଭବନ ଏବଂ ବନବିଭାଗ କାର୍ଯ୍ୟାଳୟରେ ଯାଞ୍ଚ କରିବା ପରେ ଶ୍ରୀ ସାହୁଙ୍କୁ ରାୟଗଡ଼ା ଜିଲ୍ଲା ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରୁ ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଉଥିବା ସୂଚନା ମିଳିଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଏସ୍‌ପି ଅନନ୍ତ ମଲ୍ଲିକଙ୍କ ଉପସ୍ଥିତିରେ ୭ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର୍, ୯ ଏଏସ୍‌ଆଇ ଓ ଅନ୍ୟାନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ଅଛନ୍ତି।

**ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା**

## ଗୋଟିଏ ଜାଗାରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଥିଲେ ବଦଳି

ଭୁବନେଶ୍ୱର,୧୯।୯(ସମିସ): ଗୋଟିଏ ସ୍ଥାନରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଜସ୍ୱ ବିଭାଗ କର୍ମଚାରୀ କାର୍ଯ୍ୟ କରିପାରିବେ ନାହିଁ। ୩ ବର୍ଷ ଧରି ଗୋଟିଏ ସ୍ଥାନରେ ଥିବା ରାଜସ୍ୱ କର୍ମଚାରୀଙ୍କୁ ବଦଳି ପାଇଁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗ ନିର୍ଦ୍ଦେଶ ଦେଇଛି। ୩ ବର୍ଷରୁ ଅଧିକ ସମୟ ପୂରଣ କରୁଥିଲେ ସେକ୍ସନ୍ ଅଫିସର୍, ସିନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟ, ଜୁନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କ ସହ ଆର୍‌ଆଇ, ସହକାରୀ ଆର୍‌ଆଇ, ଅମିନଙ୍କର ବଦଳି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଜିଲ୍ଲାପାଳ, ଉପଜିଲ୍ଲାପାଳ, ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ବିଭାଗ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଲାଗୁ ହେବ। ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଥିବା କିଛି କର୍ମଚାରୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ଆସୁଛି। ନିୟମିତ ଭାବେ କର୍ମଚାରୀଙ୍କ ବଦଳି ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ ମଧ ବହୁ କର୍ମଚାରୀ ଗୋଟିଏ ଅଫିସ ଅବା ପଦବିରେ ବର୍ଷ ବର୍ଷ ଧରି ରହିଛନ୍ତି। ତେଣୁ ବିଭାଗ ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବିଭାଗର ନିର୍ଦ୍ଦେଶନାମା ଉପରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବିଭାଗକୁ ୧୫ ଦିନ ମଧ୍ୟରେ ଅବଗତ କରାଇବାକୁ ଚିଠିରେ ଉଲ୍ଲେଖ ରହିଛି।

# ସରକାରଙ୍କ ତଣ୍ଟିରେ ରତ୍ନ ଅଳଙ୍କାର କଣ୍ଟା

ପୁରୀ,୧୯।୯(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ବିଗତ ଦିନରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜନୀତି ସରଗରମ ହୋଇଛି। ଏବେ ବି ଏହା ଉପରେ ରହିରହି ତର୍ଜମା ଚାଲିଛି। କେବେ ଗଣତିମଣତି ହେବ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନ ଅଳଙ୍କାର? ଏହି ପ୍ରଶ୍ନ ଏବେ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏହାକୁ ନେଇ ଏବେ ଦୋଛକିରେ ରାଜ୍ୟ ସରକାର। ଗଣିଲେ ଦୋଷ, ନ ଗଣିଲେ ବି ବଦ୍‌ନାମ। ରାଜ୍ୟର ନୂଆ ବିଜେପି ସରକାର ତଣ୍ଟିରେ ଏବେ ରତ୍ନଅଳଙ୍କାର କଣ୍ଟା ଲାଗିଛି। ନା ଢୋକି ପାରୁଛନ୍ତି ନା କାଢ଼ି ପାରୁଛନ୍ତି। ଏହାରି ଭିତରେ କେବେ ପୂର୍ବ ତାଲିକା ସହ ମହାପ୍ରଭୁଙ୍କ ରତ୍ନଅଳଙ୍କାର ମେଳ କରାଯିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରତ୍ନଭଣ୍ଡାରକୁ ଏକ ପ୍ରମୁଖ ପ୍ରସଙ୍ଗ କରିଥିଲା। ବିଜେପିର ଜାତୀୟସ୍ତରର ନେତାଙ୍କ ସମେତ ଅନ୍ୟ ରାଜ୍ୟର ନେତାମନ୍ତ୍ରୀମାନେ ମଧ ରତ୍ନଭଣ୍ଡାରକୁ ପ୍ରସଙ୍ଗ କରି ଓଡ଼ିଶାରେ ନିର୍ବାଚନ ମଞ୍ଚକୁ ଦୋହଲାଇଥିଲେ। ରତ୍ନଭଣ୍ଡାର ଚାବି କୁଆଡ଼େ ଗଲା ବୋଲି ପ୍ରଶ୍ନ କରି ପୂର୍ବର ବିଜେଡି ସରକାରଙ୍କ ଉପରକୁ ଅଙ୍ଗୁଳି ଉଠାଇଥିଲେ। ମହାପ୍ରଭୁଙ୍କ ରତ୍ନଅଳଙ୍କାର ସୁରକ୍ଷାକୁ ନେଇ ବି ରାଜ୍ୟ ବିଜେପି ନେତାମାନେ ରଡ଼ି ଛାଡ଼ିଥିଲେ। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରି ରତ୍ନଭଣ୍ଡାର ଖୋଲିବା ଏବଂ ଗଣତିମଣତି



ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କଲା। ଶେଷରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ, ଗତବର୍ଷ ଜୁଲାଇ ୧୪ ଏବଂ ଜୁଲାଇ ୧୮ ରେ ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ସମସ୍ତ ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ବାହାରକୁ ଅଣାଯାଇ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଛି। ପରେ ଏଏସ୍‌ଆଇକୁ ଉଭୟ ରତ୍ନଭଣ୍ଡାରର ସଂରକ୍ଷଣ ତଥା ମରାମତି ଦାୟିତ୍ୱ ଦିଆଯାଇଥିଲା। ଗତବର୍ଷ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇ ପ୍ରାୟ ୬ମାସ ଧରି ଚାଲିଥିଲା। ୯୫ ଦିନ ଧରି ମରାମତି କାର୍ଯ୍ୟ ପରେ ଗତ ଜୁନ୍‌ରେ ରତ୍ନଭଣ୍ଡାରକୁ ଏଏସ୍‌ଆଇ ଶ୍ରୀମନ୍ଦିର ଜିମା ଦେଇସାରିଛି। କାର୍ଯ୍ୟ ଶେଷ ହୋଇଥିବାରୁ ପୂର୍ବ ନିଷ୍ପତ୍ତି ପ୍ରକାରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। କିନ୍ତୁ, ଏହାକୁ ନେଇ

**■ ନା ଢୋକି ପାରୁଛନ୍ତି ନା କାଢ଼ି ପାରୁଛନ୍ତି**
**■ ବଦ୍‌ନାମ ହେବାର ଭୟ ଘାରୁଥିବା ଚର୍ଚ୍ଚା**

ଏବେ ପ୍ରଶ୍ନ ଉଠାଇଛନ୍ତି ସେବାୟତ ଓ ବୁଦ୍ଧିଜୀବୀ। ସ୍ଥାୟୀ ରତ୍ନଭଣ୍ଡାର ଘରେ ରଖିବା ପୂର୍ବରୁ ରତ୍ନ ଅଳଙ୍କାର କାହିଁକି ଗଣତିମଣତି କରାଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି।

ମହାପ୍ରଭୁଙ୍କ ରତ୍ନଅଳଙ୍କାରକୁ ନେଇ ଏବେ ବିଜେପି ସରକାର ଦୋଛକିରେ ପଡ଼ିଥିବା ଚର୍ଚ୍ଚା ହେଉଛି। କାରଣ, ରତ୍ନଭଣ୍ଡାରକୁ ନେଇ ପୂର୍ବରୁ ବିଜେପି ନାନା ମନଗଢ଼ା କଥା କହିଥିଲା। ରତ୍ନ ଅଳଙ୍କାରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଚାବି କୁଆଡ଼େ ଗଲା, ପାତାଳରେ ଥିଲେ ବି ଆମେ ଖୋଜି ବାହାର କରିବୁ ବୋଲି କହିଥିଲା। ହେଲେ ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ରତ୍ନଅଳଙ୍କାର ଗଣତିମଣତି କରିବା ଆବଶ୍ୟକତା ଥିଲା। ୧୯୭୮ ତାଲିକା ସହ ମେଳ କରାଇ ଦେଇଥିଲେ ସବୁ ଦ୍ୱନ୍ଦ୍ୱ ସ୍ପଷ୍ଟ ହୋଇଥା'ନ୍ତା। କିନ୍ତୁ, ତାହା କରାଯାଇନାହିଁ। ଏବେ ଅସ୍ଥାୟୀ ଘରେ ରହିଛି ରତ୍ନ ଅଳଙ୍କାର। ଯଦି ଗଣତିମଣତି କରାଯାଏ ଏବଂ ଠାକୁରଙ୍କ ଅଳଙ୍କାର ପୂର୍ବ ତାଲିକା ସହ ମେଳ ଖାଏ, ତା' ହେଲେ ବିଜେପିର ମିଛ ଧରାପଡ଼ିଯିବ। କାରଣ ରତ୍ନଭଣ୍ଡାର ଚାବି ଏବଂ ଅଳଙ୍କାର ଚୋରି ହୋଇଥିବା ନେଇ ସେତେବେଳେ ନାନାପ୍ରକାର ଚର୍ଚ୍ଚା ହୋଇଥିଲା। ଏମିତି ବି ଯଦି ପୂର୍ବ ତାଲିକା ସହ ମେଳ ନଖାଏ କିମ୍ବା କିଛି ଅଳଙ୍କାର କମ୍ ଜଣାପଡ଼ିବ, ତେବେ ବିଜେପି ସରକାରକୁ ସମସ୍ତେ ଦୋଷାରୋପ କରିବେ। କାରଣ ନିୟମ ଅନୁସାରେ ଖୋଲିବା ବେଳେ ହିଁ ଗଣତିମଣତି ବା ମାପଚୁପ୍ କରିବା କଥା, ଯାହା କରାଯାଇ ନଥିଲା। ଏଥିପାଇଁ ପୂର୍ବ ସରକାରଙ୍କୁ ଆଉ ବଦନାମ କରାଯାଇପାରିବ ନାହିଁ। ତେଣୁ, ଏମିତି ରତ୍ନଭଣ୍ଡାରର ରତ୍ନ ଅଳଙ୍କାର କଣ୍ଟା ଏବେ ବିଜେପି ସରକାର ତଣ୍ଟିରେ ଲାଗିଯାଇଛି। ଯେଉଁଥିପାଇଁ ଗଣତିମଣତି ଏକପ୍ରକାର ଅନ୍ଧକାର ଭିତରକୁ ଠେଲି ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଛି।

## ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ମରୁଡ଼ି

ଭୁବନେଶ୍ୱର,୧୯।୯(ସମିସ): ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ମରୁଡ଼ି। ପଢ଼ାଇବାକୁ ଆବଶ୍ୟକ ଅଧ୍ୟାପକ/ଅଧ୍ୟାପିକା ନ ଥିବାବେଳେ ମାଳମାଳ ଅଣଶିକ୍ଷକ ପଦ ମଧ ଫାଙ୍କା ପଡ଼ିଛି। ମୋଟ୍ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୭୮ ପ୍ରତିଶତ ଅର୍ଥାତ୍ ୧୪୦୪ ଅଧ୍ୟାପକ ପଦ ଖାଲିପଡ଼ିଛି। ତନ୍ମଧ୍ୟରେ ୨୬୦ ପ୍ରାଧ୍ୟାପକ ପଦରେ କେହି ନ ଥିବାବେଳେ ୪୫୩ ସହଯୋଗୀ ପ୍ରାଧ୍ୟାପକ ଓ ୬୬୯ ସହକାରୀ ପ୍ରାଧ୍ୟାପକ ପଦ ଫାଙ୍କା ରହିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ପଦ ଖାଲି ରହିଥିବା ବେଳେ ଉତ୍କଳରେ ଦ୍ୱିତୀୟ ସର୍ବାଧିକ ପଦ ଖାଲି ରହିଛି। ସେହିପରି ୭୨ ପ୍ରତିଶତ ଅଣଶିକ୍ଷକ ପଦ ଖାଲି ପଡ଼ିଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଉତ୍ତର ରଖିଛନ୍ତି।

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମୋଟ୍ ୧୬୧ଟି ଅଧ୍ୟାପକ ପଦ ଖାଲି ରହିଛି। ଏହାପଛକୁ ଉତ୍କଳରେ ୧୩୬ଟି ଅଧ୍ୟାପକ ପଦ ଫାଙ୍କା ପଡ଼ିଥିବାବେଳେ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୧୧୨, କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୯, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୮୧, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୯, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭୮ଟି ଅଧ୍ୟାପକ ପଦରେ କେହି ନାହାନ୍ତି। ସେହିପରି ବିଶ୍ୱବିଦ୍ୟାଳୟରେ ମୋଟ୍ ୨୨୮୬ ଟି ଅଣଶିକ୍ଷକ ପଦ ଖାଲି ରହିଛି। ମୋଟ୍ ୩୧୭୪ ପଦ ମଧ୍ୟରୁ ମାତ୍ର ୮୮୮ ଜଣ କାର୍ଯ୍ୟରତ ଥିବାରୁ ପ୍ରଶାସନିକ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ଉତ୍କଳରେ ସର୍ବାଧିକ ୮୦ ପ୍ରତିଶତ ଅର୍ଥାତ୍ ୭୭୯ଟି ଅଣଶିକ୍ଷକ ପଦ ଖାଲି ରହିଛି। ପୁରୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ, ବଲାଙ୍ଗିରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଓ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ମହାବିଦ୍ୟାଳୟରେ ଜଣେ ହେଲେ ବି ଅଣଶିକ୍ଷକ କର୍ମଚାରୀ ନାହାନ୍ତି।

ଅପରପକ୍ଷରେ ରାଜ୍ୟର ମୋଟ୍ ୮୨ଟି ସରକାରୀ ମହାବିଦ୍ୟାଳୟରେ ୬୫୪ଟି ଅଧ୍ୟାପକ ପଦ ଖାଲି ରହିଛି। ତନ୍ମଧ୍ୟରୁ ୬୬ଟି ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ୪୯୧ ଏବଂ ୧୬ଟି ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୧୬୩ଟି ଅଧ୍ୟାପକ ପଦ ଫାଙ୍କା ପଡ଼ିଛି। ସେହିପରି ୫୮ ପ୍ରତିଶତ ଅଣଶିକ୍ଷକ ପଦ ଖାଲି ରହିଛି। ମୋଟ୍ ମଞ୍ଜୁରୀପ୍ରାପ୍ତ ୧୭୫୧ ପଦରେ ୬୮୮ ଜଣ କାର୍ଯ୍ୟରତ ଥିବାବେଳେ ୧୦୨୭ ଟି ପଦ ଖାଲି ପଡ଼ିଛି। ଚଳିତ ଶିକ୍ଷାବର୍ଷରେ ସ୍ନାତକ ସ୍ତରରେ ପଢ଼ାଇବା ପାଇଁ ସରକାରୀ ମହାବିଦ୍ୟାଳୟରେ ୧୨୫୩ ଜଣ ଅତିଥି ଅଧ୍ୟାପକ ନିଯୁକ୍ତ ହୋଇଛନ୍ତି। ସେହିପରି ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୮୧ଜଣଙ୍କୁ ନିଯୁକ୍ତି ଦିଆଯାଇଛି।

**୭୮% ଅଧ୍ୟାପକ ଓ ୭୨% ଅଣଶିକ୍ଷକ ପଦ ଖାଲି**

## ମୃତ ଯାତ୍ରୀଙ୍କ ପରିବାରକୁ ୯ ଲକ୍ଷ କ୍ଷତିପୂରଣ ଦେବ ରେଳବାଇ

କଟକ, ୧୯।୯ (ସମିସ): ରେଳଯାତ୍ରା ବେଳେ ଯାତ୍ରୀଙ୍କ ମୃତ୍ୟୁ ହେଲେ, ମୃତକଙ୍କ ପରିବାରକୁ ସମବେଦନା ଏବଂ ସହାୟତା ପ୍ରଦାନ କରିବା ରେଳବାଇର ପ୍ରଥମ କର୍ତ୍ତବ୍ୟ। ଏଭଳି ପରିବାରକୁ ମକଦ୍ଦମା ଦାୟର କରିବାକୁ ବାଧ କରିବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱର ଅବସାନ ବୋଲି ବିବେଚନା କରାଯିବ। ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଆଜି ଏପରି କହିଛନ୍ତି। ଏହାସହ, ୨୦୦୬ ମସିହାରେ ରେଳଯାତ୍ରା ସମୟରେ ପ୍ରାଣ ହରାଇଥିବା ଜଣେ ଯାତ୍ରୀଙ୍କ ସମ୍ପର୍କୀୟଙ୍କୁ ୪ମାସ ମଧ୍ୟରେ ୯ ଲକ୍ଷ ୨୩ ହଜାର ୫୬୨ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି। ସତ୍ୟଜିତ ସ୍ୱାଇଁଙ୍କ ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିର୍ଦ୍ଧାରିତ ସମୟସୀମା ଭିତରେ କ୍ଷତିପୂରଣ ରାଶି ପ୍ରଦାନ କରାନଗଲେ, ୭ ପ୍ରତିଶତ ସୁଧ ବାବଦ ଅର୍ଥ ଆବେଦନକାରୀଙ୍କୁ ପଇଠ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପଟେ, ଆବେଦନକାରୀଙ୍କ କ୍ଷତିପୂରଣ ଦାବି ଦରଖାସ୍ତକୁ ଖାରଜ କରି ଭୁବନେଶ୍ୱରସ୍ଥିତ ରେଲୱେ କ୍ଲେମସ୍ ଟ୍ରିବ୍ୟୁନାଲ ୨୦୨୪, ଏପ୍ରିଲ ୨୪ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୦୬, ଡିସେମ୍ବର ୨୫ରେ ଆହ୍ଲାବାଦରୁ କଟକ ଯିବା ପାଇଁ ସର୍ବେଶ୍ୱର ସ୍ୱାଇଁ ନୀଳାଚଳ ଏକ୍ସପ୍ରେସରେ ଯାତ୍ରା କରୁଥିବା ବେଳେ ଟ୍ରେନ୍ ଭିତରେ ଝଟକା ଲାଗିବା କାରଣରୁ ସେ କମ୍ପାର୍ଟମେଣ୍ଟ ଭିତରେ ଚେତା ହରାଇ ପଡ଼ିଯାଇଥିଲେ। ତାଙ୍କ ମସ୍ତିଷ୍କ ଓ ଶରୀରର ଅନ୍ୟ ସ୍ଥାନରେ ଆଘାତ ଲାଗିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୟା ସରକାରୀ ଡାକ୍ତରଖାନାରେ ୨୦୦୬, ଡିସେମ୍ବର ୨୭ରେ ତାଙ୍କର ମୃତ୍ୟୁ ହୋଇଥିଲା।

## 'ନ୍ୟାସନାଲ ଜିଓଗ୍ରାଫିକ୍' ପ୍ରଚ୍ଛଦ ପୃଷ୍ଠାରେ ଶିମିଳିପାଳର କଳାବାଘ

ଭୁବନେଶ୍ୱର,୧୯।୯(ସମିସ): ବିଶ୍ୱର ଖ୍ୟାତନାମା ପତ୍ରିକା 'ନ୍ୟାସନାଲ ଜିଓଗ୍ରାଫିକ୍'ର ପ୍ରଚ୍ଛଦ ପୃଷ୍ଠାରେ (କଭର ପେଜ୍)ରେ ସ୍ଥାନ ପାଇଛି ଶିମିଳିପାଳର ବିରଳ କଳାବାଘ ଫଟୋ। ସାରା ବିଶ୍ୱରେ କେବଳ ଶିମିଳିପାଳରେ ଏହି ବିରଳ ପ୍ରଜାତିର କଳାବାଘ ଦେଖାଦେଇଥାନ୍ତି। ପ୍ରସିଦ୍ଧ ଫଟୋଗ୍ରାଫର ପ୍ରସନ୍ନଜିତ ଯାଦବ ଶିମିଳିପାଳରେ ପ୍ରାୟ ୩ ମାସ ପରିଶ୍ରମ ପରେ ଏହି ଫଟୋ ଉଠାଇଥିବା ସୂଚନା ମିଳିଛି। ଶିମିଳିପାଳର ଏହି ବିରଳ କଳାବାଘ ଫଟୋ ବିଶ୍ୱସ୍ତରୀୟ ପତ୍ରିକାରେ ପ୍ରକାଶକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି।

ଏହି ଆକର୍ଷଣୀୟ ଫଟୋଚିତ୍ରଟି ଅକ୍ଟୋବର ୨୦୨୫ ସଂସ୍କରଣରେ ପ୍ରକାଶିତ ହୋଇଛି। ନ୍ୟାସନାଲ ଜିଓଗ୍ରାଫିକ୍ ଅନୁଯାୟୀ, ଏହି ଫଟୋଟି ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନର ଘଞ୍ଚ ଜଙ୍ଗଲରୁ ଉତ୍ତୋଳନ କରାଯାଇଛି। ବିଶ୍ୱର ଏକମାତ୍ର ସ୍ଥାନ ଭାବେ ଏଠାରେ କଳାବାଘ ଦେଖାଯାଇଥାଏ। ବିରଳ ଜେନେଟିକ୍ ପରିବର୍ତ୍ତନ ଯୋଗୁଁ ଏହି ବାଘମାନଙ୍କ ଶରୀରରେ ଗାଢ଼ ପଟ୍ଟା ଥାଏ। ଶିମିଳିପାଳରେ ପ୍ରାୟ ୩୦ ଟି ବାଘ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ଏହି ପ୍ରଜାତିର। ଏପରି ଏକ ବିରଳ ପ୍ରାଣୀର ଫଟୋଚିତ୍ର ସଂଗ୍ରହ କରିବା ସହଜ କାମ ନ ଥିଲା। କଳା ବାଘକୁ ଟ୍ରାକ୍ କରିବା ଏବଂ ନିରୀକ୍ଷଣ କରିବା ସହ ବାଘଙ୍କର ଗତିବିଧି ଓ ଆଚରଣକୁ ସତର୍କତାର ସହିତ ଅନୁଧ୍ୟାନ କରିବାକୁ ପ୍ରାୟ ୩ ମାସରୁ ଅଧିକ ସମୟ ଲାଗିଥିଲା।

ସୂଚନା ଥାଉ କି, ବହୁତ କମ୍ ଭାରତୀୟ ଫଟୋଗ୍ରାଫର ନ୍ୟାସନାଲ ଜିଓଗ୍ରାଫିକ୍ କଭରରେ ସ୍ଥାନ ପାଇଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ମାଧ୍ୟମରେ ଖୁସି ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ 'ନ୍ୟାସନାଲ ଜିଓଗ୍ରାଫିକ୍' ପତ୍ରିକାର କଭର ପେଜ୍‌ରେ ଶିମିଳିପାଳର ଅଦ୍ଭୁତ ସୌନ୍ଦର୍ଯ୍ୟକୁ ଦେଖି ବହୁତ ଖୁସି ଲାଗିଲା। ଶିମିଳିପାଳ ଓଡ଼ିଶାର ହୃଦୟ ଭାବେ ପରିଚିତ। ଶିମିଳିପାଳର କଳାବାଘ କାହାଣୀ ପ୍ରତି ଫଟୋଗ୍ରାଫର ଶ୍ରୀ ଯାଦବଙ୍କ ପ୍ରତିବଦ୍ଧତା ଏବଂ ସମର୍ପଣକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଭବିଷ୍ୟତ ପିଢ଼ିକୁ ଏପରି କାହାଣୀ ପ୍ରେରଣା ଦେବ ବୋଲି ଉଲ୍ଲେଖ କରିଛନ୍ତି।

ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସ ଯୋଗ ଉଲ୍ଲେଖ କରିଛନ୍ତି ଯେ ଶିମିଳିପାଳର ବିରଳ କଳାବାଘକୁ 'ନ୍ୟାସନାଲ ଜିଓଗ୍ରାଫିକ୍'ର କଭର ପେଜ୍‌ରେ ସ୍ଥାନିତ କରାଯାଇଥିବା ଜାଣି ଖୁସି ହେଲି। ପ୍ରକୃତରେ ଓଡ଼ିଶା ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଶିମିଳିପାଳରେ ହିଁ ବିଶେଷତଃ କଳାବାଘ ଦେଖାଯାଇଥାନ୍ତି। ଏହି ମନୋରମ ପ୍ରତିଛବି ତୋଳି ଧରିଥିବାରୁ ଭାରତୀୟ ଫଟୋଗ୍ରାଫର ପ୍ରସେନଜିତ ଯାଦବଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ ଗତ ଜାନୁଆରୀ ୨୦୨୪ ରେ, ତତ୍‌କାଳୀନ ବିଜେଡି ସରକାର ବାରିପଦା ନିକଟରେ ବିଶ୍ୱର ପ୍ରଥମ କଳାବାଘ ସଫାରି ଘୋଷଣା କରିଥିଲେ ବୋଲି ନବୀନ ଉଲ୍ଲେଖ କରିଛନ୍ତି।




**■ ୩ ମାସର ପରିଶ୍ରମ ପରେ ସଂଗ୍ରହ ହୋଇଛି ଫଟୋଚିତ୍ର**
**■ ଖୁସିବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀଦଳ ନେତା**
**■ କଳାବାଘ ସଫାରୀ ଘୋଷଣା କଥା ଉଲ୍ଲେଖ କଲେ ନବୀନ**

## ସୌମ୍ୟାଶ୍ରୀ ଘଟଣା ପାଇଁ ଛାତ୍ର ସଂସଦ ନିର୍ବାଚନକୁ ଡରୁଛନ୍ତି ସରକାର

ଭୁବନେଶ୍ୱର,୧୯।୯(ସମିସ): ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ସରକାରଙ୍କର କୌଣସି ଆଗ୍ରହ ନାହିଁ। ସରକାର ନିର୍ବାଚନ କରିବେ ନା ନାହିଁ, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ।

**■ ସରକାରଙ୍କ କଥା ଓ କାମରେ ତାଳମେଳ ରହୁନାହିଁ**
**■ ନିର୍ବାଚନ ନ ହେଲେ ସବୁ କ୍ୟାମ୍ପସ୍‌ରେ ଆନ୍ଦୋଳନ**

ବାଲେଶ୍ୱର ସୌମ୍ୟାଶ୍ରୀ ବିଶି ଘଟଣାକୁ ନେଇ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ଡରୁଛନ୍ତି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଅଜୟ ମହାପାତ୍ର କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ହେଉଛି ଗଣତନ୍ତ୍ରର ଅନ୍ତୁଡ଼ିଶାଳ। ତେଣୁ ଏହି ପ୍ରସଙ୍ଗ ଉପରେ ସରକାର ନିର୍ଣ୍ଣାୟକ ନିଷ୍ପତ୍ତି ନ ନେବା ପରିତାପର ବିଷୟ ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ମନୋଜ ବିଶ୍ୱାଳ କହିଛନ୍ତି, ବିଜେପି ସରକାରର ଦୋମୁହାଁ ନୀତି ଆପଣାଇଛି। ବିଜେଡି ସରକାରରେ ଥିବାବେଳେ ଛାତ୍ର ସଂସଦ ନିର୍ବାଚନ କାହିଁକି ହେଉନି ବୋଲି ବିଜେପି ରଖେଇ ଥୁଏଇ ଦେଉ ନ ଥିଲା। ଏବେ ସରକାରକୁ ଆସିବା ପରେ ଦଳ କାହିଁକି ନିରବ ରହିଛି। ଯାହା ଶିକ୍ଷାମନ୍ତ୍ରୀ କହିବା କଥା, ତାହା ଆଇନ ମନ୍ତ୍ରୀ କହୁଛନ୍ତି। ଆଇନ ମନ୍ତ୍ରୀ ୨୦୨୪ରେ କହିଥିଲେ ଛାତ୍ର ସଂସଦ ନିର୍ବାଚନ ହେବ; କିନ୍ତୁ ସେ ବର୍ଷ ନିର୍ବାଚନ ହେଲାନାହିଁ। ଏହାସହିତ ୨୦୨୫ ନିର୍ବାଚନକୁ ନେଇ ମଧ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଆଶ୍ଚର୍ଯ୍ୟର କଥା, ମୁଖ୍ୟମନ୍ତ୍ରୀ ଖୋଦ୍ ନିର୍ବାଚନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ତା ବି ଧୂଆଁବାଣ ସାବ୍ୟସ୍ତ ହେବାକୁ ଯାଉଛି।

ସୌମ୍ୟାଶ୍ରୀ ଆତ୍ମାହୂତି ଘଟଣାରେ ଅପରାଧୀ ଭାବରେ ଏବିଭିପି ନେତା ଗିରଫ ହେବା ପରେ ସମଗ୍ର ଓଡିଶାର ଛାତ୍ର ସମାଜରେ ବିଜେପି ନିନ୍ଦିତ ହୋଇଛି। ତେଣୁ ସରକାରଙ୍କୁ ପରାଜୟର ଭୟ ଘାରିଛି। ଏଥିପାଇଁ ନିର୍ବାଚନକୁ ସରକାର ଏଡ଼େଇ ଯିବାକୁ ଚାହୁଁଛନ୍ତି। ଯଦି ଆଗାମୀ ୬ ଦିନ ଭିତରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ନ କରନ୍ତି, ତେବେ ଛାତ୍ର କଂଗ୍ରେସ ରାଜ୍ୟର ପ୍ରତ୍ୟେକ କ୍ୟାମ୍ପସରେ ଦସ୍ତଖତ ଅଭିଯାନ, ବିକ୍ଷୋଭ ପ୍ରଦର୍ଶନ ଏବଂ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଆଲୋଚନା ଆଦି କାର୍ଯ୍ୟକ୍ରମ କରିବ ବୋଲି ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି। ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଛାତ୍ରନେତା ମନୋଜ ବିଶ୍ୱାଳ, ବିଶ୍ୱଭୂଷଣ ଦାସ, ଆଶିଷ ମାହାନ୍ତ, ସନ୍ଦୀପ ରାଉତରାୟ, ସାଗର ପଟ୍ଟନାୟକ, ବିଭୁତି ମହାପାତ୍ର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।



**ନରସିଂହପୁର ଥାନା ହାଜତ ମୃତ୍ୟୁ ମାମଲା**

## ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

କଟକ, ୧୯।୯(ସମିସ): କଟକ ଜିଲ୍ଲା ନରସିଂହପୁର ଥାନା ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ମାନବାଧିକାର କମିସନ (ଓଏଚ୍‌ଆରସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ହୋଇଛନ୍ତି। କମିସନର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାସଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆଇନଜୀବୀ ତଥା ମାନାବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂର୍ବରୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବା ହେତୁ ଅବଶିଷ୍ଟ ୮ ଲକ୍ଷ ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ପ୍ରଦାନ କରିବାକୁ ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିସନ। କ୍ଷତିପୂରଣ ରାଶିରୁ ୭ ଲକ୍ଷ ଟଙ୍କା ଯେକୌଣସି ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ଭାବେ ରଖାଯିବ ଓ ୧ଲକ୍ଷ ଟଙ୍କା ମୃତକଙ୍କ ନିକଟ ଆତ୍ମୀୟଙ୍କୁ ଦେବାକୁ ଆଦେଶରେ ଉଲ୍ଲେଖ ରହିଛି।

ଗତ ୨୦୧୬ ଡିସେମ୍ବର ୯ ତାରିଖ ମଧ୍ୟରାତିରେ ନରସିଂହପୁର ପୁଲିସ ମାଳିସାହିର ସରୋଜ ସେନାପତି ଓରଫ୍ ଆକୁଳଙ୍କୁ ଏକ ମାମଲାରେ ଗିରଫ କରି ଥାନାକୁ ଆଣିଥିଲେ। ଗିରଫ ପ୍ରକ୍ରିୟାରେ ଅସୁସ୍ଥ ହୋଇ ପଡ଼ିବାରୁ ପରଦିନ ସକାଳେ ସରୋଜଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେହିଦିନ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୨୦୧୬ଡିସେମ୍ବର ୧୧ ତାରିଖ ରାତ୍ରିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଶ୍ୱଶୁରଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହା ଏକ ହାଜତ ମୃତ୍ୟୁ ମାମଲା ହୋଇଥିବାରୁ ବଡ଼ମ୍ବା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ମଧ ତଦନ୍ତ କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରେ କ୍ଷତଚିହ୍ନ ବିଷୟରେ ଉଲ୍ଲେଖ ଥିବା ସହ ମସ୍ତିଷ୍କରେ ଆଘାତ ଯୋଗୁଁ ଆକୁଳର ମୃତ୍ୟୁ ହୋଇଛି ବୋଲି ଡାକ୍ତର ମତ ଦେଇଥିଲେ। ରିପୋର୍ଟରେ ଥିବା ତଥ୍ୟ ଓ ସାକ୍ଷୀମାନଙ୍କର ବୟାନ ଭିତ୍ତିରେ ସରୋଜଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ ବୋଲି ମାଜିଷ୍ଟ୍ରେଟ୍ ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ। ଏସବୁ ତଥ୍ୟକୁ ଭିତ୍ତି କରି ପୁଲିସ ହାଜତରେ ଥିଲା ବେଳେ ଆଘାତପ୍ରାପ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଛି ବୋଲି ଦର୍ଶାଇ ମୃତକଙ୍କ ଆତ୍ମୀୟଙ୍କୁ କ୍ଷତିପୂରଣ ଦେବାକୁ ପ୍ରାର୍ଥନା କରି ଆବେଦନକାରୀ ଓଏଚଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ।

ସକାଳ THE SAKALA



# ସ୍କୁଲରେ ତାଲା, ପିଲାଙ୍କୁ ବାହାରେ ପାଠ ପଢ଼ାଇଲେ ଶିକ୍ଷକ




ନୟାହାଟ,୧୯।୯(ସମିସ): ନୟାହାଟ ନିକଟସ୍ଥ ବୀରତୁଙ୍ଗ ପଞ୍ଚାୟତର ମନାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ତାଲା ପଡ଼ିଥିବାବେଳେ ଗେଟ୍ ବାହାରେ ଶିକ୍ଷକ ପିଲାମାନଙ୍କୁ ପାଠ ପଢ଼ାଉଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଗୋପ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କରଙ୍କୁ ପଚାରିବାରେ କହିଥିଲେ ଯେ, ମନାପଡ଼ା ସ୍କୁଲର ସମସ୍ୟା ସମାଧାନ ହୋଇଯାଇଛି। ୩୦ ଜଣ ପିଲାରେ ଜଣେ ଶିକ୍ଷକ ଦିଆଯିବାର ସରକାରୀ ନିୟମ ଥିବାବେଳେ ଉକ୍ତ ବିଦ୍ୟାଳୟରେ ୮୦ ପିଲାଙ୍କୁ ୩ଜଣ ଶିକ୍ଷକ ଦିଆଯାଇଛି। ଗ୍ରାମବାସୀ ବ୍ୟକ୍ତିଗତ ଭାବେ ଦୁଇଜଣ ବେସରକାରୀ ଶିକ୍ଷକଙ୍କୁ ଉକ୍ତ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ଛାଡ଼ିଥିଲେ। ଏହାକୁ ନେଇ ଶିକ୍ଷା ଅଧିକାରୀ ଶ୍ରୀ କର କହିଥିଲେ ଯେ ଗ୍ରାମବାସୀଙ୍କର ସେ ବ୍ୟକ୍ତିଗତ କଥା। ମୁଁ କାହାରିକୁ ନିଯୁକ୍ତି ଦେଇପାରିବି ନାହିଁ। ପିଲାମାନଙ୍କର ଯଦି କିଛି ଅସୁବିଧା ହୁଏ ଯେଉଁମାନେ ବେସରକାରୀ ଶିକ୍ଷକଙ୍କୁ ରଖିଛନ୍ତି ସେମାନେ ଦାୟୀ ରହିବେ ବୋଲି ଶ୍ରୀ କର ଆମ ପ୍ରତିନିଧିଙ୍କୁ କହିବା ସହ ସ୍କୁଲର ତାଲା ଖୋଲିଲା ବୋଲି ସୂଚନା ଦେଇଛନ୍ତି।

# ଦୋକାନ ସହ ଜଳିଗଲା ୩ ବଖରା ଘର

ବ୍ରହ୍ମଗିରି,୧୯।୯(ସମିସ): ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ସହିତ ଏକ ଦୋକାନ ଘର ଜଳିଯାଇଛି। ବ୍ରହ୍ମଗିରି ଥାନା ଭଣ୍ଡାରୀକୁଦା ଗ୍ରାମର ନିମାଇଁ ଚରଣ ପାଇକରାୟଙ୍କ ପରିବାର ରାତିରେ ଶୋଇଥିବା ବେଳେ ତାଙ୍କ ଘରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଗୁହାଳକୁ ମିଶାଇ ୩ ବଖରା ଚାଳଘର ଏବଂ ତାଙ୍କର ଏକ ତେଜରାତି ଦୋକାନ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ନିମାଇଁଙ୍କ ପୁଅ ଅରି ପାଇକରାୟଙ୍କ ହାତରେ ନିଆଁ ଲାଗି ସେ ଆହତ ହୋଇଥିବା ଜଣାପଡ଼ିଛି। ଗୁହାଳ ଘରେ ଦିଆଯାଇଥିବା ଧୂଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗାଁର କିଛି ଯୁବକ ମଧ୍ୟ ରାତିରେ ତାଙ୍କ ଘର ଜଳୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କ ପରିବାର ଲୋକ ଏବଂ ଗୋରୁ ଗାଇଙ୍କୁ ନିଆଁରୁ ଉଦ୍ଧାର କରିଥିଲେ। ହୋ ହଲା ହେବାରୁ ଗ୍ରାମବାସୀ ଉଠି ନିଆଁଲିଭାଇବା ସହିତ ବ୍ରହ୍ମଗିରି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ନିମାଇଁ ଚରଣ ପାଇକରାୟଙ୍କର ଘରର ଆସବାପତ୍ର ସମ୍ପୂର୍ଣ୍ଣ ଭସ୍ମ ହୋଇଯାଇଥିବା ବେଳେ ତାଙ୍କ ପରିବାର ଗୁଜୁରାଣ ମେଣ୍ଟାଉଥିବା ଏକ ତେଜରାତି ଦୋକାନ ସହିତ ଦୋକାନର ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଚାରିଛକ,୧୯।୯ (ସମିସ): ନିମାପଡ଼ା ବ୍ଲକ୍ କଳାପାଞ୍ଚଣ ପଞ୍ଚାୟତ ଠାକୁର ପାଟଣାସ୍ଥିତ ରତ୍ନପୀଠ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଝାଟୁ ମହାରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏ ନେଇ ଆୟୋଜିତ ଉତ୍ସବ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଧରଣୀଧର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡଃ ସନ୍ତୋଷ କୁମାର ମିତ୍ର, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲି, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଅରକ୍ଷିତ ଜେନା, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନା, ସମିତିସଭ୍ୟା ସସ୍ମିତା ପାତ୍ର, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ଭୋଦର ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାସ, ପ୍ରାକ୍ତନ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ପ୍ରା.ପ୍ର ବ୍ରହ୍ମାନନ୍ଦ ସାହୁ, ପ୍ରା.ପ୍ର ବ୍ରଜ କିଶୋର ସାହୁ, ପ୍ରା.ପ୍ର କୈଳାସ ଚନ୍ଦ୍ର ସାହୁ, ପ୍ରା.ପ୍ର ନିରଞ୍ଜନ କର, ପ୍ରା.ପ୍ର ଦାମୋଦର ମିଶ୍ର,ପ୍ରା.ପ୍ର ଦାମୋଦର ତିଆଡ଼ି, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମୁରଲୀଧର ପ୍ରଧାନ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନେତ୍ରାନନ୍ଦ ବାରିକ, ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଅନାଦୀ ଚରଣ ନାୟକ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ପରିଚାଳନା କମିଟିର ସଦସ୍ୟ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ମହାରଣା ଜଣେ ମିଷ୍ଟଭାଷୀ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ଶିକ୍ଷକ ଦେବେନ୍ଦ୍ରନାଥ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପୂର୍ବତନ ଛାତ୍ର ତଥା ଆଲୁମିନି କମିଟିର ସଭାପତି କୃପାସିନ୍ଧୁ ସଁ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଣାର୍କରେ ଆଦର୍ଶ ଗୋଶାଳା ଖୋଲିବାକୁ ଦାବି

କୋଣାର୍କ,୧୯।୯(ସମିସ): ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟରେ ଆଦର୍ଶ ଗୋଶାଳା ଖୋଲିବାକୁ ଘୋଷଣା କରାଯାଇଛି। ଏହି ପଦକ୍ଷେପ ପଶୁ କଲ୍ୟାଣ ଓ ବୁଲା ଗୋରୁଙ୍କୁ ନେଇ ଘଟୁଥିବା ସମସ୍ୟାର ସମାଧାନ ପାଇଁ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଏହି ପରିପେକ୍ଷୀରେ ସାମାଜିକ କର୍ମୀ ଏନ୍. ଏ. ଶାହ ଅନସାରୀ କୋଣାର୍କରେ ଏକ ଆଦର୍ଶ ଗୋଶାଳା ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସେ କହିଛନ୍ତି, ପ୍ରତିବର୍ଷ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କର ଭିଡ଼ ହେଉଥିବା କୋଣାର୍କରେ ବୁଲା ଷଣ୍ଢ, ବାଛୁରୀ, ଗାଇ ଓ ଅନ୍ୟାନ୍ୟ ପଶୁଙ୍କ ଦ୍ୱାରା ବିଭିନ୍ନ ସମସ୍ୟା ଗୁରୁତର ଅବସ୍ଥା ସୃଷ୍ଟି କରିଛି। ବହୁ ସମୟରେ ପର୍ଯ୍ୟଟକମାନେ ଆକ୍ରମଣର ଶିକାର ହେଉଛନ୍ତି। ଶାହ ଅନସାରୀ କହିଛନ୍ତି, କୋଣାର୍କରେ ଏକ ଆଦର୍ଶ ଗୋଶାଳା ଖୋଲିଲେ ସହର ବୁଲା ପଶୁମୁକ୍ତ ହେବା ସହିତ ପର୍ଯ୍ୟଟନରେ କ୍ଷେତ୍ରରେ ସକାରାତ୍ମକ ବାର୍ତ୍ତା ଯିବ। ଏହି ଗୋଶାଳାକୁ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକମାନେ ପରିଦର୍ଶନ କରି ପଶୁ କଲ୍ୟାଣରେ ଓଡ଼ିଶା ସରକାରଙ୍କ ସଦ୍‌ଭାବନାକୁ ବିଶ୍ୱସ୍ତରରେ ପ୍ରଚାର କରିପାରିବେ।

# ସରପଞ୍ଚ ଦାୟିତ୍ୱ ଗ୍ରହଣ କଲେ ନାଏବ ସରପଞ୍ଚ

କଣାସ,୧୯।୯(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଗୋପୀନାଥପୁର ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ସୁକାନ୍ତି ବେହେରା ଅନାସ୍ଥା ଭୋଟରେ ହାରିଯିବା ପରେ ଆଜି ନାଏବ ସରପଞ୍ଚ ସୁମିତ୍ରା ବେହେରା ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୋପୀନାଥପୁର ଗ୍ରାମର ମହାଲକ୍ଷ୍ମୀ ମଣ୍ଡପଠାରେ ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ପହଞ୍ଚିବା ପରେ ଉପସ୍ଥିତ ଥିବା ୱାର୍ଡମେମ୍ବର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ନାଏବ ସରପଞ୍ଚ ସୁମିତ୍ରା ବେହେରା ସରପଞ୍ଚ ଦାୟିତ୍ୱ ଗ୍ରହଣ କରିବା ବେଳେ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ରହିଥିଲେ।

# ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ ସଭା

କଣାସ,୧୯।୯(ସମିସ): କଣାସ ବ୍ଲକ୍ କଣ୍ଟପଡ଼ା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବୈକୁଣ୍ଠ ବରାଳଙ୍କ ବିୟୋଗରେ ଗତକାଲି ନିଜ ଗ୍ରାମରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଯୁଧିଷ୍ଠିର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ସମାଜସେବୀ ଲିଙ୍ଗରାଜ, ରବୀନ୍ଦ୍ର କୁମାର ରାଉତରାୟ, ଲକ୍ଷ୍ମୀ ନାରାୟଣ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଭାଗୀରଥି ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରାଉତ, କାର୍ତ୍ତିକ ଚରଣ ସାହୁ, ଶିକ୍ଷକ ବିଦ୍ୟାଧର ବିଶ୍ୱାଳ, ଭୂପତି ଭୂଷଣ ତ୍ରିପାଠୀ, ବୁଦ୍ଧିଜୀବୀ ବିଚିତ୍ରା ନନ୍ଦ ବରାଳ, କେଶବ ଚନ୍ଦ୍ର ଦାଶ, ହଟ କିଶୋର ସାହୁ ପ୍ରମୁଖ କୃତୀ ଶିକ୍ଷାବିତ୍ ବୈକୁଣ୍ଠ ସାରଙ୍କ କର୍ମମୟ ଜୀବନ ଓ କର୍ତ୍ତବ୍ୟ ନିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରାରମ୍ଭରେ ଆମର ଆମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା ସହ ଗୀତାଯଜ୍ଞ ସତସଙ୍ଗ ପରିଷଦ କଣାସ ପକ୍ଷରୁ ଗୀତାପାଠ ଓ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ପୁତ୍ର ଶ୍ରୀନିବାସ ବରାଳଙ୍କ ତତ୍ତ୍ୱାବଧାନରେ ଏହି ସଭା ଅନୁଷ୍ଠିତ ହୋଇଥିଲା।

# ବିପୁଳ ପରିମାଣରେ ବାଣ ଓ ବାରୁଦ ଜବତ, ଜଣେ ଗିରଫ

ନିମାପଡ଼ା,୧୯।୯(ସମିସ): ନିମାପଡ଼ା ଅଞ୍ଚଳରେ ବେଆଇନ ବାଣ ନିର୍ମାଣ ଚାଲିଥିବାବେଳେ ପୁଲିସ ଚଢ଼ଉ କରି ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ସଲଙ୍ଗ ପଞ୍ଚାୟତ ଓହଳ ଗ୍ରାମରେ ବେଆଇନ୍ ବାଣ ତିଆରି ଖବର ପାଇ ନିମାପଡ଼ା ଥାନାଧିକାରୀ ବାମଦେବ ସାଇଁଙ୍କ ନେତୃତ୍ୱରେ ଏଏସଆଇ ଲକ୍ଷ୍ମୀକାନ୍ତ ମହାନ୍ତି ସଦଳବଳେ ଓହଳ ଗ୍ରାମରେ ଚଢ଼ଉ କରିଥିଲେ। ବେଆଇନ ବାଣ ଓ ବାରୁଦ ଜବତ କରିବା ସହ ବାଣ ତିଆରି କରୁଥିବା ବ୍ୟକ୍ତି ବିଶ୍ୱ ରଂଜନ ସେଠୀକୁ ଗିରଫ କରିଛନ୍ତି। ବିଶ୍ୱରଞ୍ଜନ ବିରୁଦ୍ଧରେ ଏକ ମାମଲା ରୁଜୁ କରି ସଂପୃକ୍ତ ଅଭିଯୁକ୍ତକୁ ପୋଲିସ କୋର୍ଟ ଚାଲଣ କରିଛି। ଆଗକୁ ଦୀପାବଳି ଆସୁଥିବା ବେଳେ ନିମାପଡ଼ା ବ୍ଲକ୍ ବିଭିନ୍ନ ସ୍ଥାନରେ ବେଆଇନ ବାଣ ତିଆରି ଚାଲିଛି। ଏପରିକି ମଣିଷର ହାନିକାରକ ବାଣ ମଧ୍ୟ ତିଆରି ଚାଲିଥିବା ବେଳେ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର 'ଉଲ୍ଲାସ'



ଡେଲାଙ୍ଗ,୧୯।୯(ସମିସ)-ଡେଲାଙ୍ଗ ସଂଯୁକ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଦିବସୀୟ ଉଲ୍ଲାସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ଓ ସହ ଶିକ୍ଷା ଅଧିକାରୀ ତଥା ଏହାର ନୋଡାଲ ଅଧିକାରୀ ଲକ୍ଷ୍ମଣ ପ୍ରଧାନ ଯୋଗଦେଇ ସରକାରଙ୍କ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମର ମୂଖ୍ୟ ଆଭିମୁଖ୍ୟ ୧୫ ବର୍ଷରୁ ଉର୍ଦ୍ଧର ସମସ୍ତ ଅଣସାକ୍ଷର ମାନଙ୍କୁ ଚିହ୍ନଟ ଓ ସେମାନଙ୍କୁ ସାକ୍ଷର ସହ ଦୈନନ୍ଦିନ ଜୀବନରେ ଚଳିବାର ମୌଳିକ ଜ୍ଞାନ ହାସଲକରିବା ସମ୍ବନ୍ଧରେ ସମସ୍ତଙ୍କୁ ବୁଝାଇଥିଲେ। ପ୍ରଶିକ୍ଷକ ଭାବେ ସିଆରସିସି ସୋମନାଥ ବେହେରା, ତପନ ମଲ୍ଲିକ, ଜଗନ୍ନାଥ ବେହେରା ଯୋଗଦେଇ ପ୍ରଥମେ ଅଣ ସାକ୍ଷରମାଙ୍କୁ ଚିହ୍ନଟ ଓ ପରେ ପ୍ରତି ୧୦ ଜଣଙ୍କ ପାଇଁ ଜଣେ ଲେଖାଏଁ ଶିକ୍ଷକ ବା ସ୍ୱେଚ୍ଛାସେବୀ ଶିକ୍ଷା ଦେବା କଥା ଆଲୋଚନା କରାଇଥିଲେ। ଏଥିରେ ଡେଲାଙ୍ଗ ବ୍ଲକ୍ ର ୧୬ କେନ୍ଦ୍ର ର ସବୁ ସିଆରସିସି ବିଭିନ୍ନ ବିଦ୍ୟାଳୟର ୪୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ଶିକ୍ଷା ଅଧିକାରୀ ସୁଷମା ଦାଶ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନା ମଙ୍ଗରାଜ ଯୋଗଦେଇ ଥିଲେ।

# ହେଡ୍‌କ୍ୱାର୍ଟର୍ସରେ ରହୁନାହାନ୍ତି ଡାକ୍ତର; ନିରାଶରେ ଫେରୁଛନ୍ତି ରୋଗୀ




ସାକ୍ଷୀଗୋପାଳ,୧୯।୯(ସମିସ): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁଁ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟ ସେବା ପାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ବେଳକୁ ବେଳ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏହି ଡାକ୍ତରଖାନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ଯେଭଳି ସୁବିଧା ମିଳୁଥିଲା ଏବେ ସେତିକି ବି ମିଳୁନଥିବା ଅନେକ ରୋଗୀ ସମ୍ପର୍କୀୟ କହିଛନ୍ତି। ବିଶେଷକରି ଓପିଡି ପରେ ଡାକ୍ତରଖାନା ଶୂନ୍‌ଶାନ୍ ହୋଇଯାଉଥିବା ଦେଖିବାକୁ ମିଳୁଛି। ଅପରାହ୍ଣ ପରେ ଡାକ୍ତରଖାନାକୁ ଗଲେ ରୋଗୀ ନିରାଶରେ ଫେରୁଛନ୍ତି। କୌଣସି ଦୁର୍ଘଟଣା ହେଉ ବା ଅନ୍ୟ କୌଣସି ଜରୁରୀ ସମୟରେ ଡାକ୍ତରଖାନା ଗଲେ ଡାକ୍ତର ତ ମିଳନ୍ତି ନାହିଁ, କାଁ ଭାଁ କର୍ମଚାରୀଙ୍କୁ ଛାଡ଼ି ଫାର୍ମାସିଷ୍ଟ କିମ୍ବା ଅନ୍ୟ ବରିଷ୍ଠ କର୍ମଚାରୀଙ୍କ ମଧ୍ୟ ଦେଖା ମିଳେନାହିଁ। ସାଲାଇନ୍ କିମ୍ବା ଇଞ୍ଜେକ୍ସନଟି ଲଗାଇବାକୁ କାହାରି ଦେଖା ମିଳେନାହିଁ। ରାତି ସମୟ ଆହୁରି ସାଙ୍ଘାତିକ। ଡାକ୍ତରଖାନାଟି ଅଳଗୁମ-ସାକ୍ଷୀଗୋପାଳ ରାସ୍ତାଠାରୁ ଭିତରକୁ ପ୍ରାୟ ଦେଢ଼ କିଲୋମିଟର ଦୂର ହେଉଥିବାରୁ ଓପିଡି ସମୟ ପରେ ବାଧହୋଇ ରୋଗୀ ସମ୍ପର୍କୀୟମାନେ ଏହି ଡାକ୍ତରଖାନା ଉପରେ ଭରସା କରି ସମୟବରବାଦ କରିବା ଦୂର ହେଲେ ବି ଅପେକ୍ଷା ଅନ୍ୟ ସ୍ଥାନକୁ ଯିବାକୁ ବାଧ ହେଉଛନ୍ତି। କୌଣସି ଡାକ୍ତର ହେଡ୍‌କ୍ୱାର୍ଟର୍ସରେ ନରହି ଭୁବନେଶ୍ୱର, ପୁରୀ, କଟକ ଭଳି ଦୂର ସହରରୁ ଯା'ଆସ କରୁଛନ୍ତି। ବିଭିନ୍ନ ଆଳ ଦେଖାଇ ଏଠାରେ ରହିବାକୁ ମନ ବଳାଉନାହାନ୍ତି। ଦିନକୁ ଯେନତେନ ପ୍ରକାରେ ଦୁଇ ଚାରିଘଣ୍ଟା ସମୟ ବିତାଇ ଡ୍ୟୁଟି ସାରିଦେଉଛନ୍ତି। ଜଣେ ମାତ୍ର ଆୟୁଷ ଡାକ୍ତରଙ୍କୁ ଛାଡ଼ିଦେଲେ ଅନ୍ୟ ଡାକ୍ତର ନିୟମିତ ଆସୁନାହାନ୍ତି। ଡାକ୍ତରଙ୍କ ଅନିୟମିତତା ଯୋଗୁଁ ରୋଗୀ ଭରସା କରିନପାରି ଅନ୍ୟ ସ୍ଥାନକୁ ଯାଉଛନ୍ତି। ଏହାକୁ ସୁଯୋଗ ଭାବି ଡାକ୍ତରମାନେ ମନଇଚ୍ଛା ପାଳିକରି ଆସୁଥିବା ଅଭିଯୋଗ ହେଉଛି। ଡାକ୍ତରଙ୍କୁ ଘରଭଡ଼ା ଆଲାଉନ୍ସ ମିଳୁଥିଲେ ବି ହେଡ୍‌କ୍ୱାର୍ଟର୍ସରେ କାହିଁ ରହୁନାହାନ୍ତି। ଅଧିକାଂଶ ସମୟରେ ଫାର୍ମାସିଷ୍ଟଙ୍କୁ ଦେଖିବାକୁ ମିଳୁନାହିଁ। ଅନେକ ସମୟରେ ଫାର୍ମାସିଷ୍ଟଙ୍କ କାମ ସଫେଇ କର୍ମଚାରୀ କିମ୍ବା ସୁରକ୍ଷା କର୍ମୀ କରୁଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, ଦିନ ଥିଲା ପଶ୍ଚିମ ସତ୍ୟବାଦୀ ଅଞ୍ଚଳର ଏହି ସର୍ବପୁରାତନ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଟି ବ୍ଲକ୍‌ର ଅଳଗୁମ ସମେତ ମଧୁବନ, ଶୁକଳ, ନରେନ୍ଦ୍ରପୁର, ସୋମେଶ୍ୱରପୁର, ସାଣ୍ଡରା ଶାସନ, ଦାଶବିଦ୍ୟାଧରପୁର ପଞ୍ଚାୟତର ଲୋକେ ନିର୍ଭର କରୁଥିବାବେଳେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନମିଳିବାରୁ ଖର୍ଚ୍ଚାନ୍ତ ହୋଇ ପୁରୀ, ଭୁବନେଶ୍ୱର ଯିବାକୁ ବାଧ ହେଉଛନ୍ତି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ



କଣାସ୧୯।୯(ସମସ): କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣାସର ତେଇଶିଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଟୀକାକରଣ କେନ୍ଦ୍ର, ଗଡ଼ିଶାଗଡା, ନନ୍ଦିଗଡା, ସାହୁପଡ଼ା, ହରଚଣ୍ଡୀପ୍ରସାଦ ଓ ମନ୍ଦାରବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳାଙ୍କ ବିସ୍ତୃତ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଓ ସଚେତନତା କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ଜିଲ୍ଲା ଜନ-ସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ମାନସ ରଞ୍ଜନ ଦାଶ ଯୋଗ ଦେଇଥିଲେ। ତିରିଶ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ରକ୍ତଚାପ, ମଧୁମେହ, କର୍କଟ, ରକ୍ତହୀନତା ଓ ମାନସିକ ରୋଗ ସମ୍ପର୍କରେ ପରୀକ୍ଷା ଓ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ଯକ୍ଷ୍ମା, ମାନସିକ ରୋଗ ସ୍କ୍ରିନିଂ ଇତ୍ୟାଦି କରଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ଦୁଇତାରିଖ ମହାତା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ପର୍ଯ୍ୟନ୍ତ ଚାଲୁ ରହିବ। ରିପୋର୍ଟ ସଂଗ୍ରହ ବେଳକୁ ୧ ହଜାର ୪ଶହ ୭୦ ଜଣ ମହିଳାଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯାଇଥିଲା। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର କ୍ଷମାନିଧି ସେଠୀ, ଡାକ୍ତର ସବ୍ୟସାଚୀ ମହାପାତ୍ର, ଡାକ୍ତର ସୌମ୍ୟରଞ୍ଜନ ସେଠୀ, ଡାକ୍ତର ବିଶ୍ୱରଞ୍ଜନ ଜେନା, ଧନେଶ୍ୱର ସ୍ୱାଇଁ, ସ୍ୱର୍ଣ୍ଣଲତା ରଥ ପ୍ରମୁଖ ସାମିଲ୍ ହୋଇଥିଲେ। ଜିଲ୍ଲାରୁ ଡାକ୍ତର ମାନସ ରଞ୍ଜନ ଦାଶ ଏବଂ ଡାକ୍ତର ସୁଶାନ୍ତ ନାୟକ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ନନ୍ଦିଗୋଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଡିମିର ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ।

# ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ନୟାହାଟ,୧୯।୯(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତ ଭୂରୁଭୂରା ଗ୍ରାମର ଥିବା ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ବାପି ମହାନ୍ତି(୩୫)। ଶ୍ରୀ ମହାନ୍ତି ଗାଧେଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଗଭୀର ପାଣିକୁ ଚାଲିଯାଇଥିଲେ। ଫଳରେ ପାଣିରେ ବୁଡ଼ିଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ବହୁ ଖୋଜାଖୋଜି ପରେ ତାଙ୍କ ମୃତଦେହ ଜବତ କରିଥିଲେ। ନୟାହାଟ ଫାଣ୍ଡି ପୁଲିସ ଶବ ଜବତ କରି ଚାରିଛକ ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବ୍ରହ୍ମଗିରି,୧୯।୯(ସମିସ): ପୁରୀ ଜିଲା ସାମାଜିକ ସୁରକ୍ଷା ଓ ଭିର୍ଣକ୍ଷମ ସଶକ୍ତୀକରଣ ବିଭାଗ ଏବଂ ବ୍ରହ୍ମଗିରି ବ୍ଲକ ପ୍ରଶାସନ ସହାୟତାରେ ଶୁକ୍ରବାର ଦିନ ବ୍ରହ୍ମଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ରତ୍ନବାଳା ବେହେରା ଉଦଘାଟନ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ, ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି, ମାନସିକ ଅନଗ୍ରସର ବ୍ୟକ୍ତିମାନେ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ଉପସ୍ଥିତ ବିଶେଷଜ୍ଞଠାରୁ ନିଜ ସ୍ୱାସ୍ଥ୍ୟଗତ ସମସ୍ୟା ସଂକ୍ରାନ୍ତ ପରାମର୍ଶ ଲୋଡ଼ିଥିଲେ।ବ୍ରହ୍ମଗିରି ବ୍ଲକର ବିଭିର୍ନ ଗ୍ରାମରୁ ଶିବିରରେ ମୋଟ ୭୪୦ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ଏ ସମ୍ପର୍କରେ ଜିଲାସ୍ତରରେ ବିଚାର ବିମର୍ଶ ପରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭସ୍ମୃତି ଜେନା, ଏ ବିଡିଓ ମହମଦ ଆକବର, ପଞ୍ଚାୟତ ସମିତି ଉପାଧକ୍ଷା ମାଳିନୀ ଦଳାଇ, ଜିଲ୍ଲାପରିଷଦ ସଭ୍ୟ କୈଳାସ ଚନ୍ଦ୍ର ପରିଡ଼ା, ବିଦ୍ୟାଧର ସ୍ୱାଇଁ ଉପସ୍ଥିତ ଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦିପନି ନାୟକ ଶିବିରକୁ ପରିଚାଳନା କରିଥିଲେ।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ନିମାପଡ଼ା,୧୯।୯(ସମିସ): ନିମାପଡ଼ା ଥାନା ଅଞ୍ଚଳରେ ସାପ କାମୁଡ଼ାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପୋଲିସ ଶବକୁ ଜବତ କରିଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ତେରୁଣ୍ଡିଆ ପଞ୍ଚାୟତରେ ରାଜରାସୀ ଗ୍ରାମର ଜ୍ୟୋସ୍ନାରାଣୀ ଜେନା (୫୧) ଶୁକ୍ରବାର ସକାଳ ସମୟରେ ବାରିପଟେ ଲଗା ଯାଇଥିବା ଜହ୍ନି, କାକୁଡ଼ି, ବାଇଗଣ ତୋଳିବାକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡି ଦେଇଥିଲା। ମହିଳା ଚିତ୍କାର କରି ନିଜ ଘରେ ଆସି ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାର ଲୋକେ ଗୁରୁତର ମହିଳାଙ୍କୁ ଚିକିତ୍ସା ପାଇଁ ନିମାପଡା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରି ପୋଲିସକୁ ଖବର ଦେବାରେ ପୁଲିସ ସେଠାରେ ପହଞ୍ଚି ଶବକୁ ଜବତ କରିଥିଲା। ପରେ ମୃତ ମହିଳାଙ୍କ ପରିବାର ଅଭିଯୋଗ ଆଧାରରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଗ୍ରାମର ଲୋକମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକ ବୈଠକ




କଣାସ,୧୯।୯(ସମିସ): କଣାସ ବ୍ଲକ୍ ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ପୁନର୍ବାସ ସେବା ଚିକିତ୍ସାକେନ୍ଦ୍ରର ସମସ୍ତ ଅଭିଭାବକଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପରିଚାଳନା କମିଟିର ସଦସ୍ୟ ସୁର୍ଦଶନ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦିବ୍ୟାଙ୍ଗ ପିଲାମାନଙ୍କର ଜୀବନଜୀବିକା ଏବଂ ସେମାନଙ୍କର କାର୍ଯ୍ୟଶୈଳୀ ଉପରେ ଆଲୋଚନା କରାଯାଇଥିଲା। ଦିବ୍ୟାଂଗ ପିଲାମାନେ କିପରି ସମାଜ ଆଗରେ ନିଜର ପରିଚୟ ତିଆରି କରି ସମାଜ ଗଠନ ଦିଗରେ ସହାୟକ ହେବେ ସମସ୍ତଙ୍କୁ ପରାମର୍ଶ ଦେଆଯାଇଥିଲା। ପ୍ରକଳ୍ପ ସଂଯୋଜକ କିଶୋର ଚନ୍ଦ୍ର ହାତୀ ସରକାର ସମସ୍ତ ସାହାର୍ଯ୍ୟ ସହଯୋଗ ଯୋଗାଉଥିବା ବେଳେ ଅନୁଷ୍ଠାନ ତରଫରୁ ଯୋଗାଇଦିଆ ଯାଉଥିବା ସୁବିଧା ବିଷୟରେ ଆଲୋଚନା କରିଥିଲେ।

୧୯/୯/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୩୫,୯୦୯/- ସୁନା: ୦୭.୧୫୦ ଗ୍ରାମ୍ ରୁପା: ୩୬୨.୮୦୦ ଗ୍ରାମ୍



# ଶିଶୁକୁ ଛୁଉଁନାହାନ୍ତି ଶିଶୁ ବିଶେଷଜ୍ଞ!

## ଡାକ୍ତରାଣୀଙ୍କ ବ୍ୟବହାରକୁ ନେଇ ଉଦ୍‌ବେଗ

ପୁରୀ, ୧୯।୯ (ସମିସ): ଶିଶୁରୋଗୀଙ୍କୁ ଛୁଉଁନାହାନ୍ତି ଡାକ୍ତରାଣୀ। ଛୁଇଁବା ତ ଦୂରର କଥା, ଶିଶୁଙ୍କ ଉପରେ ଷ୍ଟେଥୋ ବି ପକାଉନାହାନ୍ତି। ଦୂରରୁ ଛୁଆକୁ ଦେଖି ପ୍ରେସକ୍ରିପସନ୍‌ରେ ହାତ ଚଳାଉଛନ୍ତି। ଖାଲି ସେତିକି ନୁହେଁ, ଟିକିଏ ଓଲମବିଲମ୍ ହେଲେ ଅଭିଭାବକଙ୍କ ପ୍ରତି ଏମିତି ବ୍ୟବହାର ପ୍ରଦର୍ଶନ କରୁଛନ୍ତି ଯେ ଜୀବନ ଥିବା ଯାଏ ଜଣେ ତାଙ୍କ ପାଖକୁ ଯିବାକୁ ଆଉଥରେ ଯେପରି ଇଚ୍ଛା କରିବ ନାହିଁ। ପୁରୀ ଚନ୍ଦନହଜୁରୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରାଣୀଙ୍କ ବ୍ୟବହାର ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜଣେ କି ଦୁଇଜଣ ନୁହେଁ, ଏକାଧିକ ଅଭିଭାବକ ଏହି ଡାକ୍ତରାଣୀଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ ହେଉଛି।

ଡାକ୍ତରାଣୀଙ୍କ ଦୁର୍ବ୍ୟବହାର ନେଇ ଆଜି ଜଣେ ମହିଳା ଅଭିଭାବକ ଘୋର୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପେଣ୍ଟକଟାର ଶିବାନୀ ସାହୁ ଆଜି ତାଙ୍କର ୧୦ ମାସର ପୁଅକୁ ଚନ୍ଦନହଜୁରୀ ଶିଶୁ ଚିକିତ୍ସାଳୟକୁ ନେଇଯାଇଥିଲେ। ପୁଅକୁ ୩/୪ଦିନ ହେବ ଜ୍ୱର ହୋଇଛି ବୋଲି ସେ ଡାକ୍ତରାଣୀଙ୍କୁ କହିଥିଲେ। ପୁଅକୁ କ'ଣ ଔଷଧ ଦେଇଛ କି ବୋଲି ଡାକ୍ତରାଣୀଜଣଙ୍କ ପଚାରିଥିଲେ। ତେବେ ଶିବାନୀ ଦେଇଥିବା ଔଷଧ କହିବାରୁ ଡାକ୍ତରାଣୀଜଣଙ୍କ ଚିହିଁକି ଉଠିଥିଲେ। ତମେ ତମ ମନକୁ ଔଷଧ ଦେଉଛ, ଦିଅ। କାହିଁକି ଆସିଲ ବୋଲି କହିଥିଲେ। ଏହାଶୁଣି ନିରବ ରହିଥିଲେ ଶିବାନୀ। ପୁଅକୁ ଟିକେ ଦେଖନ୍ତୁ ବୋଲି କହିବାରୁ ସେ ଛୁଇଁ ନଥିଲେ। ଏହି ପ୍ରଥମଥର ନୁହେଁ, ତାଙ୍କ ସହ ପୂର୍ବରୁ ଆଉଥରେ ବି ଏମିତି ଘଟଣା ଘଟିଥିଲା ବୋଲି କହିଛନ୍ତି ଶିବାନୀ।

ସମାନ ଭାବେ ଗତ ମଙ୍ଗଳବାର ଡାକ୍ତରାଣୀଜଣଙ୍କ ଅନ୍ୟ ଜଣେ ମହିଳାଙ୍କୁ ଭଲ ବ୍ୟବହାର କରିନଥିଲେ। ପୁଅ କାଶୁଛି, ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛି, ଛାତିରେ କଫ ରହିଯାଇଛି କି ଟିକେ ଦେଖନ୍ତୁ ବୋଲି ସମ୍ପୃକ୍ତ ମହିଳା କହିବାରୁ ସେଦିନ ଡ୍ୟୁଟିରେର ଥିବା ଜଣେ ମହିଳା ଡାକ୍ତର ବିରକ୍ତି ପ୍ରକାଶ କରିଥିଲେ। କ'ଣ ଷ୍ଟ୍ରୋକ୍ ହୋଇଯାଇଛି କି ବୋଲି ଏକପ୍ରକାର ତାଚ୍ଛଲ୍ୟ କରିଥିଲେ। ପରେ ମହିଳାଜଣଙ୍କ ସେଠାରୁ ଫେରି ପରଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ପୁଅକୁ ଦେଖାଇଥିଲେ। ଏମିତି ବ୍ୟବହାର ଚନ୍ଦନହଜୁରୀରେ ଅନେକ ସମୟରେ ଘଟୁଛି। ହେଲେ ପିଲାଙ୍କ ଦେହ ଖରାପ ଥିବାରୁ କେହି ସାହସ କରି ଡାକ୍ତର କିମ୍ବା ଡାକ୍ତରାଣୀଙ୍କୁ କିଛି ନ କହି ନିରବ ରହୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୌଣସି ପିଲା ରୋଗରେ ପଡ଼ିଲେ ମାଆ ଅଧିକ ବ୍ୟତିବ୍ୟସ୍ତ ହୋଇପଡ଼େ। ପିଲାଟି କିପରି ଶୀଘ୍ର ସୁସ୍ଥ ହୋଇଯିବ ସେହି ଆଶା ନେଇ ହସ୍ପିଟାଲକୁ ଦୌଡ଼ି ଆସିଥାଏ। ପିଲାର ଅସୁସ୍ଥତାକୁ ନେଇ ସେ ଯେଉଁପରି ଭାବେ ଚିନ୍ତିତ ଥାଏ, ସେଭଳି ସ୍ଥଳେ ଡାକ୍ତର କିମ୍ବା ଡାକ୍ତରାଣୀଙ୍କ ଏଭଳି ବ୍ୟବହାର ନିଶ୍ଚିତ ଦୁଃଖଦାୟକ।

ଏଭଳି ଅଭିଯୋଗ ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥୀଙ୍କୁ ପଚାରିବାରେ ଯାହାଙ୍କ ବିଷୟରେ ଅଭିଯୋଗ ଆସିଛି ବୋଲି କହୁଛନ୍ତି ସେ ଜଣେ ଭଲ ଶିଶୁରୋଗ ବିଶେଷଜ୍ଞ। କିନ୍ତୁ ଆମ ମେଡିକାଲ ପାଠ କହୁଛି ଶିଶୁଙ୍କୁ ନିଶ୍ଚିତ ଷ୍ଟେଥୋସ୍କୋପ ପକାଇ ଦେଖିବା କଥା। କାରଣ ସେମାନେ ତାଙ୍କ ରୋଗ ବିଷୟରେ ନିଜେ କହିପାରନ୍ତି ନାହିଁ। ତଥାପି ଯେଉଁ ଅଭିଯୋଗ ଆସିଛି, ସେ ସଂପର୍କରେ ଅନୁଧ୍ୟାନ କରୁଛି ବୋଲି ସିଡିଏମ୍‌ଓ କହିଛନ୍ତି।

# ଜିଲ୍ଲାପାଳଙ୍କୁ ଫେରାଦ ହେଲେ କ୍ରିକେଟର୍

## ଖେଳାଳି ଚୟନରେ ଅନିୟମିତତା ଅଭିଯୋଗ



ପୁରୀ, ୧୯।୯ (ସମିସ): ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି କ୍ରିକେଟ ଲିଗ୍‌ରେ ପୁରୀରୁ ଖେଳାଳି ଚୟନରେ ଅନିୟମିତତା ଅଭିଯୋଗ ହୋଇଛି। ସମଗ୍ର ରାଜ୍ୟରେ ଏଥର ଦ୍ୱିତୀୟ ସର୍ବାଧିକ ୱିକେଟ୍ ନେଇଥିବା ପୁରୀର ଦ୍ରୁତ ବୋଲର ପଦ୍ମଲୋଚନ ପଣ୍ଡା ଏହି ଲିଗ୍‌ରୁ ବଞ୍ଚିତ ହେବା ପରେ ମୁହଁ ଖୋଲିଛନ୍ତି। ଏ ନେଇ ସେ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି।

ପଦ୍ମଲୋଚନ ଲିଖିତ ଅଭିଯୋଗ କରିଛନ୍ତି ଯେ ସେ ଗତ ୧୫ ବର୍ଷ ହେବ ପୁରୀ ଜିଲ୍ଲା ପାଇଁ କ୍ରିକେଟ୍ ଖେଳୁଛନ୍ତି। କିନ୍ତୁ ଦୁର୍ଭାଗ୍ୟ ଜଣେ ଖେଳାଳି ଭାବେ ସେ ଦକ୍ଷତା ପ୍ରତିପାଦନ କରିବାର କୌଣସି ଉପଯୁକ୍ତ ସୁଯୋଗ ପାଇନାହାନ୍ତି। ଚଳିତବର୍ଷ କଳାହାଣ୍ଡି କପ୍ ୨୦୨୫-୨୬ ସିଜନରେ ପୁରୀ ଜିଲ୍ଲାରୁ ଖେଳି ସର୍ବାଧିକ ୱିକେଟ୍ ନେଇଥିଲେ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଶିବିରରେ ମଧ୍ୟ ସେ ଓଡ଼ିଶାର ଦ୍ୱିତୀୟ ସର୍ବାଧିକ ୱିକେଟ୍ ନେବାର ଗୌରବ ହାସଲ କରିଥିଲେ।

ମାତ୍ର, ତାଙ୍କୁ ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି ଲିଗ୍ ନିଲାମିରେ ସ୍ଥାନ ମିଳିଲା ନାହିଁ। ତାଙ୍କ ଅଭିଯୋଗ ଅନୁଯାୟୀ, କ୍ରିକେଟ ଶିବିର କିମ୍ବା ନେଟ୍ସ ପାଇଁ ତାଙ୍କୁ ଅବଗତ କରାଯାଉନାହିଁ। ସର୍ବାଧିକ ୱିକେଟ ନେଇଥିବାରୁ ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି ଲିଗ୍ ପାଇଁ ସେ ଯୋଗ୍ୟ ହୋଇଥିଲେ ସୁଦ୍ଧା ଦାୟିତ୍ୱରେ ଥିବା ଜିଲ୍ଲା ପ୍ରତିନିଧି ନାଁ ନିଲାମ ପ୍ରକ୍ରିୟାରେ ସାମିଲ କଲେ ନାହିଁ। ଜିଲ୍ଲା ପ୍ରତିନିଧି ଏକ ନିର୍ଦ୍ଦିଷ୍ଟ କ୍ରିକେଟ୍ କ୍ଲବ୍‌ର ସଦସ୍ୟ ହୋଇଥିବା ବେଳେ ସେ ସେହି କ୍ଲବର ହୋଇନଥିବାରୁ ତାଙ୍କୁ ଅଣଦେଖା କରାଯାଇଛି। ତେଣୁ ପ୍ରତିଭାମାନଙ୍କ ସହ ଆଗକୁ ଯେମିତି ଏଭଳି ଅନ୍ୟାୟ ନହୁଏ, ସେନେଇ ଜିଲ୍ଲାପାଳ ନିଜେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି ପଦ୍ମଲୋଚନ।

● ହବିଷ୍ୟାଳି ପଞ୍ଜୀକରଣ

# ଦେଢ଼ ଘଣ୍ଟାରେ ୨,୭୦୦ ଆବେଦନ, ରହିବେ ୨,୫୦୦

ପୁରୀ,୧୯।୯ (ସମିସ): ହବିଷ୍ୟାଳି ଯୋଜନାରେ ଶୁକ୍ରବାରଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ଚଳିତବର୍ଷ ୨,୫୦୦ ହବିଷ୍ୟାଳିଙ୍କୁ ଏହି ଯୋଜନାରେ ସାମିଲ ପାଇଁ ପ୍ରଶାସନ ଧାର୍ଯ୍ୟ କରିଛି। ଅନ୍‌ଲାଇନ ପଞ୍ଜୀକରଣ ପାଇଁ ପ୍ରଥମ ଦିନ ପୋର୍ଟାଲ ଖୋଲିବାର ଦେଢଘଣ୍ଟା ମଧ୍ୟରେ ପ୍ରାୟ ୨,୭୦୦ ଜଣ ଆବେଦନ କରିଛନ୍ତି। ତେଣୁ ଅନ୍‌ଲାଇନ ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ପୋର୍ଟାଲକୁ ପ୍ରଥମ ଦିନରେ ହିଁ ବନ୍ଦ କରିଦେଇଛି ପ୍ରଶାସନ। ଗତବର୍ଷ ଭଳି ଏ ବର୍ଷ ମଧ୍ୟ ସରକାର ହବିଷ୍ୟାଳିଙ୍କ ସଂଖ୍ୟା କମାଇ ଦେଇଥିବାରୁ ଗୋଟିଏ ଦିନରେ ପଞ୍ଜୀକରଣ ସଂଖ୍ୟା ଟାର୍ଗେଟ ପାର୍ କରିଯାଇଛି। ତେବେ ଆବେଦନ କରିଥିବା ହବିଷ୍ୟାଳିଙ୍କ ମଧ୍ୟରୁ ଯାଞ୍ଚ ପରେ କିଛି ବାଦ୍ ପଡିପାରନ୍ତି ବୋଲି କୁହାଯାଉଛି। ୨୦୨୩ରେ ୩,୨୦୦ରୁ ଅଧିକ ହବିଷ୍ୟାଳି ଏହି ଯୋଜନାରେ ସାମିଲ ଥିବାବେଳେ ଗତବର୍ଷ ପ୍ରାୟ ୨,୭୦୦ ଜଣ ରହିଥିଲେ। କିନ୍ତୁ ପ୍ରଶାସନ ୨,୫୦୦ ଜଣ ରହିବେ ବୋଲି ଘୋଷଣା କରିଥିବାରୁ ପଞ୍ଜୀକରଣ କରି ନ ଥିବା ଅନେକ ମହିଳା ପହଞ୍ଚିଯିବାରୁ ନାନା ପ୍ରକାର ବିଶୃଙ୍ଖଳା ହୋଇଥିଲା। ତେଣୁ ଏଥର ପ୍ରଶାସନ ଆଗୁଆ ହାତ ଟେକିଦେଇ ଚଳିତବର୍ଷ ହବିଷ୍ୟାଳୀଙ୍କ ସଂଖ୍ୟା ୨,୫୦୦ ରଖାଯାଇଛି। ତେଣୁ ଆବେଦନ ବିଳମ୍ବ କଲେ ସୁଯୋଗ ମିଳିବ କି ନାହିଁ ଭାବି ପଞ୍ଜୀକରଣର ପ୍ରଥମ ଦିନରେ ହିଁ ଧାର୍ଯ୍ୟ ସଂଖ୍ୟାଠୁ ଢେର୍ ଅଧିକ ଆବେଦନ କରିଛନ୍ତି। ଗୋଟିଏ ଦିନରେ ପ୍ରାୟ ୨,୭୦୦ ଜଣ ଆବେଦନ କରିଥିବାରୁ ପ୍ରଶାସନ ପକ୍ଷରୁ ଏହାର ପୋର୍ଟାଲ ବନ୍ଦ କରିଦିଆଯାଇଛି।

## ଡ୍ରାଇଭରଙ୍କ ହାତଗୋଡ଼ ବାନ୍ଧି ଗାଡ଼ି ଲୁଟ୍ ଉଦ୍ୟମ

# ନାବାଳକ ସମେତ ୩ ଜଣଙ୍କୁ ବାନ୍ଧିଲା ପୁଲିସ

ପୁରୀ,୧୯।୯ (ସମିସ)

ଯାଜପୁରରୁ ବୋଲେରୋ ଭଡାରେ ଆଣି ଚନ୍ଦନପୁର ଥାନା ଅନ୍ତର୍ଗତ ଶିରୁଳୀଠାରେ ଡ୍ରାଇଭରଙ୍କ ଗୋଡ଼ହାତ ବାନ୍ଧି ଗାଡି ଲୁଟ୍ ଉଦ୍ୟମ କରିବା ମହଙ୍ଗା ପଡିଛି। ପୁଲିସ ହତରେ ଜଣେ ନାବାଳକଙ୍କ ସମେତ ୩ ଜଣ ଧରାପଡିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦନପୁର ଥାନା ବ୍ରାହ୍ମଣ ଆଲନ୍ଦିଆର ସତ୍ୟନାରାୟଣ ମହାରଣା, ପୁରୀ ଗୌଡବାଡ ସାହି ମହେଶ୍ୱର ନଗରର କାହ୍ନା ବେହେରା ଓରଫ୍ କାହ୍ନା ରାଉତ। ଅନ୍ୟଜଣେ ନାବାଳକକୁ ଜିଲ୍ଲା ଭଜୁଭେନାଇଲ ଜଷ୍ଟିସ୍ ବୋର୍ଡଙ୍କ ନିକଟରେ ହାଜର କରାଯାଇଛି।

ଅଭିଯୋଗ ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ଅଭିଯୋଗକାରୀ ଯାଜପୁର ଜିଲ୍ଲା କୋରେଇ ଥାନା ମୃତ୍ୟୁଞ୍ଜୟପୁର ଗ୍ରାମର ଗଜେନ୍ଦ୍ର ନାଥଶର୍ମା ଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ସକାଳେ ସେ ଯାଜପୁର ରେଳ ଷ୍ଟେସନ ପାଖରେ ମାଲିକଙ୍କ ବୋଲେରୋ ଗାଡି (ନଂ. ଓଡି୩୪ଏସ୍-୩୯୬୧) ଭଡା ନିମନ୍ତେ ଠିଆ ହୋଇଥିଲେ। ଏହି ସମୟରେ ତିନିଜଣ ପହଞ୍ଚି ପୁରୀ ଶିରୁଳୀ ମହାବୀର ମନ୍ଦିର ଭଡାରେ ଯିବାକୁ କହିବାରୁ ସେ ରାଜି ହୋଇ ବାହାରିଥିଲେ। ଶିରୁଳୀ ମହାବୀରଠାରେ ପହଞ୍ଚିବା ପରେ ସେମାନେ ତାଙ୍କୁ କାଳିକାନୂଆପଡା ଗ୍ରାମ ପାଖରେ ଥିବା ବାଇଶିବାଟିଆ ବନ୍ଧକୁ ଯିବାକୁ କହିବାରୁ ସେ ସେଠାକୁ ଗଲେ। ସେଠାରେ ସେହି ଯୁବକମାନେ ଆଣିଥିବା ମଦ ପିଇଲେ। ଅଭିଯୋଗକାରୀ ଯୁବକଙ୍କ ହାବଭାବ ଦେଖି ସନ୍ଦେହ କରିବାରୁ ହଠାତ୍ ସେହି ଯୁବକମାନଙ୍କ ମଧ୍ୟରୁ ଜଣେ ଗାମୁଛାରେ ଗଜେନ୍ଦ୍ରଙ୍କ ମୁହଁକୁ ବାନ୍ଧିଦେଲେ। ଗାଡ଼ି ଭିତରେ ହାତଗୋଡ ବାନ୍ଧି ପକେଇ ଦେଇ ଗାଡିଟିକୁ ଅପହରଣ କରିବା ଉଦ୍ଦେଶ୍ୟରେ ଛଡେଇ ନେଇଗଲେ। ତାଙ୍କ ପକେଟରେ ଥିବା ୪,୦୦୦ ଟଙ୍କା ମଧ୍ୟ ଛଡେଇକି ନେଇଥିଲେ। ସୁଯୋଗ ଦେଖି ବାଟରେ ଅଭିଯୋଗକାରୀ ଡ୍ରାଇଭର କୌଶଳ କ୍ରମେ ସେମାନଙ୍କ କବଳରୁ ଖସି ଆସି ଥାନାରେ ଏତଲା ଦେଲେ। ଏତଲା ଅନୁଯାୟୀ, ଚନ୍ଦନପୁର ଆଇଆଇସିଙ୍କ ନେତୃତ୍ୱରେ ତୁରନ୍ତ ଏକ ପୁଲିସ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା। ବିଭିନ୍ନ ଅଞ୍ଚଳରେ ଚଢାଉ କରି ଦୁର୍ବୃତ୍ତ ଛଡାଇ ନେଇଥିବା ବୋଲେରୋକୁ ଜବତ କରିବା ସହିତ ଅପରାଧୀଙ୍କୁ ୨ ଘଣ୍ଟା ମଧ୍ୟରେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଖଜୁରୀଆ ଗାଁ ପାଖରେ କାବୁ କରି ଶୁକ୍ରବାର କୋର୍ଟଚାଲାଣ କରିଛନ୍ତି। ତିନି ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ନାବାଳକ ଥିବାରୁ ତାଙ୍କୁ ଜିଲ୍ଲା ଜୁଭେନାଇଲି ଜଷ୍ଟିସ ବୋର୍ଡଙ୍କ ପାଖରେ ହଜାର କରାଯାଇଛି।



ଶ୍ରୀକ୍ଷେତ୍ରରେ କାଶତଣ୍ଡୀର ସମ୍ଭାର

# ନୂଆ ଉତ୍ପାଦ ବଜାରକୁ ଆଣିଲା 'ନୀଲ୍‌କମଲ'



ପୁରୀ,୧୯।୯ (ସମିସ): ଗୁଣାତ୍ମକ ଏବଂ ଦୀର୍ଘସ୍ଥାୟୀ ପ୍ଲାଷ୍ଟିକ ଉତ୍ପାଦ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା 'ନୀଲ୍କମଲ' ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଡିଲର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଡିଲର ଏବଂ ଗ୍ରାହକମାନଙ୍କ ପାଇଁ ଚଳିତ ବର୍ଷ କିଛି ନୂଆ ଉତ୍ପାଦ ବଜାରକୁ ଆସିଛି। ପ୍ଲାଷ୍ଟିକ ନିର୍ମିତ ସୋଫା ସେଟ୍ଠୁ ନେଇ ଡାଇନିଂ ଟେବୁଲ, ଚେୟାରରେ ୩ ବର୍ଷ ପର୍ଯ୍ୟନ୍ତ ନିଃସର୍ତ୍ତ ୱାରେଣ୍ଟି ଦିଆଯାଉଛି ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନୀଲ୍କମଲର ନ୍ୟାଶନାଲ ସେଲ୍ସ ହେଡ୍ ସମର୍ଥ ଶ୍ରୀବାସ୍ତବ କହିଛନ୍ତି, କମ୍ପାନୀ ପ୍ରତିବର୍ଷ ୧୦ରୁ ୨୦ଟି ନୂଆ ଉତ୍ପାଦ ବଜାରକୁ ଆଣୁଛି। ଏଥର ପ୍ଲାଷ୍ଟିକରେ ଏକ ସୋଫା ବଜାରକୁ ଆସିଛି, ଯାହାର ଲୁକ୍ ଏହା କାଠରେ ନିର୍ମିତ ବୋଲି ଜଣାପଡୁଛି। ଏହା ନିଶ୍ଚିତ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିବ। ଗୁଣାତ୍ମକ ମାନ ଦୃଷ୍ଟିରୁ ଏହା ବିଶ୍ୱସନୀୟତା ବଜାୟ ରଖିଛି। ଓଡିଶାରେ ପ୍ରତିବର୍ଷ ୮ରୁ ୧୦ ପ୍ରତିଶତ ବ୍ୟବସାୟିକ ଅଭିବୃଦ୍ଧି ଓ ଚାହିଦା ବଢିଥିବା ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ପାଦ ମୁଖ୍ୟ ଶିବକେଶ ଯାଦବ ଓ କରନ ରାଥୋଡ, ଆଞ୍ଚଳିକ ପ୍ରବନ୍ଧକ ରାକେଶ ରାଉତରାୟ, ଶାଖା ପ୍ରବନ୍ଧକ ପିୟୁଷ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉତ୍ପାଦ ଓ ପୂଜା ଅଫର ସମ୍ବନ୍ଧରେ ସୂଚନା ଦେଇଥିଲେ।

● ରେଳ ଡାକସେବା ଓ ମେଲ୍ ମୋଟର କର୍ମଚାରୀ ସଂଘ

# ପୁରୀରେ ହେବ ସର୍ବଭାରତୀୟ ସମ୍ମିଳନୀ

ପୁରୀ,୧୯।୯ (ସମିସ)




ଆସନ୍ତାବର୍ଷ ଜାନୁଆରୀ ୨୦ରୁ ୨୨ ତିନିଦିନ ଧରି ପୁରୀରେ ହେବ ଅଖିଳ ଭାରତୀୟ ରେଳ ଡାକ ସେବା ଓ ମେଲ୍ ମୋଟର୍ କର୍ମଚାରୀ ସଂଘ ଗ୍ରୁପ୍ ସି'ର ୩୫ତମ ସର୍ବଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଏହାର ପ୍ରସ୍ତୁତି ବୈଠକ ଓ ଅଭ୍ୟର୍ଥନା କମିଟିର ଗଠନ ଅନୁଷ୍ଠିତ ହୋଇଛି। ରାଜ୍ୟ କର୍ମଚାରୀ ସଙ୍ଗଠନର ନେତା ରବୀନ୍ଦ୍ରନାଥ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଖିଳ ଭାରତୀୟ ରେଳ ଡାକସେବା ଓ ମେଲ୍ ମୋଟର କର୍ମଚାରୀ ସଂଘ ଗ୍ରୁପ୍ ସି ଓଡ଼ିଶା ପରିମଣ୍ଡଳର ସଙ୍ଗଠନର ବିଭିନ୍ନ ଡିଭିଜନ ଏବଂ ବ୍ରାଞ୍ଚର ସଦସ୍ୟମାନେ ଯୋଗ ଦେଇଥିଲେ। ଆଲୋକ ରଞ୍ଜନ ସ୍ୱାଇଁ, ସପନ କୁମାର ମହାନ୍ତି, ଅଜିତ କୁମାର ଖୁଣ୍ଟିଆ ଅଲ୍ ଇଣ୍ଡିଆ କନଫରେନ୍ସ ରିସେପ୍ସନ କମିଟିର ଚେୟାରମ୍ୟାନ, ଜେନେରାଲ୍ ସେକ୍ରେଟାରୀ ଓ ଟ୍ରେଜରର ଭାବେ ମନୋନୀତ ହୋଇଛନ୍ତି।

ଏହି କମିଟିକୁ ବିଶ୍ୱଜିତ ନାଏକ, ଫଣୀଭୂଷଣ ତ୍ରିପାଠୀ ଓ ଅମିତ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ମନୋନୀତ ହୋଇଛନ୍ତି। ଏଥିସହିତ ବିଭିନ୍ନ ପ୍ରକାରର ସବ୍ କମିଟି ଗଠନ କରଯାଇଛି। ଏଥିରେ ପୁରୀରେ ହେବାକୁ ଯାଉଥିବା ସର୍ବଭାରତୀୟ ସମ୍ମିଳନୀକୁ କିପରି ସୂଚାରୁ ରୂପେ ସଫଳ କରାଯିବ ସେଥିପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

ସାରା ଭାରତ ବର୍ଷରୁ ଆସିଥିବା ଡେଲିଗେଟ୍ସ, ଗେଷ୍ଟସ ଏବଂ ଲିଡର୍ସମାନେ କିପରି ପୁରୀ ତଥା ଓଡିଶାରୁ ସୁଖଦ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଚେଷ୍ଟିତ ତଥା ଯତ୍ନବାନ ହେବା ନିମନ୍ତେ କମିଟିର ସମସ୍ତ ସଦସ୍ୟମାନଙ୍କୁ ତଥା ଓଡିଶା ରେଳ ଡାକସେବାର ସମସ୍ତ ସଦସ୍ୟମାନକୁ ସଭାପତି ଗୁରୁତ୍ୱାରୋପ କରିବା ସହିତ ସହଯୋଗ କାମନା କରିଥିଲେ। ଏହି ସଭାରେ ପି-୩ର ଓଡିଶା ପରିମଣ୍ଡଳ ସମ୍ପାଦକ ରାଜେଶ ଚନ୍ଦ୍ର ବୋହିଦାର, ଆର-୧୧୧ର ପୂର୍ବତନ ମଣ୍ଡଳ ସମ୍ପାଦକ ଦୁଷ୍ମନ୍ତ କୁମାର ସେଠୀଙ୍କ ସହିତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଆର୍-ଆଇଭିର ମଣ୍ଡଳ ସଂପାଦକ ରବିନାରାୟଣ ମହାନ୍ତି ଏହି ସଭାରେ ଉପସ୍ଥିତ ଥିଲେ।

## ଜିମ୍ନାଷ୍ଟିକ୍ ଓ ମାଲ୍‌ଖମ୍ବରେ ପୁରୀ, ବକ୍ସିଂରେ ଗଞ୍ଜାମ ଚାମ୍ପିଅନ୍

ପୁରୀ, ୧୯।୯ (ସମିସ): ପୁରୀ ଜିଲ୍ଲା ସ୍କୁଲ ପରିସରରେ ଚାଲିଥିବା ତିନିଦିନିଆ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ମୁଷ୍ଟି ଯୁଦ୍ଧ, ବ୍ୟାୟାମ ବିଦ୍ୟା ଓ ମାଲ୍‌ଖମ୍ବ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମଗ୍ର ରାଜ୍ୟରୁ ୨୫୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ୬୦ରୁ ଅଧିକ ପ୍ରଶିକ୍ଷକ ଓ ଅଫିସିଆଲ୍ ଯୋଗ ଦେଇଥିଲେ। ବ୍ୟାୟାମ ବିଦ୍ୟା (ଜିମ୍ନାଷ୍ଟିକ୍)ରେ ପୁରୀ ଜିଲ୍ଲା ଚାମ୍ପିଅନ ଓ ଭୁବନେଶ୍ୱର ରନର୍ସପ୍, ମୁଷ୍ଟି ଯୁଦ୍ଧ (ବକ୍ସିଙ୍ଗ୍) ରେ ଗଞ୍ଜାମ ଜିଲ୍ଲା ଚାମ୍ପିଅନ ଓ ପୁରୀ ଜିଲ୍ଲା ରନର୍ସପ୍ ଓ ମାଲଖମ୍ବରେ ପୁରୀ ଜିଲ୍ଲା ଚାମ୍ପିୟନ ହୋଇ ସମଗ୍ର ରାଜ୍ୟରେ ନିଜ ନିଜ ଜିଲ୍ଲାର ଗୌରବବୃଦ୍ଧି କରିପାରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୁଷଣ ସମରଥ କହିଲେ, କ୍ରୀଡ଼ାବିତ୍‌ମ ନିଜର ଅଭ୍ୟାସ ଜାରି ରଖିଲେ ନିଶ୍ଚିତ ଭାବେ ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ନିଜ ଜିଲ୍ଲାର ତଥା ରାଜ୍ୟର ସମ୍ମାନ ବଢ଼ାଇପାରିବେ। ଏଥିପାଇଁ ପ୍ରଶିକ୍ଷକମାନଙ୍କ ନିର୍ଦ୍ଦେଶ, ପ୍ରଶିକ୍ଷଣ ନିୟମ ଓ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ପ୍ରଦାନ କରିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ, ଶାରୀରିକ ଶିକ୍ଷା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ କୁନି କୁନି କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ।

Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
| --- | --- | --- |
| 19th September, 2025 | 06:00 PM | Rourkela |

Venue: Hotel Radhika Regency, Bisra Road, Rourkela-769001
Name: Sahanwaj Alam | Mob. No.: Sahanwaj Alam

Nippon Life India Asset Management Limited | CIN : L65910MH1995PLC220793

Mutual Fund investments are subject to market risks, read all scheme related documents carefully.

ସକାଳ
THE SAKALA

# ସମ୍ପାଦକୀୟ

ଭାରତ ପ୍ରତ୍ୟେକ ମହାନ ଧର୍ମର ନିବାସ ସ୍ଥଳ।
-ଆନି ବେସାନ୍ତ

## ଲଘୁ ଖଣିଜ ସମ୍ପଦ ଲୁଟ୍

ଆମ ରାଜ୍ୟରେ ଲଘୁ ଖଣିଜ ଚୋରାଚାଲାଣ ସମସ୍ତ ନିୟନ୍ତ୍ରଣକୁ ଅତିକ୍ରମ କରିଯାଇଛି। କ୍ଷମତା କେନ୍ଦ୍ରର କଠୋର କଟକଣା ଓ ନିର୍ଦ୍ଦେଶର କ୍ରମାଗତ ଉଲ୍ଲଂଘନରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ ଚୋରା ଚାଲାଣକାରୀ ମାଫିଆଙ୍କ ସହ ଅଧାଧିକ ନେତାଙ୍କ ଉଚ୍ଚସ୍ତରରେ ସଂପର୍କ ଥିବାରୁ ରାଜ୍ୟର ବିପୁଳ ରାଜସ୍ୱହାନି ଘଟୁଛି। ଏପରିକି କ୍ଷମତାକେନ୍ଦ୍ର ସହ ସଂଶ୍ଳିଷ୍ଟ ଦଳର ବରିଷ୍ଠ ନେତା ଏହି ଚୋରା ଚାଲାଣ ନେଇ ସ୍ୱର ଉତ୍ତୋଳନ କରିଥିଲେ ମଧ୍ୟ କୌଣସି ପ୍ରଭାବ ତୃଣମୂଳ ସ୍ତରରେ ପଡୁନାହିଁ। ଏ ବାବଦରେ ରାଜସ୍ୱ ଆଦାୟ ୧୪୮୫ କୋଟିରୁ ୭୦୦ କୋଟିଙ୍କାକୁ ହ୍ରାସ ପାଇଥିବାରୁ ଶାସନକଳର ଚରମ ଉଦାସୀନତା ସବୁରି ନଜରରେ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗତ ମାର୍ଚ୍ଚମାସରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ପଥର, ବାଲି ଓ ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ବିଶେଷକରି ନିୟମିତ ଚଢ଼ଉ ପାଇଁ ଦେଇଥିବା ନିର୍ଦ୍ଦେଶ ପ୍ରତି ଏପର୍ଯ୍ୟନ୍ତ ଉଚିତ ଧ୍ୟାନ ଦିଆଯାଉଥିଲା ଭଳି ମନେହେଉନାହିଁ। ଏହି ଖଣିଜ ସଂପଦର ଦୃଷ୍ଟାଭରା ଚିହ୍ନଟ କରି ଅତିରିକ୍ତ ରାଜସ୍ୱ ଆଦାୟ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଖଣି ମାଫିଆ ସେମାନଙ୍କ କାର୍ଯ୍ୟ ପରିସର ବଢ଼ାଇ ନିର୍ଭୟରେ ଚୋରା ଚାଲାଣ କରୁଛନ୍ତି। ଏକଥା ସତ ଯେ ଏହି ଲୁଟତରାଜ ରୋକିବା ପାଇଁ ମିଳିତ ଚଢ଼ଉର ଆବଶ୍ୟକତା ରହିଛି। ପୁଲିସ, ତହସିଲ, ଖଣି ଓ ଆବଶ୍ୟକ ସ୍ଥଳେ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବା ଜରୁରୀ ହୋଇପଡ଼ିଛି। ନିୟମିତ ଭାବେ ମିଳିତ ଚଢ଼ଉ ଜାରି ରଖିଲେ ଚୋରା ଚାଲାଣକୁ ରୋକିହେବ। ପରିସ୍ଥିତି ଏପରି ହୋଇଛି ଯେ ଚଢ଼ଉ ବେଳେ ତହସିଲ କର୍ତ୍ତୃପକ୍ଷଙ୍କୁ ଧମକ ଚମକ ଦେଇ ଖଣି ମାଫିଆ ନିଜ ଶୈଳୀରେ ଚୋରା ଚାଲାଣ ଜାରି ରଖୁଛନ୍ତି। ବେଳେ ବେଳେ ମନେହୁଏ ସେମାନଙ୍କର ଉଚ୍ଚକ୍ଷମତା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ସହ ସଂପର୍କ ଥିବାରୁ ନିମ୍ନସ୍ତରର କ୍ଷମତାଧାରୀ ନିଜକୁ ଅସହାୟ ମନେ କରୁଛନ୍ତି। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ସମସ୍ତେ ନିଜ ନିଜ ଢଙ୍ଗରେ ହାତ ଟିଙ୍କଣ କରି ନିରବ ରହୁଛନ୍ତି। ଏହି ବାସ୍ତବ ଦିଗ ପ୍ରତି ଉପରୁ ନିର୍ଦ୍ଦେଶ ଦେଉଥିବା କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ କେବଳ କାଗଜ କଲମରେ ଚାଷ ହେଉଛି ସିନା ଚୋରା ଚାଲାଣ ରୋକି ହେଉନାହିଁ।

ପୁଲିସ-ତହସିଲ-ଖଣି ବିଭାଗର ମଧୁଚନ୍ଦ୍ରିକା ସଂପର୍କରେ ଯାହା କୁହାଯାଉଛି ତାହା ଯେ ସଂପୂର୍ଣ୍ଣ ରୂପେ ବିଭ୍ରାନ୍ତିକର ଏକଥା ନୁହେଁ। ଏବାବଦରେ ହେଉଥିବା ରାଜସ୍ୱ ହରିଲୁଟ୍ ପଛରେ ଯେଉଁ ପ୍ରଭାବଶାଳୀ ବର୍ଗ ରହିଛନ୍ତି ସେମାନଙ୍କ ପ୍ରସଙ୍ଗ ଆଲୋଚନା ପରିସରକୁ ଆସୁନାହିଁ। ଚଢ଼ଉର ଉପରେ ଉପରେ ପର୍ଯ୍ୟନ୍ତ ଏବାବଦରେ ଆଦାୟ ହେଉଥିବା ଅର୍ଥ ଶାସନାଧୀ ଅଛନ୍ତି। ଅନେକ କ୍ଷେତ୍ରରେ ଖଣି ମାଫିଆଙ୍କ ପ୍ରତି ରାଜନେତାଙ୍କ ଆଶୀର୍ବାଦ ଥିବାରୁ ସେମାନେ ନିର୍ଭୟରେ ଲଘୁ ଖଣିଜ ଲୁଟି ଚାଲିଛନ୍ତି। ଧନ ପଗଡ଼ ବେଳେ ସେମାନେ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ଗାଲିକୁ ନାଲିଆଖି ଦେଖାଇ ଚମକ ମାରୁଛନ୍ତି। ଏଭଳି ପରିସ୍ଥିତିରେ କିଏ କାହାକୁ ରୋକିବ? ଲଘୁ ଖଣିଜ ସମ୍ପଦ ବ୍ୟାପାରରେ ବାଡ଼ି ଫସଲ ଖାଇବା ନୀତି ଅନୁସରଣ କରାଯାଉଥିବାରୁ ରାଜସ୍ୱ ହାନି ଘଟିବା ସ୍ୱାଭାବିକ।

## ବିପଦରେ ପ୍ରବାସୀ ଭାରତୀୟ

ଆମ ଦେଶର ପ୍ରାୟ ୪କୋଟି ଲୋକ ବିଦେଶରେ ଅବସ୍ଥାନ କରୁଛନ୍ତି। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦୈନିକ ହାରାହାରି ୭୦୦ ଭାରତୀୟ ଦେଶ ଛାଡୁଛନ୍ତି। ସମ୍ପନ୍ନ ପରିବାରରେ ବିଶେଷତଃ ଏହି ମାନସିକତା ପରିଲକ୍ଷିତ ହେଉଛି। ଏହି ପ୍ରବାସୀ ଭାରତୀୟ ଏଠାରେ ଥିବା ନିଜ ପରିବାର ଓ ପରିଜନଙ୍କ ସକାଶେ ନିୟମିତ ପଠାଉଥିବା ଡଲାର ଆମ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେଉଛି। ସେମାନଙ୍କ ନିକଟରୁ ଗତ ବର୍ଷ ୧୩୬ ବିଲିୟନ ଡଲାର ଭାରତକୁ ଆସିଛି। ଆମ ଜିଡିପିରେ ଏହାର ଅବଦାନ ୩.୪ ପ୍ରତିଶତ। ଏହାଛଡ଼ା ଗଚ୍ଛିତ ବୈଦେଶିକ ବିନିମୟ ମୁଦ୍ରା ଅଭିବୃଦ୍ଧିରେ ସେମାନଙ୍କ ଦ୍ୱାରା ପ୍ରେରିତ ଡଲାରର ଅବଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏସବୁ ଉଲ୍ଲେଖ କଲାବେଳେ ସ୍ୱତଃ ମନରେ ଉଙ୍କିମାରେ ସମ୍ଭ୍ରାନ୍ତ ଓ ସମ୍ପନ୍ନ ପରିବାର ଭାରତର ତଥାକଥିତ ପ୍ରଗତିରେ ଅଂଶୀଦାର ନହୋଇ କାହିଁକି ଦେଶ ଛାଡୁଛନ୍ତି। ଏ ସଂପର୍କରେ ଏପର୍ଯ୍ୟନ୍ତ ଆମ ଦେଶରେ କୌଣସି ତାଜା ସମୀକ୍ଷା ହୋଇନାହିଁ। ସେମାନଙ୍କ ତଥାକଥିତ ରେମିଟାନ୍ସରେ ହିଁ ଆମେ ସନ୍ତୁଷ୍ଟ ଥିଲା ଭଳି ମନେ ହେଉଛି।

ଏବେ ଆମ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି ଏହି ପ୍ରବାସୀ ଭାରତୀୟମାନେ ଅବସ୍ଥାନ କରୁଥିବା ରାଷ୍ଟ୍ରରେ ମୁଣ୍ଡ ଟେକିଥିବା ଅତିବାଦୀ ଦକ୍ଷିଣପନ୍ଥୀଙ୍କ ବହିରାଗତ ବିଦ୍ୱେଷୀ ଆନ୍ଦୋଳନ। ଏହି ପ୍ରବାସୀଙ୍କ ଅବସ୍ଥାନ ଫଳରେ ମୂଳବାସିନ୍ଦା ନିଯୁକ୍ତି ସୁଯୋଗରୁ ବଂଚିତ ହେବା ସହ ମୂଲ୍ୟବୃଦ୍ଧି ସେମାନଙ୍କ ଜୀବନକୁ ଦୁର୍ବିସହ କରିପକାଇଛି। ସମଗ୍ର ବିଶ୍ୱରେ ଦକ୍ଷିଣପନ୍ଥୀ ମାନସିକତାର ଅଭ୍ୟୁଦୟ ଘଟିଥିବାରୁ ସେମାନଙ୍କ ଆନ୍ଦୋଳନ ଓ ହିଂସା, କ୍ଷମତାସୀନ ସରକାର ପ୍ରତିକୂଳ ଅର୍ଥନୀତିର ମୁକାବିଲା କରୁଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଭଳି ନୂଆ ସମସ୍ୟାର ସମ୍ମୁଖୀନ ହୋଇଛି। ପ୍ରବାସୀ ଭାରତୀୟ ବିରୋଧୀ ଆନ୍ଦୋଳନ ଅଷ୍ଟ୍ରେଲିଆ ପରେ ବ୍ରିଟେନରେ ତୀବ୍ର ହେବାରେ ଲାଗିଛି। ଗତ ଶନିବାର ଲଣ୍ଡନରେ ଦେଢ଼ଲକ୍ଷ ମୂଳବାସିନ୍ଦା ଟମ୍ ରବିନ୍‌ସନ୍‌ଙ୍କ ନେତୃତ୍ୱରେ ରାଜରାସ୍ତାକୁ ଓହ୍ଲାଇ ବହିରାଗତଙ୍କୁ ବହିଷ୍କାର ଦାବି କରିଥିଲେ। ଏହା ମୁଖ୍ୟତଃ ଥିଲା ପ୍ରବାସୀ ଭାରତୀୟଙ୍କ ବିରୋଧରେ। ଆଇନ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ୨୬ ବରିଷ୍ଠ ଅଧିକାରୀ ହିଂସାକାଣ୍ଡରେ ଆହତ ହୋଇଛନ୍ତି। ଏହି ସମାବେଶକୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ଏଲନ ମସ୍କ କହିଛନ୍ତି – ମାଡ଼ି ଆସୁଛି ହିଂସା ମୁକାବିଲା କର, ନହେଲେ ମୃତ୍ୟୁକୁ ଆଦରି ନିଅ। ଲଣ୍ଡନରେ ଉପୁଜିଥିବା ଏହି ପରିସ୍ଥିତିର କିଛିଦିନ ପୂର୍ବରୁ ଅଷ୍ଟ୍ରେଲିଆରେ ପ୍ରବାସୀ ଭାରତୀୟଙ୍କ ବହିଷ୍କାର ଦାବି କରି ମୁଣ୍ଡ ଟେକିଥିବା ଆନ୍ଦୋଳନ ଭୟଙ୍କର ରୂପ ନେଇଥିଲା। ଏହି ବହିରାଗତଙ୍କ ଭୋଟ ଉପରେ ନିର୍ଭରଶୀଳତା ଦୃଷ୍ଟିରୁ ସରକାର କଠୋର ଦମନ ନୀତି ମାଧ୍ୟମରେ ଆନ୍ଦୋଳନକୁ ଚପାଇଦେଇଥିଲେ ମଧ୍ୟ ପରିସ୍ଥିତି ସୁଧୁରିନି। ଅନୁରୂପ ପରିସ୍ଥିତି ଆର୍ୟଲାଣ୍ଡରେ ମଧ୍ୟ ଅନୁଭୂତ ହୋଇଛି। ସବୁ ଦେଶରେ ମୂଳ ବାସିନ୍ଦାଙ୍କ ସେହି ଏକା ଦାବି। ଆମେରିକା ଓ କାନାଡ଼ା ସ୍ଥିତି ସଂପର୍କରେ ଅଧିକ କିଛି ଉଲ୍ଲେଖ କରିବା ଅନାବଶ୍ୟକ। ନିକଟରେ ଆମେରିକାରୁ ଦକ୍ଷିଣ କୋରିଆ ପ୍ରବାସୀଙ୍କୁ ବହିଷ୍କାର କରାଯାଇଛି। ଏହାସତ୍ତ୍ୱେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ପ୍ରବାସୀଙ୍କ ସେବା ଓ ସହଯୋଗର ଆବଶ୍ୟକତା ଦେଶରେ ରହିଛି।

ଏକଥା ଉଲ୍ଲେଖ କଲାବେଳେ ଆମକୁ କହିବାକୁ ପଡୁଛି ଯେ ପଡ଼ୋଶୀ ନେପାଳ ଓ ବାଂଲାଦେଶରେ ଭାରତୀୟଙ୍କ ବିରୋଧରେ କ୍ରମାଗତ ହିଂସା ଉପୁଜୁଥିଲେ ମଧ୍ୟ କିଛି ପ୍ରତିକାର କରାଯାଇ ପାରୁନି। କେବଳ ସୀମାରେ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରି ସରକାର ନିରବ ଦ୍ରଷ୍ଟା ସାଜିଛନ୍ତି। ନେପାଳ ସହ ଆମର ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଂପର୍କ ଥିଲେ ମଧ୍ୟ ଭାରତୀୟଙ୍କ ପ୍ରତି ଆକ୍ରୋଶମୂଳକ ହିଂସା ର କୌଣସି ଉତ୍ତର ଆମ ପାଖରେ ନାହିଁ।

# ନିର୍ବାଚନ ରଣାଙ୍ଗନରେ ଶବ୍ଦର ଯାଦୁ

**ଜିତୁ ନାଥ**

ସମ୍ପ୍ରତି ବିହାର ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ 'ଭୋଟ ଚୋରି' ପରି ଏକ ଆକର୍ଷଣୀୟ ଉତ୍କଣ୍ଠାପୂର୍ଣ୍ଣ ଶବ୍ଦକୁ ମତଦାତାଙ୍କ ମାନସିକ ଭାବନା ସହ ଯୋଡ଼ିବାକୁ ବିରୋଧୀ ଦଳ ନେତା ପ୍ରୟାସ କରୁଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଅନ୍ୟାନ୍ୟ ବିରୋଧୀ ଦଳର ନେତାମାନେ ଏହାକୁ ଜାତୀୟ, ପ୍ରାଦେଶିକ ଓ ସ୍ଥାନୀୟ ସ୍ତରରେ ବାରମ୍ବାର ଉଚ୍ଚାରଣ କରି ଏହାର ଗୁରୁତ୍ୱ ବଢ଼ାଇବାକୁ ଯୋଜନା କରୁଛନ୍ତି। ବିହାରରେ ଚାଲିଥିବା 'ଭୋଟର ଅଧିକାର ଯାତ୍ରା'ରେ ଏହି ଶବ୍ଦକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭୋଟ ଚୋରି ଦ୍ୱାରା ଭାରତୀୟ ଗଣତନ୍ତ୍ରକୁ ବିପନ୍ନ ଏବଂ ବିହାର ମତଦାତାଙ୍କ ସର୍ବନିମ୍ନ ଅଧିକାରକୁ ଛଡ଼େଇ ନେବାର ପ୍ରୟାସ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ କରୁଛନ୍ତି ବୋଲି ପ୍ରଚାର କରାଯାଉଛି। ଏହି ଶବ୍ଦ ବର୍ତ୍ତମାନ ବିରୋଧୀ ଦଳର ମୁଖ୍ୟ ଅସ୍ତ୍ର ହିସାବରେ ଗ୍ରହଣ କରାଯାଇଛି ଏବଂ ଏହାର ସଫଳତା ପାଇଁ ବିଭିନ୍ନ ମାଧ୍ୟମ ଅବଲମ୍ବନ କରାଯାଉଛି। ଏପରି ସ୍ଲୋଗାନ, ଶବ୍ଦ, ଶବ୍ଦପୁଞ୍ଜି, ସଂଳାପ, ପଂକ୍ତି, ଲୋକକଥା ବେଳେବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପଛରେ ପକାଇ ଭୋଟରଙ୍କ ଭାବାବେଗକୁ ନିୟନ୍ତ୍ରଣ କରିଥାଏ ଏବଂ ନିର୍ବାଚନର ଫଳାଫଳାକୁ ନିର୍ଦ୍ଧରଣ କରିଥାଏ।

ସ୍ୱାଧୀନତା ପରର ପ୍ରଥମ ନିର୍ବାଚନଠାରୁ ଆରମ୍ଭ କରି ଅଦ୍ୟାବଧି ଦେଶର କେନ୍ଦ୍ର ସରକାର ବା ପ୍ରାଦେଶିକ ସରକାରଙ୍କ ଗଠନରେ ଏପରି ସ୍ଲୋଗାନର ଯଥେଷ୍ଟ ଭୂମିକା ଥିବାର ପ୍ରମାଣ ରହିଛି। ସ୍ଲୋଗାନ ମାଧ୍ୟମରେ ଦଳର ମୁଖ୍ୟ ପ୍ରଚାରକ ଏକ ଦୃଢ଼ ବାର୍ତ୍ତା ଦିଅନ୍ତି, ଯାହା ଭୋଟରଙ୍କୁ ଉତ୍ସାହିତ କରିଥାଏ। ଏହାଦ୍ୱାରା ଭୋଟଦାନର ହାର ମଧ୍ୟ ବଢ଼ିବାର ସମ୍ଭାବନା ଥାଏ। ତୁଣ୍ଡ ବାଇଦ ସହସ୍ର କୋଶ ପରି ଏହି ଶବ୍ଦ ଏକ ନିର୍ଦ୍ଦିଷ୍ଟ ଦଳର ଆଭିମୁଖ୍ୟକୁ ବହୁ ସହଜରେ ନିର୍ବାଚନ କ୍ଷେତ୍ରର କୋଣ ଅନୁକୋଣରେ ପହଞ୍ଚାଇଥାଏ। ସମୟ ସମୟରେ ରାଜନୈତିକ ଅସ୍ଥିରତା, ଆଶା-ଆଶଙ୍କା ମଧ୍ୟରେ ଏପରି ସ୍ଲୋଗାନ ମଧ୍ୟ ମତଦାତାଙ୍କୁ ଯୋଡ଼ିବାରେ ସାହାଯ୍ୟ କରିଥାଏ ଏବଂ ବହୁଦିନ ପର୍ଯ୍ୟନ୍ତ ଜନମାନସରେ ଉଜ୍ଜୀବିତ ରହିଥାଏ।

ଗତ ଫେବୃଆରୀ ମାସରେ ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଆଶ୍ଚର୍ଯ୍ୟଜନକ ଥିଲା। ଆମ ଆଦମୀ ପାର୍ଟି(ଆପ୍)ର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ସହ ମନୀଷ ସିସୋଡିଆ, ସତ୍ୟେନ୍ଦ୍ର ଜୈନ ପ୍ରମୁଖ ବହୁ ପ୍ରଭାବଶାଳୀ ନେତାଙ୍କ ପରାଜୟ ବହୁ ରାଜନୀତି ବିଶାରଦଙ୍କ ପୂର୍ବାନୁମାନକୁ ଭୁଲ୍ ସାବ୍ୟସ୍ତ କରିଥିଲା। ଏହି ଫଳାଫଳର ବିଭିନ୍ନ କାରଣମାନଙ୍କୁ ତର୍ଜମା କଲା ବେଳେ ଅନ୍ୟସବୁ ପ୍ରସଙ୍ଗ ତୁଳନାରେ ଭାରତୀୟ ଜନତା ପାର୍ଟି(ବିଜେପି)ର ପ୍ରଚାରଶୈଳୀ, ପ୍ରସାର ମାଧ୍ୟମ ଓ ନ୍ୟାରେଟିଭ ଗଠନ ବିଶେଷ ଗୁରୁତ୍ୱ ବହନ କରେ। ଦିଲ୍ଲୀ ବିଧାନସଭା ନିର୍ବାଚନରେ 'ଆପ୍'କୁ 'ଆପଦା' ଅର୍ଥାତ ବିପଦ ସହ ଯୋଡ଼ିବା ବିଜେପିର ଏକ ପ୍ରମୁଖ ରାଜନୈତିକ ଅସ୍ତ୍ର ଥିଲା ବୋଲି ବିବେଚନା କରାଯାଉଛି।

ସ୍ୱାଧୀନ ଭାରତରେ ୧୯୭୧ ମସିହା ନିର୍ବାଚନରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର 'ଗରିବୀ ହଟାଓ' ନାରା ସାରା ଦେଶରେ ଗୁଞ୍ଜରିତ ହୋଇଥିଲା। ୨୦୧୪ରେ 'ଅଚ୍ଛେଦିନ ଆ ରହେ ହିଁ' କାମ ଦେଇଥିଲା। ଏହା ଆମ ଦେଶରେ ଏ ପର୍ଯ୍ୟନ୍ତ ଏକ ପ୍ରଭାବୀ ସ୍ଲୋଗାନ ଭାବେ ପରିଗଣିତ। ୧୯୯୬ ମସିହା ନିର୍ବାଚନରେ 'ଅବ କି ବାରି ଅଟଳ ବିହାରୀ' କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ କରିପାରିଥିଲା। ୨୦୧୯ ମସିହାର 'ଫିର ଏକ ବାର ମୋଦୀ ସରକାର' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିତ୍ୱ, ଚିନ୍ତାଧାରା ଓ ନେତୃତ୍ୱ ନେବାର ଶ୍ରେଷ୍ଠତ୍ୱକୁ ସମ୍ମୁଖରେ ରଖି ମତଦାତାଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହେଲା। ଗତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ 'ବଟେଙ୍ଗେ ତୋ କଟେଙ୍ଗେ', 'ଏକ ହେ ତୋ ସେଫ ହେ' ସ୍ଲୋଗାନ୍ ସେହି ସମୟର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟଙ୍କ ଭବିଷ୍ୟ ଉପରେ ସଚେତନ କରାଇ ମତଦାତାଙ୍କ ନିକଟତର ହୋଇପାରିଲା।

ଗଣତାନ୍ତ୍ରିକ ପର୍ବ ନିର୍ବାଚନର କିଛି ସ୍ଲୋଗାନ ମଧ୍ୟ ଏପରି ରହିଛି, ଯାହା ଦଳ ବା ନେତୃତ୍ୱର ବିରୋଧରେ କାମ କରିଛି ବା ବିରୋଧୀ ଦଳ ପାଇଁ ଫାଇଦା ଆଣିଛି। ୨୦୨୪ ନିର୍ବାଚନରେ କେନ୍ଦ୍ର ସରକାରଙ୍କର 'ଅବ କି ବାର, ୪୦୦ ପାର' ଏହାର ସଦ୍ୟତମ ଉଦାହରଣ। କିଛିବର୍ଷ ପୂର୍ବେ ଗୁଜୁରାଟରେ ବିଜେପି ବିରୋଧରେ ବିରୋଧୀ ଦଳଙ୍କ 'ମୌତ କି ସୌଦାଗର', ବିହାର ନିର୍ବାଚନରେ ଡିଏନଏ ପ୍ରସଙ୍ଗରେ ଆକ୍ଷେପ ବିରୋଧୀଙ୍କ ବିପକ୍ଷରେ ଯାଇଛି। 'ଚୌକିଦାର ଚୋର ହେ' ବଦଳରେ 'ମେଁ ଭି ଚୌକିଦାର' ଅଧିକ ସଫଳତା ଆଣିଦେଇଥିବାର ଦୃଷ୍ଟାନ୍ତ ରହିଛି। ଉଚ୍ଚ ବ୍ୟକ୍ତିତ୍ୱସମ୍ପନ୍ନ ନେତାମାନଙ୍କ ନାଁରେ ହୋଇଥିବା ସ୍ଲୋଗାନ, ଯେପରିକି - 'ଇନ୍ଦିରା ଲାଓ, ଦେଶ ବଚାଓ', 'ଫିର ଏକ ବାର ମୋଦୀ ସରକାର' ଦେଶବାସୀଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଛି।

ଆମ ଓଡ଼ିଶାରେ ମଧ୍ୟ ଏପରି ବହୁ ରୋଚକ ଶବ୍ଦ ବା ସ୍ଲୋଗାନ ମତଦାନକୁ ପ୍ରଭାବିତ କରିଥିବାର ଉଦାହରଣ ରହିଛି। 'ହଜାରେ ଦିନରେ ହଜାରେ ଶିଳ୍ପ'ର କଥା କହି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଆ ଲୋକଙ୍କୁ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ଦେଖାଇଥିଲେ ଏବଂ କ୍ଷମତାସୀନ ହୋଇଥିଲେ। 'ଆପଣ ମାନେ ଖୁସି ତ' - ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏକ ପ୍ରମୁଖ ସ୍ଲୋଗାନ ଥିଲା। ସ୍ୱଳ୍ପ ବକ୍ତବ୍ୟ ପାଇଁ ପ୍ରସିଦ୍ଧ ନବୀନ ବାବୁଙ୍କ ଏହି ଧାଡ଼ିକିଆ ଉକ୍ତିରେ 'ସେ ସାଧାରଣ ଓଡ଼ିଆଙ୍କ ଭଲମନ୍ଦ ଜାଣିବାର ପ୍ରୟାସ କରୁଛନ୍ତି' - ଏହା ଲୋକମାନଙ୍କ ମନକୁ ଛୁଇଁଲା ଏବଂ ତାହା ଭୋଟରେ ପ୍ରତିଫଳିତ ହୋଇଥିଲା। ୨୦୨୪ ନିର୍ବାଚନରେ 'ଓଡ଼ିଆ ଅସ୍ମିତା' ଏପରି ଏକ ଶବ୍ଦପୁଞ୍ଜି ଥିଲା, ଯାହାର ମନସ୍ତାତ୍ତ୍ୱିକ ପ୍ରଭାବ ସାଧାରଣ ମତଦାତା ଉପରେ ପଡ଼ିଲା ଏବଂ ଭୋଟରେ ପରିଣତ ହେଲା। ସ୍ଥଳବିଶେଷରେ ଛୋଟ ଛୋଟ ରୁଢ଼ି, ଢଗ, ଲୋକକଥା ମଧ୍ୟ ଭୋଟରଙ୍କୁ ଆକୃଷ୍ଟ କରେ। ଗତ ନିର୍ବାଚନରେ, 'ଲେଖା ଛିଡ଼ିବା' ଏହାର ଏକ ଉଦାହରଣ।

ଏପରି ସ୍ଲୋଗାନ କେବଳ ଭାରତୀୟ ନିର୍ବାଚନ ନୁହେଁ, ବରଂ ବିଶ୍ୱର ବହୁରାଷ୍ଟ୍ରର ନିର୍ବାଚନକୁ ପ୍ରଭାବିତ କରିଛି। ଆବ୍ରହାମ ଲିଙ୍କନଙ୍କ ଉକ୍ତି, 'ବିଭାଜିତ ଗୃହ କେବେ ସ୍ଥିର ରୁହେନା' - ଯୁକ୍ତରାଷ୍ଟ୍ର ଆମେରିକାର ସ୍ଥିରତା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଭୋଟରଙ୍କୁ ଖୁବ ପ୍ରଭାବିତ କରିଥିଲା। ରୁଜଭେଲଟଙ୍କ 'ସୁଖର ଦିନ ଆସୁଛି' ଫଳପ୍ରଦ ହୋଇଥିଲା। ବାରାକ ଓବାମାଙ୍କ 'ହଁ, ଆମେ ପାରିବା' ତାଙ୍କୁ ଆମେରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି କରାଇଲା। ଡୋନାଲଡ ଟ୍ରମ୍ପଙ୍କର 'ମାଗା' ସ୍ଲୋଗାନ ଆମେରିକା ଅସ୍ମିତା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ତାଙ୍କୁ ପୁନର୍ବାର ରାଷ୍ଟ୍ରପତି କରାଇଲା। କ୍ୟୁବାର ଅପ୍ରତିଦ୍ୱନ୍ଦ୍ୱୀ ନେତା ଫିଡେଲ କାଷ୍ଟ୍ରୋ 'ଜନ୍ମଭୂମି କିମ୍ବା ମୃତ୍ୟୁ' ର ସ୍ଲୋଗାନ ଦେଇ ଦୀର୍ଘକାଳ କ୍ଷମତାସୀନ ହୋଇପାରିଥିଲେ।

ସମ୍ପ୍ରତି ବିଜ୍ଞାନର ପ୍ରଗତି ଅନୁସାରେ ପ୍ରଚାରପତ୍ର ବଦଳରେ ଭାରତୀୟ ନିର୍ବାଚନରେ ଇଣ୍ଟରନେଟ ମୁଖ୍ୟ ମାଧ୍ୟମ ପାଲଟିଛି। 'ଏକ୍ସ'ରୁ ଆରମ୍ଭ କରି ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ୟୁଟ୍ୟୁବ୍ ଆଦି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରତିଦିନ ଶହଶହ ସଂଖ୍ୟାରେ ନୂତନ ଶୈଳୀ, ନୂଆ ଢାଞ୍ଚାରେ ସେହି ସମାନ ଶବ୍ଦର ଗୁରୁତ୍ୱ ବଢ଼ାଇବାକୁ ଚେଷ୍ଟା କରାଯାଉଛି। ସରକାରୀ ତଥ୍ୟ ଅନୁସାରେ ଗତବର୍ଷ ସୁଦ୍ଧା ଦେଶର ପଞ୍ଚାନବେ ପ୍ରତିଶତ ଗ୍ରାମକୁ ଇଣ୍ଟରନେଟ ସଂଯୋଗ କରାଯାଇଛି। କୁହାଯାଉଛି ଦେଶର ପଞ୍ଚାଅଶୀ ପ୍ରତିଶତ ପରିବାରଙ୍କ ପାଖରେ ସ୍ମାର୍ଟଫୋନ ପହଞ୍ଚି ସାରିଲାଣି। ସୁତରାଂ ବିଭିନ୍ନ ରାଜନୈତିକ ଦଳ ବର୍ତ୍ତମାନ ଏହି ନିର୍ବାଚନୀ ଆୟୁଧ - 'ଶବ୍ଦପୁଞ୍ଜି'ର ପ୍ରଚାର, ପ୍ରସାର ପାଇଁ ମୋବାଇଲ ଫୋନକୁ ମୁଖ୍ୟ ମାଧ୍ୟମ କରିଛନ୍ତି। ଚିତ୍ର, ଛାୟାଚିତ୍ର, କ୍ଷୁଦ୍ର ଗୀତ, ସଂଳାପ, ନାଟକ ମାଧ୍ୟମରେ ଲୋକଙ୍କ ମନକୁ ଆକର୍ଷିତ କଲା ପରି ସଂଯୋଜନା କରି ଏହି ଶବ୍ଦର ଗୁରୁତ୍ୱ ବୃଦ୍ଧି କରାଯାଉଛି। ସରକାରୀ ଦଳର ବିଭିନ୍ନ ଲୋଭନୀୟ ଯୋଜନା ସହ ବିରୋଧୀ ଦଳର ସମାଲୋଚନା ଏବଂ ଭବିଷ୍ୟତର ସ୍ୱପ୍ନ ମଧ୍ୟରେ ଏହି ଶବ୍ଦର ସଠିକ ନିରୂପଣ ଓ ବ୍ୟବହାର ଯେ ନିର୍ବାଚନ ରଣାଙ୍ଗନର ଅନ୍ୟତମ ପ୍ରମୁଖ ଅସ୍ତ୍ର, ଏହା ଅନସ୍ୱୀକାର୍ଯ୍ୟ।

ଭୁବନେଶ୍ୱର, ମୋ: ୯୪୩୭୩୬୦୮୭୬

# ପ୍ରାକ୍‌ପ୍ରସ୍ତୁତି ଲକ୍ଷ୍ୟ ହାସଲକୁ ସହଜ କରେ

**ଡ. ଉଷାରାଣୀ ଦାଶ**

ହିମାଳୟ ପାଦଦେଶର ରାଜ୍ୟଗୁଡ଼ିକରେ ପ୍ରାୟତଃ ପ୍ରତିବର୍ଷ ବାଦଲଫଟା ବର୍ଷା, ତଦ୍‌ଜନିତ ବନ୍ୟା, ହିମବାହ ଓ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସେଠାକାର ଜନଜୀବନକୁ ଅସ୍ତବ୍ୟସ୍ତ କରିଆସୁଛି। ଏପରି ପରିସ୍ଥିତିରୁ ସୁରକ୍ଷା ପାଇଁ ପୂର୍ବପ୍ରସ୍ତୁତି ନିହାତି ଆବଶ୍ୟକ। ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ପରିବେଶ ଅନୁକୂଳ କରାଗଲେ ଏହିପରି ବିପର୍ଯ୍ୟୟକୁ ରୋକାଯାଇପାରିବ। ପ୍ରସ୍ତୁତର ସଫଳତା ବିନା ଏହା ସମ୍ଭବନ ନୁହେଁ। ଏ ସମ୍ପର୍କରେ ବେଞ୍ଜାମିନ ଫ୍ରାଙ୍କଲିନଙ୍କ ଉକ୍ତିଟି ପ୍ରଣିଧାନଯୋଗ୍ୟ, ଯାହାର ଅର୍ଥ - 'ପ୍ରସ୍ତୁତିରେ ବିଫଳ ହୋଇ ତୁମେ ବିଫଳ ହେବା ନିମିତ୍ତ ପ୍ରସ୍ତୁତ ହେଉଛ।'

ପୂର୍ବପ୍ରସ୍ତୁତି କିଭଳି ବିପର୍ଯ୍ୟୟରୁ ଧନଜୀବନକୁ ଶତପ୍ରତିଶତ ସୁରକ୍ଷିତ କରିପାରେ ତାହାର ଉଦାହରଣ ଭାବେ ଆମେ ଓଡ଼ିଶାକୁ ନେଇପାରିବା। ଭାରତସ୍ଥିତ ଜାତିସଂଘର ଆବାସିକ ସଂଯୋଜକ ଶୋମ୍ବି ଶାର୍ପ ୨୦୨୪ମସିହାରେ ବିପର୍ଯ୍ୟୟ ଆପଦ ପ୍ରସ୍ତୁତିରେ ଓଡ଼ିଶାକୁ ବିଶ୍ୱରେ ଏକ ଅଗ୍ରଣୀ ମଡେଲ ଭାବେ ପ୍ରଶଂସା କରିଥିଲେ। ୨୦୨୩ ମସିହାରେ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା ଭାରତରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନାରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସ୍ୱରୂପ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ 'ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବିଶ୍ୱସ୍ତରରେ ଏହି ପୁରସ୍କାରର ମୂଳରେ ଥିଲା ଓଡ଼ିଶା ସରକାରଙ୍କ ସଫଳ ପ୍ରସ୍ତୁତି।

କୋଭିଡ୍-୧୯ ଆରମ୍ଭ ହେବା ସମୟରେ ଚିକିତ୍ସା ଭିତ୍ତିଭୂମି ଏବଂ ମହାମାରୀ ରଣନୀତିର ଅଭାବ ହେତୁ ଭାରତ ସମେତ ଅନେକ ଦେଶ, ପିପିଇ, ଚିକିତ୍ସା ଉପକରଣ, ପରୀକ୍ଷଣ ଭିତ୍ତିଭୂମି ଏବଂ ହସ୍ପିଟାଲରେ ଶଯ୍ୟାର ଅଭାବ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପରେ ଭାରତ ପିପିଇ ଉତ୍ପାଦନ ବୃଦ୍ଧି କରିବା ସହିତ କୋୱିନ ପ୍ଲାଟଫର୍ମ ଆରମ୍ଭ କରି ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ କାର୍ଯ୍ୟକାରୀ କରିଥିଲା। ଇଟାଲୀ ଓ ଆମେରିକାରେ ପ୍ରାରମ୍ଭିକ ପରୀକ୍ଷାର ଅଭାବ, ମନ୍ଥର ଲକଡାଉନ୍ ଏବଂ ଦୁର୍ବଳ ଭଣ୍ଡାର ପରିଚାଳନା ଯୋଗୁଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ବେଳେ ଦକ୍ଷିଣ କୋରିଆ ଓ ତାଇୱାନ ପରି ପ୍ରାକ୍‌ପ୍ରସ୍ତୁତ ଦେଶଗୁଡ଼ିକ ପରୀକ୍ଷଣ, ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରି ସଫଳତାର ସହିତ ମୁକାବିଲା କରିଥିଲେ। ସେହି ସମୟରେ ସ୍କୁଲଗୁଡ଼ିକରେ ଅନଲାଇନ୍ ଶିକ୍ଷାଦାନ କରିବା ଅତ୍ୟାବଶ୍ୟକ ହୋଇଥିଲା। ଭାରତ, ଆଫ୍ରିକା, ଆମେରିକାର ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳରେ ଅନେକ ପ୍ରତିଷ୍ଠାନ ଡିଜିଟାଲ୍ ଭିତ୍ତିଭୂମି ଓ ତାଲିମ ଅଭାବରୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅପରପକ୍ଷରେ ଫିନ୍‌ଲ୍ୟାଣ୍ଡ ପରି ଦେଶଗୁଡ଼ିକ ପ୍ରାକ୍‌ଡିଜିଟାଲ୍ ପ୍ରସ୍ତୁତି କରିସାରିଥିବାରୁ ସେଠାରେ ନିରନ୍ତର ଶିକ୍ଷା ଜାରି ରହିଥିଲା।

ଏକଦା ମୋବାଇଲ୍ ଫୋନ୍ ଜଗତରେ ନେତୃତ୍ୱ ନେଉଥିବା ନୋକିଆ ସ୍ମାର୍ଟଫୋନ୍ ବିପ୍ଳବ ପାଇଁ ଉପଯୁକ୍ତ ପ୍ରସ୍ତୁତି ନ କରିବା ସହିତ ଆପଲ୍ ଓ ଆଣ୍ଡ୍ରଏଡ୍ ଭଳି ପ୍ରତିଯୋଗୀମାନଙ୍କୁ ଅଣଦେଖା କରିଥିଲା। ଫଳରେ ରାତାରାତି ବଜାର ନେତୃତ୍ୱ ହରାଇଥିଲା। ଉପଯୁକ୍ତ ପ୍ରସ୍ତୁତି, ନେତୃତ୍ୱ, ସମ୍ବଳ ଓ ସମନ୍ୱୟର ଅଭାବ ସହିତ ଅସହଯୋଗ ଯୋଗୁଁ ସିପାହୀ ବିଦ୍ରୋହ ଆଶାନୁରୂପ ପ୍ରଭାବଶାଳୀ ହୋଇପାରି ନ ଥିଲା। ତାଲିବାନକୁ ବିତାଡ଼ିତ କରିବା ପାଇଁ ଆଫଗାନିସ୍ତାନରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ସେ ଦେଶର ଭୌଗୋଳିକ ସ୍ଥିତି ଆକଳନର ଅଭାବ ଏବଂ ପାର୍ବତ୍ୟାଞ୍ଚଳ ପାଇଁ ଆବଶ୍ୟକ ସ୍ୱତନ୍ତ୍ର ରଣନୀତିର ଅଭାବ ଯୋଗୁଁ ସଫଳତା ପାଇପାରି ନ ଥିଲା।

ସେହିପରି ଭାରତରେ ନଗଦ ଦେଣନେଣ, ଡିଜିଟାଲ୍ ଭିତ୍ତିଭୂମି ଓ ସାଧାରଣ ଯୋଗାଯୋଗ ଦୃଷ୍ଟିରୁ ପ୍ରସ୍ତୁତିର ଅଭାବ ପାଇଁ ୨୦୧୬ରେ ଭାରତରେ ବିମୁଦ୍ରୀକରଣ ପଦକ୍ଷେପ ବିଫଳ ହୋଇଥିଲା। ୨୦୨୩ ମସିହାରେ ଇସ୍ରୋର ଚନ୍ଦ୍ରାୟଣ-୩ ସଫଳ ଅବତରଣ କେବଳ ଚନ୍ଦ୍ରାୟଣ-୨ର ଆଂଶିକ ବିଫଳତାର ସୁଧାର ପରେ ସମ୍ଭବ ହୋଇଥିଲା। ସେହିପରି ୨୦୨୪-୨୦୨୫ରେ ସାରା ଭାରତରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେତୁ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରିଥିବା ସମୟରେ ଗ୍ରୀଷ୍ମ ପରିଚାଳନା ଯୋଜନା କାର୍ଯ୍ୟକାରୀ ହେଉଥିବା ଅହମ୍ମଦାବାଦ ଭଳି ସହରରେ ମୃତାହତଙ୍କ ସଂଖ୍ୟାକୁ ଉଲ୍ଲେଖନୀୟ ଭାବେ ହ୍ରାସ କରାଯାଇପାରିଥିଲା। ଯୋଜନାବ ବିହୀନ ସହରାଞ୍ଚଳ ବିକାଶ, ଦୁର୍ବଳ ଜଳ ନିଷ୍କାସନ ଓ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତିର ଅଭାବ ଯୋଗୁଁ ୨୦୨୫ ମସିହାରେ ଦିଲ୍ଲୀ, ମୁମ୍ବାଇ ସହିତ ଅନେକ ସହରରେ ବନ୍ୟା ହୋଇଥିଲା।

ଯେଉଁ ବ୍ୟକ୍ତି ନିଜର ଲକ୍ଷ୍ୟ ଅନୁଯାୟୀ ସଠିକ୍ ଯୋଜନା ପ୍ରସ୍ତୁତ କରନ୍ତି, ଅନ୍ତତଃ ପକ୍ଷେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ କେଉଁ ପଦ୍ଧତି, କିପରି ପ୍ରସ୍ତୁତି କରିବା ଜାଣନ୍ତି ଏବଂ ରଣନୈତିକ ପ୍ରୟାସ ଜାରି ରଖନ୍ତି ସେମାନେ ନିଶ୍ଚିତ ଭାବରେ ସଫଳତାର ସ୍ୱାଦ ଚାଖନ୍ତି। ଆବ୍ରାହମ ଲିଙ୍କନ୍ କହିଥିଲେ, ମୋତେ ଗଛ କାଟିବା ପାଇଁ ଛଅ ଘଣ୍ଟା ଦିଅ; ମୁଁ ପ୍ରଥମ ଚାରି ଘଣ୍ଟା କୁରାଢ଼ିକୁ ଧାର କରିବା ପାଇଁ ବିତାଇବି।' ଗ୍ରୀକବୀର ଆଲେକଜାଣ୍ଡାର୍, ହର୍କ୍ୟୁଲସ୍, ଆକବର, ରାଣାପ୍ରତାପ, ଅଶୋକ, ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ବିଭିନ୍ନ ପ୍ରତିକୂଳ ପରିବେଶ ଓ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରି ସେମାନଙ୍କର ନାମ ସଫଳ ବ୍ୟକ୍ତିତ୍ୱ ଭାବରେ ବିଶ୍ୱ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିଯାଇଛନ୍ତି। ପିଲାଦିନେ ଲଗାତାର ବିଫଳତାର ଶିକାର ହୋଇଥିବା ଆଲବର୍ଟ ଆଇନଷ୍ଟାଇନ ପ୍ରସ୍ତୁତି ଓ ନିରନ୍ତର ପ୍ରୟାସ ଫଳରେ ନିଜକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅମୂଲ୍ୟ ରତ୍ନ ଭାବରେ ପ୍ରମାଣିତ କରି ୧୯୨୧ ମସିହାରେ ପଦାର୍ଥବିଜ୍ଞାନ ପାଇଁ ନୋବେଲ୍ ପୁରସ୍କାର ଲାଭ କରିପାରିଥିଲେ। କୋଲୋନେଲ ହାର୍ଲାଣ୍ଡ ସାଣ୍ଡର୍ସ ତାଙ୍କ ରେଷ୍ଟୁରାଣ୍ଟର ଫ୍ରାଞ୍ଚାଇଜ୍‌ର ଚୂଡ଼ାନ୍ତ ଅନୁମୋଦନ ପୂର୍ବରୁ ୧୦୦୯ ଥର ପ୍ରତ୍ୟାଖ୍ୟାନ ହୋଇଥିବା ତାଙ୍କର ଗୁପ୍ତ ରେସିପି, 'କେଣ୍ଟକି ଫ୍ରାଏଡ୍ ଚିକେନ୍' ବିଶ୍ୱବ୍ୟାପୀ ପ୍ରସିଦ୍ଧି ଲାଭ କରିଥିଲା।


ଦ୍ରୁତ ପରିବର୍ତ୍ତନଶୀଳ ସମସାମୟିକ ବିଶ୍ୱରେ ସଙ୍କଟ ସାଧାରଣ। କେବଳ ପର୍ଯ୍ୟାପ୍ତ ପ୍ରସ୍ତୁତ ରାଷ୍ଟ୍ର ହିଁ ଏହାକୁ ସମ୍ମୁଖୀନ ହୋଇପାରିବେ ଏବଂ ସଫଳ ହୋଇପାରିବେ। ଲୁଇସ ପାଷ୍ଟରଙ୍କ ଭାଷାରେ 'ସୁଯୋଗ ଓ ସମ୍ଭାବନା କେବଳ ପ୍ରସ୍ତୁତ ହୋଇଥିବା ମନକୁ ସମର୍ଥନ କରିଥାଏ।' ପ୍ରସ୍ତୁତି କେବଳ ସଫଳତା ପାଇଁ ଏକ ଉପକରଣ ନୁହେଁ; ଏହା ବିଫଳତା ବିରୁଦ୍ଧରେ ଏକ ସୁରକ୍ଷା। ପ୍ରତ୍ୟେକ କ୍ଷେତ୍ରରେ ଏହି ମାନସିକତା ମୂଳଦୁଆ ହେବା ଆବଶ୍ୟକ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୭୬୨

# କଞ୍ଜୁର ଓ ତଞ୍ଜୁର

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...



## ଦ୍ୱିତୀୟ-ବୁଦ୍ଧ କଥା

ତଞ୍ଜୁର: ଏହି ଶ୍ରେଣୀରେ ସତରଗୋଟି ବର୍ଗର ଗ୍ରନ୍ଥମାନ ଅନ୍ତର୍ଭୁକ୍ତ। କେତେକ ବର୍ଗ ମଧ୍ୟରେ ଉପ-ବର୍ଗମାନ ମଧ୍ୟ ରହିଛି। (୧) ସ୍ତୋତ୍ର- ଏହି ବର୍ଗରେ ଏକସ୍ତରୀ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୨) ତନ୍ତ୍ର- ତିବ୍ବତୀୟ ପରମ୍ପରାରେ ଦର୍ଶାଯାଇଥିବା ମୁତାବକ ଏହି ବର୍ଗଟି ହେଉଛି ତାନ୍ତ୍ରିକ ଗ୍ରନ୍ଥର ବିଶାଳ ସଂଗ୍ରହ। ଏହା ମଧ୍ୟରେ ଦୁଇ ହଜାର ଛଅଶହ ଛଅଗୋଟି ତନ୍ତ୍ର ଗ୍ରନ୍ଥ ରହିଛି। ଏଥିମଧ୍ୟରୁ ଅନେକ ଗ୍ରନ୍ଥ ହେଉଛି ଭାରତୀୟ ଉପ-ମହାଦେଶରୁ ସଂଗୃହୀତ ତନ୍ତ୍ରଗ୍ରନ୍ଥ। (୩) ପ୍ରଜ୍ଞାପାରମିତା ସୂତ୍ର- ଏହି ଶ୍ରେଣୀରେ ଅଠତିରିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୪) ମାଧ୍ୟମିକ - ଏହି ବର୍ଗରେ ଏକଶହ ସତାବନ ଗୋଟି ଶାସ୍ତ୍ର ରହିଛି। (୫) ସୂତ୍ରଟୀକା - ଏହା ହେଉଛି ବୁଦ୍ଧଙ୍କ ବାଣୀ ସଂପର୍କରେ ଭାରତୀୟ ଗୁରୁ ଓ ପଣ୍ଡିତମାନଙ୍କର ବ୍ୟାଖ୍ୟା ସମ୍ବଳିତ ସଂଗ୍ରହ। ଏହା ମଧ୍ୟରେ ଅଣଚାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୬) ଯୋଗାଚାର- ମହାଯାନ ବୌଦ୍ଧଧର୍ମର ଏହା ଏକ ପ୍ରମୁଖ ଶାଖା। ମାତ୍ର ଏଠାରେ ଏହାର ଅର୍ଥ ହେଉଛି ଯୋଗ ଓ ଯୋଗଦର୍ଶନ ସଂପର୍କିତ। (୭) ଅଭିଧର୍ମ- ଏହି ବର୍ଗର ଗ୍ରନ୍ଥ ପାଲି ଅଭିଧର୍ମପିଟକ ଗ୍ରନ୍ଥ ସ୍ୱରୂପ। ଏଥିମଧ୍ୟରେ ଉଭୟ ଭାରତ ଓ ତିବ୍ବତରେ ଉଚ୍ଚଶ୍ରେଣୀର ବୌଦ୍ଧ ଦର୍ଶନ ଅନ୍ତର୍ଭୁକ୍ତ। ମାତ୍ର ପାଲି ଅଭିଧର୍ମପିଟକଠାରୁ ଏଥିରେ ଅଧିକ ଗ୍ରନ୍ଥ ରହିଛି। ଏହି ବର୍ଗରେ ଅଠର ଗୋଟି ଗ୍ରନ୍ଥର ସଂଗ୍ରହ, ଯେଉଁଠିକି ପାଲିରେ ମାତ୍ର ସାତଗୋଟି। (୮) ବିନୟ- ଏହା ମଧ୍ୟରେ ଛୟାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତି। (୯) ଜାତକ- ପାଲିଗ୍ରନ୍ଥ ମଧ୍ୟରେ ଜାତକ ଗ୍ରନ୍ଥକୁ ତ୍ରିପିଟକ ମଧ୍ୟରେ ଗଣାଯାଏ ନାହିଁ, ମାତ୍ର ଜାତକ ଗ୍ରନ୍ଥ ବୌଦ୍ଧ ପାଲିଗ୍ରନ୍ଥର ଏକ ମୁଖ୍ୟ ଅଂଶ। (୧୦) ଚିଠିପତ୍ର- ଏହି ବର୍ଗରେ ପଇଁଚାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। ଏଥି ମଧ୍ୟରେ ନାଳନ୍ଦାର ପ୍ରସିଦ୍ଧ ବୌଦ୍ଧ ଗୁରୁ ନାଗାର୍ଜୁନ ରାଜା ଗୋତମିପୁତ୍ରଙ୍କ ନିକଟକୁ ଲେଖିଥିବା ପତ୍ର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ। (୧୧) ପ୍ରମାଣ ସୂତ୍ର- ଏହି ବର୍ଗରେ ଛଅଷଠି ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୧୨) ବ୍ୟାକରଣ ବା ଶବ୍ଦ ଶାସ୍ତ୍ର- ଏହି ବର୍ଗରେ ସଇଁତିରିଶ ଗୋଟି ଗ୍ରନ୍ଥର ସମାହାର। (୧୩) ଚିକିତ୍ସା ଶାସ୍ତ୍ର- ତିବ୍ବତୀୟ ପରମ୍ପରା ମୁତାବକ ବୁଦ୍ଧ ହେଉଛନ୍ତି ଶେଷ ଚିକିତ୍ସକ ଓ ସେ ହିଁ ସମସ୍ତ ମାନସିକ, ଶାରୀରିକ, ମନସ୍ତାତ୍ତ୍ୱିକ ତଥା ଅନ୍ୟାନ୍ୟ ସମସ୍ୟା ଏବଂ ରୋଗ ସବୁର ଚିକିତ୍ସାର କର୍ତ୍ତା। ଏଣୁ ସେମାନେ ବୁଦ୍ଧଙ୍କୁ ହିଁ ଭୈଷଜ୍ୟ ଗୁରୁ ଭାବେ ଗ୍ରହଣ କରିଥା'ନ୍ତି। ବୁଦ୍ଧ ହିଁ ସଂସାରରେ ସମସ୍ତ ପ୍ରକାର ଔଷଧ ତଥା ଚେରମୂଳିରୁ ଔଷଧ ପ୍ରସ୍ତୁତିର ସ୍ୱରର ହର୍ତ୍ତାକର୍ତ୍ତା। (୧୪) ଶିଳ୍ପ ବିଦ୍ୟା- ଏହା ହେଉଛି ମଣ୍ଡଳ, ଧାରଣୀ ଓ ତନ୍ତ୍ରର ବିଭିନ୍ନ ପ୍ରକାରର ଯନ୍ତ୍ର ତିଆରି ନିମନ୍ତେ ଆବଶ୍ୟକୀୟ ବିଦ୍ୟା। ଏହା ମଧ୍ୟରେ ପନ୍ଦର ଗୋଟି ଗ୍ରନ୍ଥର ସମାହାର। (୧୫) ସମୟ ଶାସ୍ତ୍ର- ଏହି ବର୍ଗରେ ଅଠର ଗୋଟି ଗ୍ରନ୍ଥ ରହିଛି। (୧୬) ଅନ୍ୟାନ୍ୟ- ଯେଉଁ ସବୁ ଗ୍ରନ୍ଥ ଉପରେ ବର୍ଣ୍ଣିତ ବର୍ଗ ଅନ୍ତର୍ଭୁକ୍ତ ନୁହନ୍ତି, ସେ ସବୁକୁ ଏହି ବର୍ଗରେ ସ୍ଥାନିତ କରାଯାଇଛି। ଏହି ବର୍ଗରେ ଏକଶହ ଉଣେଇଶ ଗୋଟି ଗ୍ରନ୍ଥ ସଂଗୃହୀତ। (୧୭) ଅତୀଶଙ୍କ ଦ୍ୱାରା ରଚିତ ଗ୍ରନ୍ଥ- ଏହି ବର୍ଗରେ ଏକଶହ ତିନିଗୋଟି ଗ୍ରନ୍ଥ ସଂଗୃହୀତ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଇଲେକ୍ଟ୍ରିକ୍ ସ୍କୁଟର୍ ଡିଲରସିପ୍ ଦେବା ପାଇଁ ୨୫ ଲକ୍ଷ ଠକେଇ

### ବାରାଣସୀରୁ ଜଣେ ଗିରଫ

କଟକ,୧୯।୯(ସମିସ): ଏକ ଇ-କମର୍ସ ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଜଣେ ସାଇବର୍ ଠକକୁ ବାରାଣସୀରୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣଙ୍କ ହେଉଛି, ଆଶିଷ କୁମାର ଯାଦବ(୩୦)। ସେ ଜଣେ ବି.ଟେକ୍ ଡିଗ୍ରିଧାରୀ ୱେବଡିଜାଇନର୍। ଓକିନାୱା ଇଲେକ୍ଟ୍ରିକ ସ୍କୁଟର୍‌ର ଡିଲରସିପ ପ୍ରଦାନ ପାଇଁ ସେ ଅଭିଯୋଗକାରୀଙ୍କଠାରୁ ୨୫ଲକ୍ଷ ଟଙ୍କା ଠକେଇ କରିଥିବା ନେଇ କ୍ରାଇମବ୍ରାଞ୍ଚରେ ଅଭିଯୋଗ ହୋଇଥିଲା। ଇଲେକ୍ଟ୍ରିକ୍ ସ୍କୁଟର୍ ଡିଲରସିପ୍ ବାହାନାରେ ଡିଜିଟାଲ୍ ଯୋଗାଯୋଗ ମାଧ୍ୟମରେ ସେ ଅଭିଯୋଗକାରୀଙ୍କ ସହ ପରିଚିତ ହୋଇଥିଲା। ସ୍କୁଟର୍‌ର ଡିଲରସିପ୍ ଗ୍ରହଣ କରିବା ତାଙ୍କୁ ୨୫ଲକ୍ଷ ୩୫ହଜାରଟଙ୍କା ପଠାଇଥିଲେ ଅଭିଯୋଗକାରୀ। ତେବେ ଆଉ ଟଙ୍କା ମାଗିବାରୁ ଅଭିଯୋଗକାରୀଙ୍କ ସନ୍ଦେହ ହୋଇଥିଲା। ପରେ ଏ ସଂପର୍କରେ ସେ ସାଇବର୍ ଥାନାରେ ଏତଲା ଦେଇଥିଲେ। ଇନ୍ସପେକ୍ଟର୍ ଅବନ୍ତୀମଣି ନାୟକଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳର ଉତ୍ତରପ୍ରଦେଶର ବାରାଣାସୀ ଏବଂ ନଏଡ଼ାରେ ଚଢ଼ଉ କରି ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିଛି।

## ରାଜ୍ୟରେ ସ୍କ୍ରାପ ହୋଇଛି ୪୩୫୧ ଗାଡ଼ି

ଭୁବନେଶ୍ୱର,୧୯।୯(ସମିସ): ରାଜ୍ୟରେ ଯାନବାହାନ ସ୍କ୍ରାପ ନୀତି କାର୍ଯ୍ୟକାରୀ ହେବାଠାରୁ ବର୍ତ୍ତମାନ ସୁଦ୍ଧା ୪୩୫୧ଟି ଗାଡ଼ି ସ୍କ୍ରାପ୍ ହୋଇଛି। ରାଜ୍ୟରେ ଥିବା ୨ଟି ଗାଡ଼ି ସ୍କ୍ରାପ୍ କେନ୍ଦ୍ରରେ ଏହି ସ୍କ୍ରାପ ହୋଇଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଗାଡ଼ି ସ୍କ୍ରାପ୍ ନୀତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଯାନବାହାନ ସ୍କ୍ରାପ୍ ନୀତି ୨୦୨୨ ନଭେମ୍ବର ମାସରୁ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ଗାଡ଼ିଗୁଡ଼ିକୁ ସ୍କ୍ରାପ୍ କରିବାପାଇଁ ୨ଟି କେନ୍ଦ୍ର ରହିଛି। ଏଥିରୁ ଗୋଟିଏ ଖୋର୍ଦ୍ଧାରେ ଥିବା ବେଳେ ଅନ୍ୟଟି ଯାଜପୁର ଜିଲ୍ଲାର ଚଢ଼େଇଧରାଠାରେ ରହିଛି। ସେହିଭଳି ରାଜ୍ୟରେ ସ୍କ୍ରାପ୍ ଯୋଜନା କାର୍ଯ୍ୟକାରୀ ହେବା ଠାରୁ ଅଦ୍ୟାବଧି ୪୩୫୧ଟି ଗାଡି ସ୍କ୍ରାପ୍ କରାଯାଇଛି। ସରକାରୀ ଅନୁମୋଦିତ ସଂସ୍ଥା ବଦଳରେ କବାଡିଆମାନେ ପୁରୁଣା ଗାଡ଼ି ସ୍କ୍ରାପ୍ କରୁଥିବା ବିଷୟ ସରକାରଙ୍କ ନଜରକୁ ଆସିନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ୧୦୫ ବ୍ଲକ୍‌ରେ ନାହାନ୍ତି ବିଇଓ

ଭୁବନେଶ୍ୱର,୧୯।୯(ସମିସ): ରାଜ୍ୟର ୩୩ ପ୍ରତିଶତ ବ୍ଲକ୍‌ରେ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ନାହାନ୍ତି। ୧୦୫ ବ୍ଲକ୍‌ରେ ନିୟମିତ ବିଇଓ ନ ଥିବାରୁ ଶିକ୍ଷାଦାନ ସମେତ ଶୈକ୍ଷିକ କାର୍ଯ୍ୟକ୍ରମ ଓ ମଧ୍ୟାହ୍ନ ଭୋଜନ ଯାଞ୍ଚ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ମୟୂରଭଞ୍ଜ ଜିଲ୍ଲାର ସର୍ବାଧିକ ୯ ବ୍ଲକ୍‌ରେ ବିଇଓ ନ ଥିବା ବେଳେ ଗଞ୍ଜାମ, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ୭ଟି ଲେଖାଏଁ ବ୍ଲକ୍‌ରେ ବିଇଓ ନାହାନ୍ତି। ବାଲେଶ୍ୱର ଓ ଜଗତସିଂହପୁରରେ ୬ଟି ଲେଖାଏଁ ପଦ ଫାଙ୍କା ରହିଥିବା ବେଳେ ଖୋର୍ଦ୍ଧା, କନ୍ଧମାଳ ଓ ସମ୍ବଲପୁରରେ ୫ଟି ଲେଖାଏଁ, ଅନୁଗୁଳ, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ପୁରୀରେ ୪ଟି ଲେଖାଏଁ ପଦ ଫାଙ୍କା ରହିଛି। ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, ନବରଙ୍ଗପୁର ଓ ନୟାଗଡରେ ୩ଟି ଲେଖାଏଁ ବିଇଓ ପଦ ଖାଲି ଥିବା ବେଳେ କଟକ, କଳାହାଣ୍ଡି ଓ ସୁନ୍ଦରଗଡ଼ରେ ୨ଟି ଲେଖାଏଁ ଏବଂ ବରଗଡ, ଦେବଗଡ଼, ମାଲକାନଗିରିରେ ଗୋଟିଏ ଲେଖାଏଁ ପଦ ଖାଲି ରହିଛି।

## ୪୨୪ ନକଲି ଶିକ୍ଷକ ନିଲମ୍ବିତ

ଭୁବନେଶ୍ୱର,୧୯।୯(ସମିସ): ନକଲି ପ୍ରମାଣପତ୍ର ଦେଇ ଅନେକ ଶିକ୍ଷକ ଚାକିରି ହାତେଇଛନ୍ତି। ଦୀର୍ଘ ବର୍ଷ ଧରି ଦରମା ନେବା ପରେ ଧରାପଡୁଛନ୍ତି। ଜାଲ୍ ସାର୍ଟିଫିକେଟ୍ ଦେଇ ଧରାପଡ଼ିବା ପରେ ୪୨୪ଜଣ ଶିକ୍ଷକ ଚାକିରିରୁ ନିଲମ୍ବନ ହୋଇଛନ୍ତି। ବିଧାୟିକା ସୁଭାସିନୀ ଜେନାଙ୍କ ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାର ୧୬ଜଣ ଶିକ୍ଷକ ମଧ ଜାଲ ସାର୍ଟିଫିକେଟ୍ ଅଭିଯୋଗରେ ବହିଷ୍କୃତ ହୋଇଛନ୍ତି। ଅପରପକ୍ଷରେ ନକଲି ଶିକ୍ଷକଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆସିଥିବା ବହୁ ଶିକ୍ଷକଙ୍କ ଶିକ୍ଷାଗତ ପ୍ରଣାଣପତ୍ର ଯାଞ୍ଚ ପ୍ରକ୍ରିୟା ଦୀର୍ଘବର୍ଷ ହେବ ଶେଷ ହୋଇପାରୁନାହିଁ। ମୁଖ୍ୟତଃ ବାହାର ରାଜ୍ୟରେ ବିଏଡ୍ କରିଥିବା ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରିବା ପ୍ରତିବନ୍ଧକ ସୃଷ୍ଟି କରୁଛି।

## ଦିଲ୍ଲୀପ ନାୟକଙ୍କୁ ଇଓଡବ୍ଲୁର ଜେରା

କଟକ,୧୯।୯(ସମିସ): ଏକ ଜମି କିଣାବିକା ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଆଜି ଏକ ବିଲ୍ଡର୍ ସଂସ୍ଥାର ସ୍ୱତ୍ୱାଧିକାରୀ ଦିଲ୍ଲୀପ ନାୟକଙ୍କ କଟକ ଘର ଯାଞ୍ଚ କରିଛି। ପ୍ରାୟ ଘଣ୍ଟାଏ କାଳ ଯାଞ୍ଚ କରିବା ପରେ ଇଓଡବ୍ଲୁ କିଛି କାଗଜପତ୍ର ଜବତ କରିବା ସହ ଶ୍ରୀ ନାୟକଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ନେଇଛି। ଅପରପକ୍ଷରେ ରାଜନୈତିକ ଆକ୍ରୋଶ ରଖି ମିଛ ଅଭିଯୋଗରେ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଶ୍ରୀ ନାୟକ ପ୍ରତିକ୍ରିୟାରେ କହିଛନ୍ତି।

ଶ୍ରୀ ନାୟକ ବାରଙ୍ଗ ଥାନା ଅଞ୍ଚଳରେ ତାଙ୍କ ବିଲ୍ଡର୍ ସଂସ୍ଥା ପାଇଁ କିଛି ବର୍ଷ ତଳେ ଏକ ଜମି କିଣି ପ୍ଲଟିଂ କରି ବିକ୍ରି କରିଥିଲେ। ତେବେ ଜମି ବିକ୍ରେତାଙ୍କ ପରଲୋକ ପରେ ବିବାଦ ଆରମ୍ଭ ହୋଇଥିଲା। ଜମିର ଆଇନଗତ ଉତ୍ତରାଧିକାରୀମାନେ ଜମି ବିକ୍ରି ଟଙ୍କା ପାଇ ନ ଥିବା ଦର୍ଶାଇ କୋର୍ଟରେ ମାମଲା କରିଥିଲେ। ଶ୍ରୀ ନାୟକଙ୍କଠାରୁ ପ୍ଲଟ୍ କିଣିଥିବା ବ୍ୟକ୍ତିଙ୍କ ପାଖକୁ କୋର୍ଟରୁ ନୋଟିସ୍ ଯିବାରୁ ସେମାନେ ଇଓଡବ୍ଲୁର ଦ୍ୱାରସ୍ଥ ହୋଇ ମାମଲା କରିଥିଲେ। ଆଜି ଅପରାହ୍ଣରେ ଇଓଡବ୍ଲୁ ଟିମ୍ ଶ୍ରୀ ନାୟକଙ୍କ କଟକସ୍ଥିତ ଘରେ ଚଢ଼ଉ କରିଥିଲା। ଶ୍ରୀ ନାୟକ ନିମାପଡ଼ା ନିର୍ବାଚନ ମଣ୍ଡଳୀରୁ ୨୦୧୯ ରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ ଓ ପରେ ବିଜେପିରେ ଯୋଗ ଦେଇଥିଲେ। ତେବେ ସେ ୨୦୨୪ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ।

### ଅନ୍‌ଲାଇନ୍ ନିବେଶ ନାମରେ ୧.୪୫ କୋଟି ଠକେଇ

## ୩ ସାଇବର୍ ଠକ ଗିରଫ

କଟକ,୧୯।୯(ସମିସ): ଡିଜିଟାଲ କରେନ୍ସି, ଆଇପିଓ ଓ ସେୟାର ମାର୍କେଟ୍‌ରେ ନିବେଶ ଆଳରେ ଲୋକଙ୍କୁ ଠକୁଥିବା ୩ସାଇବର୍ ଠକଙ୍କୁ କ୍ରାଇମବ୍ରାଞ୍ଚର ସାଇବର୍ କ୍ରାଇମ ୟୁନିଟ୍ ଗିରଫ କରିଛି। ସେମାନେ ହେଲେ, ଖୋର୍ଦ୍ଧାର ଏମ୍. ଫାର୍ମା ଡିଗ୍ରୀଧାରୀ ମେଡିକାଲ ରିପ୍ରେଜେଣ୍ଟେଟିଭ୍ ଦୀପକ କୁମାର ଦାଶ(୩୩), ବାଲେଶ୍ୱର ଗୋପାଳପୁର ତାଳପଡ଼ା ନିବାସୀ ବି.ଟେକ୍ ଡିଗ୍ରୀଧାରୀ ଚନ୍ଦନ କୁମାର ସାହୁ (୩୩), ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଆସ୍କା ରୋଡ୍ ଅଞ୍ଚଳର ରାମହରି ସାହୁ(୪୬)। ସେମାନଙ୍କ ପାଖରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ଏବଂ ପାନ୍‌କାର୍ଡ ଜବତ ହୋଇଛି। ଆଜି ସେମାନଙ୍କୁ ଜେଏମ୍‌ଏଫସି-୩ କଟକ ଅଦାଲତରେ ହାଜର କରାଯାଇଛି।





ଅନଲାଇନ ନିବେଶ ଜରିଆରେ ଉଚ୍ଚ ଅର୍ଥ ଫେରସ୍ତର ମିଥ୍ୟା ପ୍ରତିଶ୍ରୁତି ପାଇ ୧କୋଟି ୪୫ଲକ୍ଷ ୮୫ହଜାର ଟଙ୍କା ଠକେଇର ଶିକାର ହୋଇଥିଲେ ଅଭିଯୋଗକାରୀ। ଅଧିକ ଅର୍ଥ ପାଇବା ଆଶାରେ ସେ ବିଗତ କିଛି ମାସ ଭିତରେ ଉପରୋକ୍ତ ଟଙ୍କା ଜମା କରିଥିଲେ। ଆଇପିଓ ଓ ଓଟିସି ଟ୍ରେଡିଂରେ ପୁଞ୍ଜି ନିବେଶ କରି ସେୟାର ମାର୍କେଟ୍‌ରେ ଅଧିକ ରିଟର୍ଣ୍ଣ ପାଇବାକୁ ଆଶା ରଖିଥିଲେ। ତେବେ ମୂଳ ଟଙ୍କା ଉଠାଣରେ ବିଫଳ ହେବାରୁ ଏହା ସାଇବର୍ ଠକଙ୍କ କରାମତି ବୋଲି ଜାଣିବାକୁ ପାଇଥିଲେ। ପରେ ଏ ସଂପର୍କରେ ସେ ସାଇବର ଥାନାରେ ଏତଲା ଦେଇଥିଲେ। ଇନ୍ସପେକ୍ଟର ଅମିତାଭ ଦାସଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

### ■ ଏସ୍‌ଆଇଟି ଗଠନରେ ଅବହେଳା

## ହାଇକୋର୍ଟରେ ବ୍ୟକ୍ତିଗତ ହାଜର ହେବେ ଯାଜପୁର ଏସ୍‌ପିଙ୍କ ସମେତ ୩ ଅଧିକାରୀ

କଟକ, ୧୯।୯ (ସମିସ): ଜଣେ ନାବାଳିକା ନିଖୋଜ ସଂକ୍ରାନ୍ତରେ ନାବାଳିକାର ପିତାଙ୍କ ପକ୍ଷରୁ ରୁଜୁ ଏତଲା ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନରେ ନିଷ୍କ୍ରିୟତା ଅଭିଯୋଗ କରି ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ ଏସଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ଗଠନ କରି ତଦନ୍ତ କରିବାକୁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ପାଳନରେ ଅବହେଳାକୁ ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ଭାବେ ଯାଜପୁର ଏସପି, ମଙ୍ଗଳପୁର ଥାନା ଆଇଆଇସି ଓ ମାମଲାର ତଦନ୍ତକାରୀ ଅଧିକାରୀଙ୍କୁ ପରବର୍ତ୍ତୀ ଶୁଣାଣି ସମୟରେ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର୨୪କୁ ଧାର୍ଯ୍ୟ କରାଯାଇଛି। ଏହି ମାମଲାରେ ଗତ ଅଗଷ୍ଟ ୨୬ ତାରିଖରେ ଏସଆଇଟି ଗଠନ ପାଇଁ ଯାଜପୁର ଏସପିଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗକାରୀଙ୍କ ଏତଲାରେ ନାବାଳିକାକୁ ଅଟକ ରଖିଥିବା ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରାଯାଇଥିବାରୁ ଏସଆଇଟି ଦ୍ୱାରା ନାବାଳିକାକୁ ଠାବ କରିବା ପାଇଁ ପଦକ୍ଷେପ ନିଆଯିବ ଓ ଏ ସମ୍ପର୍କିତ ରିପୋର୍ଟ ଏସପି ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ବିଭାଗ ଏହି ଆଦେଶ ପାଳନରେ ନିଷ୍ଠା ପ୍ରତିପାଦିତ କରିନଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଗତ ୨୦୨୫ ଜାନୁଆରି ୨୩ରୁ ସମ୍ପୃକ୍ତ ନାବାଳିକାଜଣଙ୍କ ନିଖୋଜ ହୋଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ପିତା ଯାଜପୁର ମଙ୍ଗଳପୁର ଥାନାରେ ଏତଲା ଦେଇଥିଲେ। ନାବାଳିକାକୁ ଠାବ କରିବା ପାଇଁ ପୁଲିସ କିଛି ପଦକ୍ଷେପ ନ ନେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାର ତାତି...

ଗୃହ କମ୍ପାଇଥିଲେ। ଏହି ସମୟରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ଅଣତାରକା ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖୁଥିଲେ ହେଁ ବିଜେଡି ବିଧାୟକଙ୍କ ନାରାବାଜିରେ ଏହା ଆଦୌ ଶୁଣାଯାଉନଥିଲା। ଏହି ସମୟ ମଧ୍ୟରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ରହିଥିଲେ। ବିଜେଡି ବିଧାୟକଙ୍କୁ ନିଜ ନିଜ ଆସନକୁ ଫେରିଯିବା ପାଇଁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେମାନେ ଏହାକୁ କର୍ଣ୍ଣପାତ କରିନଥିଲେ। ଫଳରେ ବାଚସ୍ପତି ୧୦ଟା ୩୪ରୁ ଅପରାହ୍ନ ୪ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକ ସମାନ ଢଙ୍ଗରେ ଗୃହରେ ନାରାବାଜି, ହଟ୍ଟଗୋଳ ଆରମ୍ଭ କରିଥିଲେ। ବିଜେପି ସରାକରଙ୍କ ବିରୋଧରେ ନାରାବାଜି କରିବା ସହ ସାର ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଅଡ଼ି ବସିଥିଲେ ବିଜେଡି ବିଧାୟକ। ବିଜେଡି ବିଧାୟକଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ବାଚସ୍ପତି ଶନିବାର ଯାଏଁ ଗୃହକୁ ମୁଲତବୀ ରଖିଛନ୍ତି।

### କଂଗ୍ରେସ ବିଧାୟକଙ୍କ...

କ୍ଷୁଣ୍ଣ କରିଛି। ଏଥିପାଇଁ ସେମାନଙ୍କ ବିରୋଧରେ ଗୃହର ସ୍ୱାଧିକାର ଭଙ୍ଗ ନୋଟିସ୍ ଆସିଥିବା ବାଚସ୍ପତି ସୁରମା ପାଢ଼ୀ ଆଜି ଗୃହରେ ସୂଚନା ଦେଇଛନ୍ତି।

ଅନ୍ୟପଟେ ସ୍ୱାଧୀକାର ଭଙ୍ଗ ନୋଟିସ୍ ପ୍ରସଙ୍ଗରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସରକାରଙ୍କ ଉପରେ ବର୍ଷିଛନ୍ତି। ଗୃହ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ କାଡାମ୍ କହିଛନ୍ତି ଯେ ଆମକୁ ଡରାଇବା ପାଇଁ ସ୍ୱାଧିକାର ନୋଟିସ ଅଣାଯାଇଛି। ଏଥିରେ କଂଗ୍ରେସ ବିଧାୟକ ଭୟଭୀତ ହେବେ ନାହିଁ। କଂଗ୍ରେସର କଣ୍ଠରୋଧ କରିବାକୁ ଶାସକ ଦଳ ଚେଷ୍ଟା କରୁଛି। ବିଧାନସଭାର ବିଧି ଅନୁସାରେ ଆମେ ଅନାସ୍ଥା ନୋଟିସ ଦେଇଛୁ; କୌଣସି ସ୍ୱାଧୀକାର ଭଙ୍ଗ କରିନାହୁଁ। ଆମ ଦଳ ବିରୋଧରେ ଶାସକ ଦଳ ମିଛ ଅଭିଯୋଗ କରୁଛି। ଦେଢ଼ବର୍ଷର ବିଜେପି ସରକାର ଓଡିଶାବାସୀଙ୍କୁ ସୁଶାସନ ଦେବାରେ ବିଫଳ ହୋଇଛି। ଏହା ବିରୋଧରେ ଆମେ ଅନାସ୍ଥା ଆଣିଛୁ ବୋଲି ଶ୍ରୀ କାଡାମ୍ ସୂଚନା ଦେଇଛନ୍ତି।

### ସରକାରଙ୍କ ପାଖରେ...

ହୋଇଥିବାବେଳେ ଗୋଟିଏ ମାମଲାର ବିଚାର ସରିନାହିଁ। ଅଭିଯୋଗକାରିଣୀ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ନିକଟରେ ହାଜର ହୋଇ ନ ଥିବାରୁ ତଦନ୍ତ ଆଗକୁ ବଢ଼ିପାରି ନାହିଁ। ଦ୍ୱିତୀୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୬ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବାବେଳେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ୩ଜଣ, ବ୍ରହ୍ମପୁର ଓ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଗୋଟିଏ ଲେଖାଏଁ ମାମଲା ରହିଛି। ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ 'ରମାଦେବୀ'ରେ ଦୁଇଜଣ ଛାତ୍ରୀ ନିର୍ଯ୍ୟାତନାର ମାମଲା ତଦନ୍ତାଧୀନ ରହିଛି। ତନ୍ମଧ୍ୟରୁ ଜଣେ ଛାତ୍ରୀ ଯୌନ ନିର୍ଯ୍ୟାତନାର ଶିକାର ହୋଇଥିବା ଦେଢ଼ମାସ ପୂର୍ବରୁ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି। ଅପରପକ୍ଷରେ ୨୦୨୪-୨୫ ଠାରୁ ଏବେଯାଏଁ ଶିକ୍ଷାନୁଷ୍ଠାନରେ କେତେ ଛାତ୍ରୀ ଅସଦାଚରଣ ଓ ଦୁର୍ଷମର ଶିକାର ହୋଇଛନ୍ତି ଏବଂ କେତେଜଣ ଆତ୍ମହତ୍ୟା କରିଛନ୍ତି ବୋଲି ବିଧାୟକ ରମେଶ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହି ଅଣତାରକା ପ୍ରଶ୍ନର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ତଥ୍ୟ ସଂଗ୍ରହ କରାଯାଉଥିବା କହିଛନ୍ତି। ମହାବିଦ୍ୟାଳୟରୁ ସର୍ବାଧିକ ଅଭିଯୋଗ ଆସୁଥିବାବେଳେ ସରକାରଙ୍କ ପାଖରେ କିପରି ତଥ୍ୟ ନାହିଁ, ସେନେଇ ଶିକ୍ଷାବିତ୍‌ମାନେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି।

ସେହିପରି ଦେଢ଼ ବର୍ଷ ମଧ୍ୟରେ ବିଦ୍ୟାଳୟଗୁଡ଼ିକରେ ୩୨ ଜଣ ଛାତ୍ରୀ ନିର୍ଯ୍ୟାତନାର ଶିକାର ହୋଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଉତ୍ତର ରଖିଛନ୍ତି। ବିଧାୟକ ତାରାପ୍ରସାଦ ବାହିନିପତିଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ୧୪ଟି ଜିଲ୍ଲାର ୨୦ଟି ବିଦ୍ୟାଳୟରୁ ଅଭିଯୋଗ ଆସିଛି। ମୋଟ୍ ୩୨ ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରୁ ସର୍ବାଧିକ ୧୧ ଜଣ ଛାତ୍ରୀ ଅଭିଯୋଗ କରିଥିବାବେଳେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସମସ୍ତ ଅଭିଯୋଗର ତଦନ୍ତ କରାଯାଇଛି। ମୋଟ୍ ୧୬ ଜଣ ଶିକ୍ଷକଙ୍କ ସମେତ ୩ଜଣ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟ ଶିକ୍ଷକଙ୍କ ବିରୋଧରେ ମଧ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

### ପ୍ରଥମ ପତ୍ନୀଙ୍କୁ...

ଦୀପକକୁ ରିମାଣ୍ଡରେ ନେବ ଖୁଣ୍ଟୁଣି ଥାନା ପୁଲିସ। ଦୁଇଟି ହତ୍ୟା ମାମଲା ରୁଜୁ ହେବାପରେ କନେଷ୍ଟବଳ ଦୀପକ ପାଇଁ ଅଡୁଆ ବଢ଼ିଛି। ସେପଟେ ଶୁଭଶ୍ରୀ ହତ୍ୟା ଘଟଣାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରି ତଦନ୍ତରେ କ୍ୟାପିଟାଲ ଥାନା ପୁଲିସକୁ ସହଯୋଗ କରୁଛି କ୍ରାଇମବ୍ରାଞ୍ଚ। ଏବେ ଅପର୍ଣ୍ଣା ମୃତ୍ୟୁ ଘଟଣାରେ ମଧ ହତ୍ୟା ମାମଲା ରୁଜୁ ହେବାପରେ ଦୁଇଟି ହତ୍ୟା ମାମଲାକୁ ନେଇ କ୍ରାଇମବ୍ରାଞ୍ଚ ପ୍ରତ୍ୟକ୍ଷ ଭାବେ ତଦନ୍ତ କରିବ ବୋଲି କୁହାଯାଉଛି।

ଦୀପକ ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ତା'ର ପ୍ରଥମ ପତ୍ନୀ ଅପର୍ଣ୍ଣା (ରାଜସ୍ୱ ନିରୀକ୍ଷକ)ଙ୍କୁ ଧରି କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲେ। ଖୁଣ୍ଟୁଣି ଥାନା ଅଧିନସ୍ଥ ରାଧାକିଶୋରପୁର ଅପର୍ଣ୍ଣା ପରିସ୍ରା କରିବାକୁ କହିବାରୁ ଦୀପକ କାର ରଖିଥିଲେ। ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ଗୁରୁତର ଅପର୍ଣ୍ଣାଙ୍କୁ ଦୀପକ ନିଜ କାରରେ ନେଇ କଟକ ସ୍ଥିତ ଏକ ଭର୍ତ୍ତି କରିଥିଲା, ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଅପର୍ଣ୍ଣାଙ୍କୁ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିଥିଲା। ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲେ ମଧ ଦୀପକ ଦେଇଥିବା ଟ୍ରକର ସଂପୃକ୍ତି ପାଇ ନ ଥିଲା। ଟ୍ରକର ସଂପୃକ୍ତି ନେଇ ପ୍ରମାଣ ନ ମିଳିବାରୁ ପୁଲିସ ଏଫ୍‌ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ଅପର୍ଣ୍ଣାଙ୍କ ମୃତ୍ୟୁପରେ ବୀମା ବାବଦକୁ କୋଟିଏ ଟଙ୍କା ହାତେଇଥିଲା ଦୀପକ। ଶୁଭମିତ୍ରା ହତ୍ୟା ମାମଲାକୁ କ୍ରାଇମବ୍ରାଞ୍ଚ ରେଡ୍ ଫ୍ଲାଗ ଅନ୍ତର୍ଭୁକ୍ତ କରିଛି। କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ଓ କମିସନରେଟ ପୁଲିସର କ୍ୟାପିଟାଲ ଥାନା ପୁଲିସ ମିଳିତ ଭାବେ ତଦନ୍ତ କରିବେ। ୬ ତାରିଖରେ କନଷ୍ଟେବଳ ଶୁଭମିତ୍ରା ନିଖୋଜ ହେବା ଓ ୧୭ ତାରିଖରେ କେନ୍ଦୁଝରରେ ଗଳିତ ମୃତଦେହ ମିଳିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବ। ଖୁଣ୍ଟୁଣି ଥାନା ପୁଲିସ ଠାରୁ ଅପର୍ଣ୍ଣାଙ୍କ ଦୁର୍ଘଟଣା ଜନିତ ମାମଲା ଓ ହତ୍ୟା ମାମଲାର ବିଭିନ୍ନ ତଥ୍ୟ ସଂଗ୍ରହ କରି କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏହି ମାମଲାକୁ ତଦାରଖ କରିବ।

### ଚାଷୀଙ୍କୁ ବିଜେପିର...

ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ, ନାରାବାଜି କରିଥିଲେ। ବିଜେଡିର ପ୍ରବଳ ପ୍ରତିବାଦ କାରଣରୁ ଶୁକ୍ରବାର ଗୃହ ମାତ୍ର ୮ ମିନିଟ ଚାଲିଥିଲା। ବିଧାନସଭା ଅଚଳ ପ୍ରସଙ୍ଗରେ ବିଜେଡିକୁ ସମାଲୋଚନା କରିବାକୁ ଯାଇ ବିଜେପି ବିଧାୟକ ଅଗସ୍ତି ବେହେରା ଦେଇଥିବା ମନ୍ତବ୍ୟ ଏବେ ସାଧାରଣରେ ତୀବ୍ର ସମାଲୋଚିତ ହୋଇଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଗୃହ ବାହାରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ମୋ ଜୀବନରେ ଏପରି ଉତ୍କଟ ସାରର ଅଭାବ ମୁଁ ଦେଖିନାହିଁ। ସରକାର କହୁଛନ୍ତି ରାଜ୍ୟରେ ପର୍ଯ୍ୟାପ୍ତ ସାର ଅଛି। ଯଦି ପର୍ଯ୍ୟାପ୍ତ ସାର ଅଛି, ତାହେଲେ ଚାଷୀଙ୍କୁ କଣ ପାଇଁ ସାର ଦିଆଯାଉ ନାହିଁ। ମୁଠେ ମୁଠେ ସାର ପାଇଁ ଚାଷୀ ଅହୋରାତ୍ର ଧାଡ଼ିରେ ଛିଡ଼ାହେଉଛି। ମାତ୍ର ସାର ନପାଇବା କାରଣରୁ ବାଧହୋଇ ଚଢ଼ାଦରରେ ସାର କିଣୁଛି। ଜଣେ ଶାସକ ଦଳ ବିଧାୟକ ମଧ ବିଭାଗୀୟ ମନ୍ତ୍ରୀଙ୍କୁ ସାର ମିଳୁନଥିବା ନେଇ ଚିଠି ଲେଖିଛନ୍ତି। ଯୋଗାଣ ମନ୍ତ୍ରୀ ମଧ ସାରର କଳାବଜାରୀ ହେଉଥିବା ସ୍ୱୀକାର କରୁଛନ୍ତି। ତାହେଲେ ଚାଷୀ, ଶାସକ ବିଧାୟକ, ମନ୍ତ୍ରୀ କଣ ଅସତ୍ୟ କହୁଛନ୍ତି? ଏ ରାଜ୍ୟରେ ଶାସନ ବ୍ୟବସ୍ଥା ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଚାଷୀଙ୍କୁ ଲ୍ୟାମ୍ପସ, ପାକ୍ସରେ ସାର ମିଳୁନାହିଁ। ଚଢ଼ାଦରରେ କଳାବଜାରରେ ଚାଷୀ ବାଧ ହୋଇ ସାର କିଣୁଛନ୍ତି। ସରକାରଙ୍କ ଜାଣତରେ ଏସବୁ ହେଉଛି। ସରକାରଙ୍କ ଉଦାସୀନତାର ଏହା ଫଳ। ଆମେ ପ୍ରଶ୍ନକାଳ ବାତିଲ କରି ଦିନତମାମ୍ ଏ ବାବଦରେ ଆଲୋଚନା କରିବାକୁ ଚାହିଁଥିଲୁ। ମାତ୍ର ସରକାର ଏଥିରୁ ଖସିଯିବାକୁ ଚାହୁଁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ଆଚାର୍ଯ୍ୟ। ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ଗରିବ ଲୋକଙ୍କ ଟିକସ ବିଧାନସଭା ଚାଲୁଛି। ମାତ୍ର ଆଲୋଚନା ବଦଳରେ ବିଧାନସଭା ବନ୍ଦ କରିବା ନିନ୍ଦନୀୟ। ଆଜି ରାଜ୍ୟରେ ହାହାକାର ସ୍ଥିତି ସୃଷ୍ଟି ହୋଇଛି। ଚାଷୀ ସାର ନପାଇ ହଇରାଣ ହେଉଛନ୍ତି। ବିଧାନସଭାରେ ଆଲୋଚନା ହୋଇଥିଲେ, ସରକାର ସଚେତନ ହୋଇଥାନ୍ତେ। ଆମେ ଏଥିପାଇଁ ନିଜ ଆସନରେ ଠିଆ ହୋଇ ଆଲୋଚନା ପାଇଁ ଦାବି କରୁଥିଲୁ ବୋଲି ଶ୍ରୀ ବାହିନୀପତି କହିଛନ୍ତି।

### ଦୁଇ ପୁଅଙ୍କୁ...

ଥାନା ଅନ୍ତର୍ଗତ ନୂଆକ୍ଷେତା ଜଙ୍ଗଲକୁ ଯାଇଥିଲେ। ସେଠାରେ ଦୁଇ ପୁଅଙ୍କୁ ବିଷ ପିଆଇ ଦେଇଥିଲେ। କିଛି ସମୟ ପରେ ଦୁଇ ନାବାଳକ ବାନ୍ତି କରିବାରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବନ୍ତଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଗ୍ରାମବାସୀ ତୁରନ୍ତ ଉଭୟଙ୍କୁ ଏକ କାର୍ ଯୋଗେ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### ୨୫ରେ ଲଘୁଚାପ...

ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗର ମଧ ସମୁଦ୍ର ନିକଟସ୍ଥ ମ୍ୟାଁମାର-ବାଂଲାଦେଶ ଉପକୂଳ ନିକଟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ବଙ୍ଗୋପସାଗରମୁହାଁ ହୋଇ ରାଜ୍ୟର ବିଭିନ୍ନ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ପ୍ରଭାବ ପକାଇପାରେ।

ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପ୍ରକାର ପାଣିପାଗ ନିୟାମକ ସକ୍ରିୟ ନାହିଁ। ହେଲେ ବର୍ତ୍ତମାନ ରାଜ୍ୟରେ ହେଉଥିବା ଖରା ଓ ଗୁଳୁଗୁଳି ଯୋଗୁଁ ଅପରାହ୍ଣରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ଆଶଙ୍କା ଥିବା ପାଣିପାଗ କେନ୍ଦ୍ର କହିଛି। ଏଭଳି ସ୍ଥିତିରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ରହିବା ନେଇ ଆଶଙ୍କା କରାଯାଇଛି।


**GOVT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR** O-819

Office Order No. 4559 Dated 18.09.2025

1st Corrigendum Notice to Bid Identification No. EEBLGR-online- 05/2025-26
The date and time of the Bid Identification No. EEBLGR-online-05/2025-26 has been revised.

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division Bolangir | EEBLGR-online-05/2025-26 | 10.09.2025 at 11.00 A.M | 25.09.2025 upto 5.00PM | 24.09.2025 upto 1.00PM | 26.09.2025 at 11.00A.M |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.

Sd/- Executive Engineer
R.W. Division, Bolangir

OIPR-25068/11/0032/2526

**AFFIDAVIT**
By virtue of an Affidavit No.571, dtd 19/09/2025 Sworn before The Executive Magistrate Bisoi, I, Sunita Goipai, aged about 38 years W/O Swarup Chandra Naik of village Badbalichua,PO - Kaduani, PS- Bisoi in the district of Mayurbhanj declared that my son, Sri Subham Naik in school admission register O.A.V, Jamirdiha my name has been written as SUNITA NAIK instead of SUNITA GOIPAI. That both name as SUNITA GOIPAI and SUNITA NAIK are same and one person.That the purpose of this Affidavit is to be produce before the concerned authority to correction of my name as Sunita Goipai for future Reference. **Sd/- Sunita Goipai**

**AFFIDAVIT**
I, RINA GANGULI, W/O SURYANARAYAN DASH, RESIDENT OF AT- RAJA BAGICHA, KUSANPUR, PO-TELENGA BAZAR, DIST-CUTTACK, PIN-753009, ODISHA, DECLARE BY THIS AFFDAVIT NO-2119, DT-12.02.2025,THAT NOW ONWORDS I SHALL BE KNOWN AS **REENA DASH** FOR ALL FUTURE PURPOSES.

**ହଜିଛି**
ଆମ୍ଭେ ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, ଓକିଲ ଏତଦ୍ୱାରା ଘୋଷଣା କରୁଅଛୁ ଯେ ଆମ୍ଭର ମହକିଲ ରଞ୍ଜନ ରଣା ପିତା- ୰ ଧୁଶାସନ ରଣା ସା/ପୋ/ଥା-ତିଗିରିଆ, ଜିଲ୍ଲା-କଟକ ଙ୍କ ଅସଲ ବିକ୍ରୟ କବଲା ଯାହାର ନମ୍ବର-୬୮୭/୧୯୮୯/୧ତା.୨୯-୦୮-୧୯୮୯ ଟି ତିଗିରିଆ ରୁ ନୁଆପାଟଣା ଯିବା ବାଟରେ ଗତ ତା. ୧୫-୦୯-୨୦୨୫ ରିଖରେ ହଜିଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହି କାଗଜାତ ପାଇଛନ୍ତି ତେବେ ନିମ୍ନ ବର୍ଣ୍ଣିତ ମୋବାଇଲ ନମ୍ବର କିମ୍ବା ଠିକଣାରେ ଯୋଗାଯୋଗ କରନ୍ତୁ ।
**ରାଜା ଆଦିତ୍ୟ ପ୍ରସାଦ ମହାନ୍ତି**, (ଓକିଲ)
ସା/ପୋ/ଥା-ତିଗିରିଆ, ଜିଲ୍ଲା-କଟକ,
ପିନ୍-୭୫୪୦୩୦
ମୋବାଇଲ ନଂ- ୯୩୪୮୨୬୭୦୩୮

**AFFIDAVIT**
By virtue of an affidavit sworn before Notary Public, Bhubaneswar, on dated 19.09.2025, I Toofan Malik resident of At- Kentalo, Po - Kulasukarpada, Ps- Nischintakoili, Dist- Cuttack, Odisha, PIN - 754209 declare that I have changed the name of my Son from Omm Prakash Mallik to Sairam Mallik. Henceforth he shall be known as **SAIRAM MALLIK** for all future purposes.

**AFFIDAVIT**
I Bijaya Kumar Sahoo S/o Prahallad Chandra Sahoo, Resident of. Village-Kundibag, PO-Bhadrak By-Pass, PS-Sabarang, Dist - Bhadrak, Odisha, PIN-756181, declare by this affidavit No 8374 dtd 09.09.2025 that now onwards I shall be known as **BIJAY KUMAR SAHOO** for all future purposes.

**AFFIDAVIT**
I, Kamini Dalai, W/o- Prasanna Kumar Dalai, resident of Radhakrishna Enclave, Flat No-206, 2nd Floor, Lane-7, Unit-6, Bhubaneswar, Dist-Khurda, Pin-751003, Odisha declared by this affidavit no. CF-57, dtd-15/09/2025 that now onwards I shall be known as **SAKHI DALAI** for all future purposes.

**AFFIDAVIT**
I, RANJITA TRIPATHY, W/o- Durga Prasad Tripathy residing At- Plot No - B-38, Sidhi Vihar, Jagamara, Po/PS-Khandagiri, Bhubaneswar, Dist- Khordha, State- Odisha, Pin- 751030, declare by this affidavit No Vol-II, SL No - 683, dtd. 04.08.2025 that now onwards I shall be known as **RANJITA PANDA** for all future purposes.
**Sd- RANJITA PANDA**

**AFFIDAVIT**
By virtue of an affidavit sworn before the Notary Public, Sunabeda dated 19/09/2025 I Sri Gandhi Pangi, S/o.- Deba Pangi, Village-Parajabhimdol, PO. - Balda, PS.- Padwa, Dist.- Koraput declare that I have changed my son's name from **Magara Pangi** to **Makara Pangi**. Henceforth, my son shall be known as **Makara Pangi** for all purposes.
Sd/- **Gandhi Pangi**

**AFFIDAVIT**
I, Prasanta Mohanty, S/o- Radhashyam Mohanty, resident of Plot No- 2F/591, Sector-10, CDA, Cuttack, Dist-Cuttack, Pin- 753014, Odisha declared by this affidavit No. 12, dtd-15/09/2025 that now onwards I shall be known as **PRASANTA KUMAR MOHANTY** for all future purposes.

**LOST**
**I, Sekh Jakir,** C/o: Sekh Sabir, resident of At: Musalim Sahi, Balugaon Chilika, Dist.: Khordha, Odisha. I was going Kuhuri to Balugaon way from lost my 3 land paper in somewhere, details given below: **1) ROR Khata No.: 321/566 and 2) Sell Deed No.: 2711, Doc No.: 11101102712, 3) Deed No.: 1243.**
If anyone finds it kindly contact to my number: **9853277994** or Balugaon Police Station. If anyone will misutilize it, we will not be resposible for it.
**Sd/- Sekh Jakir**

**AFFIDAVIT**
I, Sri Gopal Harijan, S/o- Late Madhu Harijan resdient of Bhatra, Po.- Ambaguda, Ps.- Jeypore sadar, Dist.- Koraput, Odisha, Pin- 764055 declare by this affidavit no.731 dtd.- 17/09/2025 that, my daughter's actual and correct name is **Sruti Harijan** but in her Aadhaar card no. 6537 8604 4981 her name wrongly mentioned as **Krutirani Harijan**. Hence **Sruti Harijan** and **Krutirani Harijan** is one and same person.
Sd/- **Gopal Harijan**

**AFFIDAVIT**
I, Baikunatha Nath Karan, S/o- Madan Mohan Karan, resident of Jemadeipur Patna, Mandhatapur, Dist-Nayagarh, Pin- 752079, Odisha declared by this affidavit No.753, dtd-18/09/2025 that now onwards I shall be known as **BAIKUNTHA NATH KARAN** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, dated: 19/09/2025, I, Jyoti Nayak, resident of Plot No.511, Unit-3, Kharavela Nagar, PS- Kharavela Nagar, Bhubaneswar, Pin- 751001, Dist- Khordha, Odisha declare that I have changed my son name from Jyotirdeep Ghadei to JYOTIRDEEP NAYAK. Henceforth, he shall be known as **JYOTIRDEEP NAYAK** for all purposes.

**NOTICE (FOR MINOR)**
By virtue of an affidavit shown before Executive Magistrate, Bhubaneswar Date. 17.8.24 I Prangya Paramita Garabadu, Address: A/T- Ratha Road, P/O- Old town, P/S- Sree Lingaraj, Dist- Khordha, Odisha, Pin-751002, declare that I have changed the name of my SON from AHWAN ARYANSHU PATRO to AHWAN ARYANSHU. Henceforth, he shall be known as **AHWAN ARYANSHU** for all purpose.

**AFFIDAVIT**
I, Brajesh Kr Thakur, S/o- Rajendra Thakur, resident of Ward No-5, Ektali, Po- Ektali, Ps- Sadar, Dist- Jharsuguda, Pin-768202, Odisha declared by this affidavit No. CF-889 , dtd- 24/07/2025 that now onwards I shall be known as **BRAJESH KUMAR SINGH** for all future purposes.

**NOTICE**
I, Raja Aditya Prasad Mohanty Advocate do hereby declare that the original register sale deed bearing document No-687/1989/1 Dt. 29.08.1989 of my client Ranjan Rana S/o Late. Dhusasan Rana of Vill/Po/Ps-Tigiria, Dist-Cuttack has been lost on the way from Tigiria to Nuapatna on Dt. 15.09.2025. If any person found the said document please contact on the following contact number or address.
**Raja Aditya Prasad Mohanty**
(Advocate)
At/Po-Tigiria, Dist-Cuttack, PIN-754030
**Mob No-9348267038**
Mail id-rajaaditya.mohanty@gmail.com

**AFFIDAVIT**
By virtue of an affidavit sworn before the Executive Magistrate, Tirtol, Vide No.6531 dated 16.09.2025, I Anisur Rahaman, S/o- Shaikh Jahiruddin Resident of , At- Krushnanandapur, Po - Krishnanandapur PS - Krushnanandapur, Dist - Jagatsinghpur, Odisha, PIN - 754135 declare that I have changed my name from Sk Anisur Rahman to Anisur Rahaman. Henceforth, I shall be known as **ANISUR RAHAMAN** for all future purposes.

# ବିପୁଳ ପରିମାଣର ବାଣ ଜବତ; ୨ ଗିରଫ

ଖଣ୍ଡପଡ଼ା,୧୯।୯ (ସମିସ)





ବେଆଇନ ବାଣ ବିକ୍ରେତାଙ୍କ ଉପରେ ଚଢ଼ଉ ଆରମ୍ଭ କରିଛି ନୟାଗଡ ଜିଲ୍ଲା ପୁଲିସ। ମିଳିଥିବା ସୂଚନା ଅନୁଯାୟୀ ଆଜି ସ୍ଥାନୀୟ ପୁଲିସ ପକ୍ଷରୁ ଖଳିସାହି ପଞ୍ଚାୟତ ଅଧୀନ ଇଚ୍ଛାପୁର ଓ ବରଡାବାରି ଗ୍ରାମରେ ବେଆଇନ ବାଣ ତିଆରି ଓ ଗଚ୍ଛିତ ଖବର ପାଇ ପୃଥକ ଭାବେ ଚଢ଼ଉ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ହେଲେ ଇଚ୍ଛାପୁର ଗ୍ରାମର ବାବାଜୀ ନାଏକ (୪୩) ଏବଂ ବରଡାବାରି ଗ୍ରାମର ଆଲୋକ କୁମାର ନାଏକ (୩୮)। ଏମାନଙ୍କ ନିକଟରୁ ପୁଲିସ ଶହ ଶହ ସଂଖ୍ୟାରେ ନଡିଆ, ପେପର ବମ, କୁମ୍ପି, ବରୁଡା ଭଳି ବିଭିନ୍ନ ପ୍ରକାର ବାଣ ଜବତ କରିଥିବା ସୂଚନା ଦେଇଛି। ସେହିପରି ବାଣ ତିଆରିରେ ବ୍ୟବହୃତ ୧୫କେଜି ବାରୁଦ, ୨୦ କେଜି ସୋଡିଏମ କାର୍ବୋନେଟ, ୧୦ କେଜି ସୋଡିୟମ ନାଇଟ୍ରେଟ, ୧୫ କେଜି ଆଲୁମିନିୟମ ଗୁଣ୍ଡ, ୩୦ କେଜି କୋଇଲା ପାଉଡର ଆଦି ବିସ୍ଫୋରକ ଜବତ କରିଛି। ଅଭିଯୁକ୍ତ ବେଆଇନ ଭାବେ ଘରେ ବିପୁଳ ପରିମାଣର ବାଣ ତିଆରି କରି ଗଚ୍ଛିତ ରଖିବା ସହିତ ବିକ୍ରି କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ନୟାଗଡ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ପ୍ରେସ ମିଟ୍ ଯୋଗେ ସୂଚନା ଦେଇଛନ୍ତି। ବିଶେଷ ଭାବରେ ଅଭିଯୁକ୍ତ ଦ୍ୱୟ ବେଆଇନ ବାଣ କାରବାର କରୁଥିଲେ ମଧ୍ୟ ଯିଏ ଏହାକୁ ବିରୋଧ କରୁଥିଲେ ସେମାନଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିବା ସାଧାରଣ ରେ ଆଲୋଚନା ହେଉଛି। ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି ପ୍ରେସମିଟ ରେ ଉପସ୍ଥିତ ରହି ବେଆଇନ ବାଣ କାରବାରକୁ ରୋକିବା ପାଇଁ ଆଗାମୀ ଦିନରେ କଡାକଡି କରିବା ପାଇଁ ସୂଚନା ଦେଇଥିଲେ। ତେବେ ଏ ନେଇ ସ୍ଥାନୀୟ ପୁଲିସ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁକରି ଅନୁସନ୍ଧାନ କରୁଥିବା ମଧ୍ୟ କହିଛି। ଚଢାଉ ବେଳେ ଖଣ୍ଡପଡ଼ା ଓ ଫତେଗଡ଼ ପୁଲିସର ବରିଷ୍ଠ ଅଧିକାରୀ, ଏସଆଇ ଏବଂ ଏଏଏସଆଇ ଏବଂ ଗୃହରକ୍ଷୀ ସାମିଲ ଥିବା ସୂଚନା ମିଳିଛି।

# ଶାସେନୀ ବାରିକ ସମାଜର ନୂତନ କର୍ମକର୍ତ୍ତା



ଭାପୁର,୧୯।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜିପୁର ସାଇ କଲ୍ୟାଣମଣ୍ଡପରେ ନିଖିଳ ଉତ୍କଳ ଶାସେନୀ ବାରିକ ସମାଜ ଖଣ୍ଡପଡା ରାଜ୍ୟର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଉପସଭାପତି ଦାଶରଥି ସୀଠ ପରିଚାଳନାରେ ଆୟୋଜିତ ଏହି ସଭାରେ ପୂର୍ବତନ ସଭାପତି ଗୋପୀନାଥ ସୀଠଙ୍କ ସହ ଅନେକ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ସଭାରେ ଜାତିର ବିଭିନ୍ନ ସମାସ୍ୟା ନେଇ ଆଲୋଚନା ହୋଇଥିଲା। ଏହାପରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ନୂତନ ସଭାପତି ଭାବେ ଚୈତନ୍ୟ କୁମାର ବାରିକ, ଉପସଭାପତି ଭାବେ ରମେଶ ଚନ୍ଦ୍ର ସୁବୁଦ୍ଧି, ସମ୍ପାଦକ ଭାବେ ଗଙ୍ଗାଧର ବାରିକ, ସହ ସମ୍ପାଦକ ଇନ୍ଦ୍ରମଣୀ ବାରିକ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବାରିକ, ବେହେରା ଭାବେ ସୁବାସ ଚନ୍ଦ୍ର ବାରିକ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବେ ଦାଶରଥି ସୀଠ, ସଂସାରୀ ସୀଠ, ଅଲେଖ ଚନ୍ଦ୍ର ବାରିକ ଓ ଦଣ୍ଡପାଣି ବାରିକ ଚୟନ ହୋଇଥିଲେ। ଏହି ସାଙ୍ଗଠନିକ ବୈଠକରେ ଭାପୁର ଓ ଖଣ୍ଡପଡା ବ୍ଲକର ଦେଢ଼ ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ବ୍ୟକ୍ତି ମାନେ ଯୋଗଦେଇଥିଲେ।

# ବସ୍‌ଷ୍ଟାଣ୍ଡ ଶୌଚାଳୟ ଶୋଚନୀୟ



ଓଡ଼ଗାଁ,୧୯।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଗଣେଶ ବଜାର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଶୌଚାଳୟଟି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିଥିବା ବେଳେ ଏହା ଉପରେ ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରିଥାନ୍ତି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଶୌଚାଳୟଟି ସମ୍ପୂର୍ଣ୍ଣ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଫଳରେ ଦୂରଦୂରାନ୍ତରୁ ଯାତାୟାତ କରୁଥିବା ଯାତ୍ରୀ ଏବଂ ବଜାରକୁ କିଣାବିକା କରିବାକୁ ଆସୁଥିବା ଗ୍ରାହକ ଏପରି ପାର୍କ ବୁଲି ଆସିଥିବା ଲୋକମାନେ ଶୌଚାଳୟ ବ୍ୟବହାର ପାଇଁ ସମସ୍ୟା ଭୋଗ ମରୁଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ଅନୁସାରେ ଓଡ଼ଗାଁ ଏନ୍‌ଏସି ମଧ୍ୟଦେଇ ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥ ଅତିକ୍ରମ କରିଥିବା ବେଳେ ଏହି ପଥ ଦେଇ ଦୈନିକ ମାଲବାହି ଗାଡ଼ି ସହିତ ଯାତ୍ରୀବାହୀ ବସ୍ ଓ ଅଞ୍ଚଳରେ ରହିଥିବା ବିଭିନ୍ନ ମନ୍ଦିର ଓ ପର୍ଯ୍ୟଟନ କ୍ଷେତ୍ରକୁ ଶହଶହ ଯାନବାହାନ ଯିବା ଆସିବା କରିଥାଏ। ତେବେ ଗଣେଶ ବଜାର ସ୍ଥିତ ବସ୍‌ଷ୍ଟାଣ୍ଡରେ ଦୁରଦୁରାନ୍ତ ଯାତ୍ରୀମାନେ ଓହ୍ଲାଇବା ଓ ଚଢିବା ସହିତ ବଜାର ସଉଦା ପାଇଁ ଆସିଥିବା ହଜାର ହଜାର ମହିଳା ଓ ପୁରୁଷ ଲୋକମାନେ ଆବଶ୍ୟକତା ଅନୁସାରେ ଶୌଚାଳୟ ବ୍ୟବହାର ପାଇଁ ପହଞ୍ଚି ନାକଟେକି ସେଠାରୁ ପଳାଇ ଆସିଥାନ୍ତି। ଏପରିକି ସେଠାରେ ଶୌଚ କାର୍ଯ୍ୟ କରିବାତ ଦୁରର କଥା ସେଠାରେ ପାଦ ଥୋଇବା ସମ୍ଭବପର ହୋଇପାରୁନଥିବା ଅଭିଯୋଗ କରିଛନ୍ତି। ଏଥି ସହିତ ଶୌଚାଳୟର ଅବସ୍ଥାକୁ ଦେଖି କେତେକ ଲୋକ ବାଧ୍ୟବାଧକତା ଭାବେ ବାହାର ପାଶ୍ୱର୍ରେ ନିଜର କାର୍ଯ୍ୟସାରି ଚାଲିଆସୁଥିବାରୁ ଉକ୍ତ ସ୍ଥାନ ପୁତିଗନ୍ଧରେ ନାକଫାଟି ପଡ଼ିବା ସହିତ ପରିବେଶକୁ ଦୁଷିତ କରୁଛି। ଉକ୍ତ ଶୌଚାଳୟଟି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିଥିବାରୁ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ଗାଁ ଏନ୍‌ଏସି କର୍ତ୍ତୃପକ୍ଷ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଏହାକୁ ବ୍ୟବହାର ଉପଯୋଗୀ କରିବା ସହିତ ସଠିକ୍ ରକ୍ଷଣା ଦାୟିତ୍ୱ ନେବାକୁ ଜନସାଧାରଣ ଦାବି ଜଣାଇଛନ୍ତି।

## ବିଷ ଖାଇ ମହିଳାଙ୍କ ଆତ୍ମହତ୍ୟା

ଭାପୁର,୧୯।୯ (ସମିସ): ଜଣେ ଦୁଇଟି ସନ୍ତାନର ଜନନୀ ପାରିବାରିକ କାରଣରୁ ବାପ ଘରେ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡ଼ସହରା ଗ୍ରାମର ପ୍ରହଲ୍ଲାଦ ବେହେରାଙ୍କ ଝିଅ ସିଲି ବେହେରା ୭ ବର୍ଷ ପୂର୍ବେ ଫତେଗଡ ଥାନା ଧାନଚାଙ୍ଗଡା ପଞ୍ଚାୟତ କଳଟାଙ୍ଗି ଗ୍ରାମର ଧନି ବେହେରାଙ୍କ ପୁଅ ସନାତନ ବେହେରାଙ୍କୁ ବୈଦିକ ରିତିରେ ବିବାହ କରିଥିଲେ। ଉଭୟଙ୍କ ୬ ବର୍ଷର ଗୋଟିଏ ପୁଅ ଓ ଅଢ଼େଇ ବର୍ଷର ଝିଅ ଅଛନ୍ତି। ପାରିବାରିକ ଅଶାନ୍ତି ଯୋଗୁଁ ସିଲି ଅନେକ ସମୟ ବାପଘର ବଡସହରାରେ ରୁହନ୍ତି। କୌଣସି କାରଣରୁ ଶୁକ୍ରବାର ସିଲି ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ଭାପୁର ଡାକ୍ତରଖାନାରେ ଚିକିତ୍ସିତ କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଏକ ମାମଲା ରୁଜୁ କରି ଖଣ୍ଡପଡା ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ ମହିଳାଙ୍କ ସ୍ୱାମୀ ସନାତନ ତାଙ୍କ ସ୍ତ୍ରୀ ବିଷଖାଇ ଆତ୍ମହତ୍ୟା କରିଥିବା ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

**କୁଞ୍ଜ ବିହାରୀ ନୋଡାଲ ହାଇସ୍କୁଲ**

# ଅସୁରକ୍ଷିତ ଶ୍ରେଣୀ ଗୃହ; ଛାତରୁ ଖସୁଛି କଂକ୍ରିଟ



କଣ୍ଟିଲୋ,୧୯।୯ (ସମିସ): କୁଞ୍ଜବିହାରୀ ନୋଡାଲ ହାଇସ୍କୁଲରେ ବିପଦପୂର୍ଣ୍ଣ ଶ୍ରେଣୀ ଗୃହରେ ପାଠ ପଢୁଛନ୍ତି ଛାତ୍ରୀମାନେ। ୨ମହଲା ବିଶିଷ୍ଟ ସ୍କୁଲ ଉପର ମହଲାରେ ଥିବା ୩ଟି ଶ୍ରେଣୀ ଗୃହ ଅବସ୍ଥା ଶୋଚନୀୟ ହୋଇପଡିଛି। ଛାତ ଦୁର୍ବଳ ହୋଇ ଛଡ଼ ଦେଖାଯାଉଛି। ପାଠପଢା ସମୟରେ ବର୍ଷା ଦିନେ ପାଣି ଟୋପା ପଡିବା ସହିତ ଛାତରୁ କଂକ୍ରିଟ ଖସୁଛି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ବି ପୁରୁଣା ସ୍କୁଲ ଛାତ ଗୁଡିକ ମରାମତି ଦିଗରେ ଆଦୌ ଦୃଷ୍ଟି ଦିଆଯାଇନାହିଁ। ଅନ୍ୟୋପାୟ ନଥିବାରୁ ଛାତ୍ରୀମାନେ ଉକ୍ତ ଅସୁରକ୍ଷିତ ଶ୍ରେଣୀ ଗୃହରେ ବାଧ୍ୟ ହୋଇ ପାଠ ପଢିଥାନ୍ତି। କଣ୍ଟିଲୋ ଅଞ୍ଚଳର ଏକମାତ୍ର ବାଳିକା ଶିକ୍ଷାନୁଷ୍ଠାନ କୁଞ୍ଜବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ୧୯୬୫ରେ ପାଟଣା ଗ୍ରାମର ସମାଜସେବୀ କୁଞ୍ଜ ସାହୁଙ୍କ ଦ୍ୱାରା ପ୍ରତିଷ୍ଠା ଲାଭ କରିଥିଲା। ପାହାଡ଼ ଉପରେ ସ୍କୁଲ ନିର୍ମାଣ ହୋଇଥିବାରୁ ସେତେବେଳେ ଏହାର ଦୃଢ ମୂଳଦୁଆ ସ୍ଥାପନ ସହ କାନ୍ଥ ଗୁଡିକ ଛାତ ପର୍ଯ୍ୟନ୍ତ କଳାମୁଗୁନି ପଥର ରେ ନିର୍ମାଣ ହୋଇଥିଲା। କୋଠା ଭିତ୍ତିଭୂମି ସୁଦୃଢ ଥିବା ବେଳେ କେବଳ ଉପର ମହଲା ଛାତ ଗୁଡିକ ନଷ୍ଟ ହୋଇଯାଇଛି। ଏଠାରେ ୬ଷ୍ଠରୁ ୧୦ମ ପର୍ଯ୍ୟନ୍ତ ପ୍ରାୟ, ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଥିନେଇ ପରିଚାଳନା କମିଟି ସମେତ ବୁଦ୍ଧିଜୀବୀ, ଶିକ୍ଷାବିଦ ତଥା ଅଭିଭାବକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ଶିକ୍ଷା ବିଭାଗ, ପ୍ରଶାସନର ନୀରବତା ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଉଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ସାହୁ କହିଛନ୍ତି ଯେ ସ୍କୁଲ ଅବ୍ୟବସ୍ଥା ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯାଇଛି। ତେବେ ବିଡିଓଙ୍କୁ ଯୋଗାଯୋଗ କରିବାରେ ସେ ଫୋନ ଗ୍ରହଣ କରିନାହାନ୍ତି।

## ବ୍ଲକସ୍ତରୀୟ ଫୁଟବଲ୍ ଓ ଭଲିବଲ୍ ପ୍ରତିଯୋଗିତା




ଗଣିଆ,୧୯।୯ (ସମିସ): ଗଣିଆ ବ୍ଲକ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଫୁଟବଲ ଏବଂ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ରାଉତରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଗିରିଧାରୀ ସେଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଫକୀର ମୋହନ ଡାକୁଆ, କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ସହକାରୀ ଶିକ୍ଷକ ପବିତ୍ର କୁମାର ବେହେରା, ଶିକ୍ଷକ ଗୋଲେଖ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି କ୍ରିଡା ପତାକାକୁ ଉତ୍ତୋଳନ କରି ଉଦଘାଟନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୦୦ରୁ ଅଧିକ ଛାତ୍ର ଉପସ୍ଥିତ ରହି ଖେଳକୁ ଉପଭୋଗ କରିଥିଲେ। ଛାତ୍ର ମାନେ ଶାନ୍ତି ଶୃଙ୍ଖଳାରେ କ୍ରିଡା କାର୍ଯ୍ୟ ସମ୍ପାଦନ କରିବାକୁ ଶପଥ ଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବିକାଶ ରଞ୍ଜନ ମଲ୍ଲ, ନିରଞ୍ଜନ ମହାରଣା, କୁମୁଦିନୀ ଦେଇ, ବିଶ୍ୱରଂଜନ ସାହୁ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ପରିଚାଳନା କରିଥିଲେ। ବ୍ଲକ ସ୍ତରରେ ସଫଳତା ଲାଭ କରିଥିବା ଛାତ୍ର ଜିଲ୍ଲାସ୍ତରୀୟ ଖେଳରେ ଯୋଗ ଦେବେ ବୋଲି ଜଣାପଡିଛି।

## ରାଜ୍ୟପାଳ ପୁରସ୍କାର ପାଇଲେ ସମାଜସେବୀ

ଗଣିଆ,୧୯।୯ (ସମିସ): ଗଣିଆ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସମାଜସେବୀ ସଦାଶିବ ମିଶ୍ରଙ୍କୁ ମିଳିଛି ରାଜ୍ୟପାଳ ପୁରସ୍କାର। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ରମାଦେବୀ କଲେଜ ପରିସରରେ ଥିଓସୋଫିକାଲ ସର୍ଭିସ୍ ତରଫରୁ ୧୨ତମ ରିଜିଓନାଲ କନଫରେନ୍ସରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ହରିବାବୁ କମ୍ଭମପତି ଯୋଗ ଦେଇ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏକ ବର୍ଣ୍ଣାଢ଼୍ୟ ସମାରୋହରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କୁ ମାନପତ୍ର ସହିତ ଉପଢୌକନ ପ୍ରଦାନ କରାଯାଇଛି। ସେ ଗଣିଆ ଅଞ୍ଚଳରେ ଥିବା ଅନେକ ରୋଗୀଙ୍କୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ସହାୟତା ପ୍ରଦାନ କରିଆସୁଛନ୍ତି। କେବଳ ସ୍ୱାସ୍ଥ୍ୟ ନୁହେଁ ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନେକ ସହାୟତା ସେ ପ୍ରଦାନ କରିଛନ୍ତି। ଶିକ୍ଷାରୁ ବଞ୍ଚିତ ହେଉଥିବା ଅବହେଳିତ ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷା ପାଇଁ ସେ ସବୁବେଳେ ଚେଷ୍ଟା କରି ଆସୁଛନ୍ତି। ଏହି ପୁରସ୍କାର ପାଇବା ପରେ ଶ୍ରୀ ମିଶ୍ରଙ୍କୁ ବିଧାୟକ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଗଣିଆ ବ୍ଲକ ବିଜୁ ଜନତା ଦଳର କର୍ମକର୍ତ୍ତା ତଥା ବୁଦ୍ଧିଜୀବୀଙ୍କ ତରଫରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।




## ବସ୍ ଦୁର୍ଘଟଣାରେ ଜଣେ ମୃତ

ଖଣ୍ଡପଡ଼ା,୧୯।୯ (ସମିସ): ଖଣ୍ଡପଡ଼ା ଥାନା ଅଧୀନ ମର୍ଦ୍ଦରାଜପୁର ଗ୍ରାମରୁ ନିକଟସ୍ଥ ବୋଦସା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟରେ ଥିବା ଏକ ପୋଲ ନିକଟରେ ଏକ ବସ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ବୋଦସା ଗୋଲାସାହିର ମହେଶ୍ୱର ଖୁଣ୍ଟିଆ (୬୫)। ଶୁକ୍ରବାର ସନ୍ଧ୍ୟାରେ ବୋଦସା ଅଭିମୁଖେ ଯାଉଥିବା ଏକ ଘରୋଇ ଯାତ୍ରୀବାହି ବସ୍ ସହିତ ମହେଶ୍ୱରଙ୍କ ସାଇକଲ ଘସିହୋଇଯିବାରୁ ସେ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଉପଯୁକ୍ତ କ୍ଷତିପୂରଣ ଦାବିରେ ଉତ୍ୟେକ୍ତ ଜନସାଧାରଣ ଦୁର୍ଘଟଣା ଘଟାଇଥିବା ଯାତ୍ରୀବାହି ବସ୍‌ଟିକୁ ଘଟଣାସ୍ଥଳରେ ଅଟକାଇ ପାଟିତୁଣ୍ଡ କରୁଥିବା ବେଳେ ଖବରପାଇ ଖଣ୍ଡପଡ଼ା ପୁଲିସ ସେଠାରେ ପହଞ୍ଚିଥିବା ଜଣାପଡିଛି। ଘଟଣାସ୍ଥଳରୁ ମୃତ ବ୍ୟକ୍ତିଙ୍କ ଶବ ଉଦ୍ଧାର କରାଯାଇ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ନିମନ୍ତେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ପୁଲିସ ଦୁର୍ଘଟଣା ଘଟାଇଥିବା ଯାତ୍ରୀବାହି ବସ୍‌ଟିକୁ ଜବତ କରିଥିବା ବେଳେ ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଥିବା ଖଣ୍ଡପଡ଼ା ଥାନା ସୂତ୍ରରୁ ଜଣାପଡ଼ିଛି।

## ୩୨ଗ୍ରାମ ବ୍ରାଉନସୁଗର ଜବତ; ୧ ଗିରଫ



ଶରଣକୁଳ,୧୯।୯ (ସମିସ): ଶରଣକୁଳ ଥାନା ଅନ୍ତର୍ଗତ ଅସୁରିଢିପା ଗ୍ରାମରେ ଶୁକ୍ରବାର ସକାଳେ ନୟାଗଡ ଜିଲ୍ଲା ଅବକାରୀ ବିଭାଗ କର୍ମଚାରୀ ଅଚାନକ ଚଢ଼ଉ କରିଥିଲେ। ଏହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୫୦)ଙ୍କ ଘରେ ଚଢ଼ଉ କରିବା ସମୟରେ ତାଙ୍କଠାରୁ ୩୨ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲେ। ସେ ଦୀର୍ଘ ଦିନ ଧରି ଏହି ବ୍ୟବସାୟ କରିଆସୁଥିଲା। ଚଢ଼ଉରେ ଅବକାରୀ ଇନସ୍ପେକ୍ଟର ଦୀପକ କୁମାର ଜେନା, ଏସ୍‌ଆଇ ସୁଶାନ୍ତ କୁମାର ମହାପାତ୍ର, ବାଦଲ ସାମଲ, କନଷ୍ଟେବଳ ଦେବି ପ୍ରସାଦ ପାଣି, ନୀଳଲୋହିତ ମଲ୍ଲିକ, ବିକାଶ ଜେନା, ପ୍ରତ୍ୟୁଷ ରଞ୍ଜନ ଦେହୁରି, ଲକ୍ଷ୍ମୀଧର ବେହେରା, ମହିଳା କନଷ୍ଟେବଳ ଶୁଭଶ୍ରୀ ପାଣିଗ୍ରାହୀ ସାମିଲ ଥିଲେ। ପରେ ଅଭିଯୁକ୍ତଙ୍କ ନାମରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି। ଶରଣକୁଳ ଅଞ୍ଚଳରେ ଅବାଧରେ ସମସ୍ତ ପ୍ରକାରର ନିଶା ଦ୍ରବ୍ୟ ବିକ୍ରି ହେଉଥିବାର ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସ୍ଥାନୀୟ ପୁଲିସ କୌଣସି ପଦେକ୍ଷପ ନେଉନଥିବା ଯୋଗୁଁ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ବିଭିନ୍ନ ଆଲୋଚନା ହେଉଥିବା ଜଣାପଡିଛି।

## ପଥର ବୋଝେଇ ଟ୍ରାକ୍ଟର ଜବତ; ଜଣେ ଗିରଫ



ଓଡ଼ଗାଁ,୧୯।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ବାହାଡ଼ାଝୋଲା ସେକ୍ସନ ମକରାପଲ୍ଲୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଓଡ଼ଗାଁ ବନ ବିଭାଗ ଏକ ଗେଟେମା ପଥର ବୋଝେଇ ଟ୍ରାକ୍ଟର ଜବତ୍ କରିଛନ୍ତି। ଏଥି ସହିତ ସ୍ଥାନୀୟ ହରିପୁର ଗାଁର ଟ୍ରାକ୍ଟର ଚାଳକ କୃଷ୍ଣଚନ୍ଦ୍ର ବେହେରା (୫୧)କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଗତକାଲି ସନ୍ଧ୍ୟାରେ ବାହାଡାଝୋଲା ବନପାଳ ମନୋଜ କୁମାର ସେଠୀ ଏବଂ ବନରକ୍ଷୀ ସୁନିଲ କୁମାର ନାୟକ ସାନ୍ଧ୍ୟ ପାଟ୍ରୋଲିଂ କରୁଥିବା ସମୟରେ ମକରାପଲ୍ଲୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଟ୍ରାକ୍ଟରକୁ ଦେଖି ପିଛା କରି ନିଜ ଆୟତକୁ ଆଣିବା ସହିତ ଚାଳକକୁ ଗିରଫ କରିଥିଲେ। ସଂରକ୍ଷିତ ଜଙ୍ଗଲରୁ ବେଆଇନ ଖଣିଜ ପଦାର୍ଥ ସଂଗ୍ରହ ଅଭିଯୋଗରେ ୪୮/୨୨୫ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛନ୍ତି। ପ୍ରକାଶ ଥାଉ କି ଟ୍ରାକ୍ଟର ଚାଳକର ସୂଚନା ମୁତାବକ ଜବତ୍ ଟ୍ରାକ୍ଟରଟି ସଞ୍ଜୀବ ବେହେରାଙ୍କର ବୋଲି ଜଣାପଡିଛି।

● ଗଣିଆରେ ଭିଜିଲାନ୍ସ ଟିମର ଚଢ଼ଉ

## ୧୨ ଘଣ୍ଟା ପରେ ଖୋଲିଲା ଘର



ଗଣିଆ,୧୯।୯ (ସମିସ): ଗଣିଆ ବ୍ଲକ କରଡାପଡ଼ା ଗ୍ରାମରେ ଭିଜିଲାନ୍ସ ଚଢ଼ଉ ହୋଇଥିବା ଜଣାପଡିଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ କାଶିପୁର ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁଙ୍କର ୯ଟି ସ୍ଥାନରେ ଚଢ଼ଉ ଜାରି ରଖିଥିବା ବେଳେ ଗଣିଆ ବ୍ଲକ କରଡାପଡ଼ାରେ ଥିବା ତାଙ୍କ ଶଶୁର ଘରେ ମଧ୍ୟ ଭିଜିଲାନ୍ସ ଟିମ୍ ଚଢ଼ଉ କରିଛନ୍ତି। ଭିଜିଲାନ୍ସ ଟିମ୍ ସକାଳ ୫ ଘଟିକାରେ କରଡାପଡ଼ାରେ ପହଞ୍ଚିଥିଲେ ମଧ୍ୟ ତାଙ୍କ ଶଶୁର ଘର ତାଲା ପଡ଼ିଥିଲା। ଶଶୁର ତ୍ରିଲୋଚନ ସାହୁ ଘର ତାଲା ପକାଇ ଚାଲିଯାଇଥିଲେ। ଦୀର୍ଘ ୧୨ ଘଣ୍ଟା ଅପେକ୍ଷା କରିବା ପରେ ଅପରାହ୍ନ ୪ ଘଟିକା ସମୟରେ ତ୍ରିଲୋଚନ ଆସି ପହଞ୍ଚିଥିଲେ। ତେବେ ତାଙ୍କ ଘରୁ କୌଣସି ସାମଗ୍ରୀ ମିଳିନଥିଲା। ଭିଜିଲାନ୍ସ ଟିମ୍ ତାଙ୍କୁ ପଚରାଉଚରା କରି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଏହି ଚଢ଼ଉରେ ନବରଙ୍ଗପୁର ଡିଏସ୍‌ପି ଜୟଶ୍ରୀ ପ୍ରଧାନ, ନୂଆପଡା ଡିଏସ୍‌ପି ଦୀନବନ୍ଧୁ ବେହେରା, ନୟାଗଡ ଭିଜିଲାନ୍ସ କନଷ୍ଟେବଳ ଭବାନୀ ଶଙ୍କର ପଟ୍ଟନାୟକଙ୍କ ସହିତ ଏକ ୯ ଜଣିଆ ଟିମ୍ ସାମିଲ ହୋଇଥିଲେ।

**ଭୋଳେଶ୍ୱର ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା କେବେ**

# ଅବହେଳିତ ଅବସ୍ଥାରେ କିମ୍ବଦନ୍ତୀ ବହନ କରୁଥିବା ପୀଠ

ଗଣିଆ,୧୯।୯ (ସମିସ)



ଗଣିଆ ବ୍ଲକ୍ ରାଉତପଡ଼ାରେ ରହିଛି ଭୋଳେଶ୍ୱର ମହାଦେବଙ୍କ ପୀଠ। ଅଞ୍ଚଳର ଏହା ହେଉଛି ଏକ ପ୍ରମୁଖ ଶୈବପୀଠ। ପୁଣ୍ୟ ଚିତ୍ରୋତ୍ପଳା ନଦୀ ତୀରରେ ରହିଥିବା ଏହି ପୀଠର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋମୁଗ୍ଧକର। ମନ୍ଦିର ପରିସରରେ ଚଣ୍ଡୀ ଓ ଧବଳେଶ୍ୱର ମନ୍ଦିର ରହିଥିବାବେଳେ ମନ୍ଦିରର କାରୁକାର୍ଯ୍ୟ ଅତ୍ୟନ୍ତ ଆକର୍ଷଣୀୟ। ବିଶେଷକରି ଏହି ମନ୍ଦିରର ନୀତି, ପରମ୍ପରା ଓ ସଂସ୍କୃତି ସମ୍ପନ୍ନ ନିଆରା। ଭୋର୍ ୪ଟାରୁ ରାତି ପର୍ଯ୍ୟନ୍ତ ଠାକୁରଙ୍କ ରୀତିନୀତିରେ କେବେ ବି ଢିଲା କରନ୍ତିନି ପୂଜକମାନେ। ଜାଗର ଯାତ୍ରାଠାରୁ ଆରମ୍ଭ କରି ଦୋଳଯାତ୍ରା, ଶୀତଳ ଷଷ୍ଠୀ, ଦୁର୍ଗାଷ୍ଟମୀ ଆଦି ଏଠାରେ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ବିଶେଷକରି କାର୍ତ୍ତିକ ମାସସାରା ଏଠାରେ ୧ ଲକ୍ଷ ୮ ଦୀପଦାନ ଉତ୍ସବ ମହାସମାରୋହରେ ପାଳିତ ହୋଇଆସୁଛି। ମନ୍ଦିର ପରିଚାଳନା, ସେବା ଓ ପର୍ବପର୍ବାଣୀ ପାଇଁ ଦେବୋତ୍ତର ବିଭାଗ ତରଫରୁ ୫ ବାଟି ୧୭ ଏକର ଜମି ଖଞ୍ଜାଯାଇଛି। ଗ୍ରାମର ୩୨ଟି ମାଳି ପରିବାର ଏହି ମନ୍ଦିରରେ ସେବାକରି ଆସୁଛନ୍ତି।

ମନ୍ଦିରର କିମ୍ବଦନ୍ତୀ ଅନୁସାରେ, ସେତେବେଳର ରାଜା ରୁଦ୍ରପ୍ରତାପ ଶିବ ଭକ୍ତ ଥିଲେ। ରାଜା ପାଳିଥିବା ଗାଈଙ୍କ ଭିତରୁ କାଳିଗାଈ ହିରା ଥିଲା ରାଜାଙ୍କର ଅତିପ୍ରିୟ। ହିରା ଚରିବାକୁ ଆସି ନଦୀ ପାର୍ ହୋଇ ପ୍ରତିଦିନ ବେଲ ବୃକ୍ଷ ମୂଳରେ ଥିବା ଶିବଲିଙ୍ଗରେ ଖିରଦାନ କରିଥାଏ ବୋଲି କିମ୍ବଦନ୍ତୀ ରହିଛି। ଗୋପାଳଠାରୁ ରାଜା ଖବର ପାଇ ତୁରନ୍ତ ସେଠାରେ ପହଞ୍ଚି ଦର୍ଶନଲାଭ କଲେ। ଦଶପଲ୍ଲା ରାଜାଙ୍କ ସହାୟତାରେ ସେଠାରେ ମନ୍ଦିର ତିଆରି ହୋଇଥିଲା। ସେହିଦିନଠାରୁ ସେଠାରେ ଭୋଳେଶ୍ୱର ମହାଦେବ ପୂଜା ପାଇ ଆସୁଛନ୍ତି। ବର୍ଷସାରା ଏହି ମନ୍ଦିରରେ ରାଜ୍ୟର କୋଣ ଅନୁକୋଣରୁ ଭକ୍ତଙ୍କ ସୁଅ ଛୁଟୁଥିବାବେଳେ ଏହି ପୀଠକୁ ଯିବାକୁ ସ୍ଥାୟୀ ରାସ୍ତା ଖଣ୍ଡିଏ ନାହିଁ। କାଦୁଅ ପଚପଚ ରାସ୍ତା ହିଁ ଏହି ମନ୍ଦିରର ମୁକସାକ୍ଷୀ ପାଲଟିଛି। ତେବେ କିମ୍ବଦନ୍ତୀ ବହନ କରୁଥିବା ଏହି ମନ୍ଦିରର ଉନ୍ନତି କଥା କେହି ଚିନ୍ତା କରୁନାହାନ୍ତି। ଏହି ମନ୍ଦିରଟିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ପ୍ରତିଶ୍ରୁତି ଏକପ୍ରକାର ପାଣିର ଗାର ପାଲଟିଛି। ତେବେ ରାଜ୍ୟ ପର୍ଯ୍ୟଟନ ବିଭାଗ ତୁରନ୍ତ ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶାଳେଶ୍ୱର ମନ୍ଦିରରୁ ଚୋରି ଅଭିଯୋଗ

ଖୋର୍ଦ୍ଧା,୧୯।୯(ସମିସ): ସଦରଥାନା ଅନ୍ତର୍ଗତ ଅଣ୍ଡା ଶାଳେଶ୍ୱର ମନ୍ଦିରରୁ ଗୁରୁବାର ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେହି ଦୁର୍ବୃତ୍ତ ମନ୍ଦିରରୁ ୮ଟି ଘଣ୍ଟା, ହୁଣ୍ଡିରେ ଥିବା ପ୍ରାୟ ୧୫ରୁ ୨୦ହଜାର ଟଙ୍କା, ରୁପା ମୁକୁଟ ଚୋରି କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଚୋରି ସମ୍ପର୍କରେ ସକାଳେ ପୂଜକ ଜାଣିବା ପରେ ଗାଁ ସଭାପତି ରବୀନ୍ଦ୍ର ପ୍ରଧାନଙ୍କୁ ସୂଚନା ଦେଇଥିଲେ। ରବୀନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଗୁରୁତ୍ୱ ଦେଇ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିବା ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ପ୍ରକାଶ କରିଛନ୍ତି।

## ଷୋଳପୂଜାର ଷଷ୍ଠ ଦିନରେ ମା'ଙ୍କ କାତ୍ୟାୟନୀ ବେଶ



ନିରାକାରପୁର,୧୯।୯(ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଶାରଦୀୟ ପୂଜା ଆରମ୍ଭ ହୋଇଛି। ଷୋଳପୂଜାର ଷଷ୍ଠ ଦିବସରେ ମା' କାତ୍ୟାୟନୀ ବେଶରେ ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟପୂଜା, ପଞ୍ଚ ଦେବତା ପୂଜା ପରେ ସହସ୍ର କୁମ୍ଭାଭିଷେକ କରାଯାଇଛି। ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତସତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଆଧରପଣା ଓ ଶ୍ରୀ ମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ, ପଣ୍ଡିତ ସୀତାକାନ୍ତ ଦାଶ ଓ ବେଦ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ। ଗ୍ରାମର ବହୁ ଶ୍ରଦ୍ଧାଳୁ ମା'ଙ୍କ ଦିବ୍ୟ ବେଶ ଦର୍ଶନ କରିଥିଲେ।

## ହଳଦିଆ କଲେଜର ୪୨ତମ ସାମ୍ବତ୍ସରିକ ଉତ୍ସବ



ଖୋର୍ଦ୍ଧା,୧୯।୯(ସମିସ): ଖୋର୍ଦ୍ଧା ହଳଦିଆ ମହାବିଦ୍ୟାଳୟ ପରିସରରେ ୪୨ତମ ସାମ୍ବତ୍ସରିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ରାଜ୍ୟର ସୁନାମଧନ୍ୟ ଅସ୍ଥିଶଲ୍ୟ ଚିକିତ୍ସକ ଡା. ଶରତ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ହଳଦିଆ ମାଟିର ସୁପୁତ୍ର ବ୍ରହ୍ମାନନ୍ଦ ଭଞ୍ଜଦେଓ, ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶାସନିକ ଅଧିକାରୀ ପାର୍ଥସାରଥି ରଥ ମହାବିଦ୍ୟାଳୟର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୮୩ରେ ମାତ୍ର ୧୬ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବା ବେଳେ ଅନେକ ଘାତ ପ୍ରତିଘାତ ମଧ୍ୟରେ ଆଜି ଏହି ମହାବିଦ୍ୟାଳୟ ତାର ପୂର୍ଣ୍ଣାଙ୍ଗ ରୂପ ପାଇପାରିଛି ବୋଲି ଅତିଥିମାନେ କହିଥିଲେ। ରଘୁନାଥ ଜନଗଣ ମଙ୍ଗଳ ଟ୍ରଷ୍ଟ ତରଫରୁ +୨ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସୁନୀତା ଖଟୁଆଙ୍କ ଟ୍ରଫି ଓ ମାନପତ୍ର ସହ ୫ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ହାଡ଼ିବନ୍ଧୁ ଲକ୍ଷ୍ମୀପ୍ରିୟା ଚାରିଟେବଲ୍ ଟ୍ରଷ୍ଟ ତରଫରୁ +୨କଳା, ବିଜ୍ଞାନ ଓ ବାଣିଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଫେସର ଲକ୍ଷ୍ମୀପ୍ରିୟା ନନ୍ଦ ଧନ୍ୟବାଦ ଅର୍ପଣ କରିଥଲେ।

## ଭୁଶୁଡ଼ି ଗଲାଣି ଶିକ୍ଷାଦାନ ବ୍ୟବସ୍ଥା; ଖାଲି ପଡ଼ିଛି ଶିକ୍ଷକ ପଦବୀ

ବେଗୁନିଆ,୧୯।୯(ସମିସ): ବେଗୁନିଆ ନିର୍ବାଚନମଣ୍ଡଳୀର ବେଗୁନିଆ ଓ ବୋଲଗଡ ବ୍ଲକରେ ଆବଶ୍ୟକୀୟ ଭିତ୍ତିଭୂମି ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏପରିକି ମହାବିଦ୍ୟାଳୟରେ ଅଧ୍ୟାପକ, ବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀମାନଙ୍କ ଅଭାବ ଜନିତ ସମସ୍ୟା ପରିଲକ୍ଷିତ ହେଉଛି। ଏହି ଶିକ୍ଷାଦାନ ପାଇଁ ବ୍ୟବହୃତ ଶ୍ରେଣୀ ଗୃହ ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ତେବେ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ବୋଲି ବିଧାନସଭାରେ ବିଧାୟକ ପ୍ରଦୀପ କୁମାର ସାହୁ ପ୍ରଶ୍ନ ପଚାରି ଥିଲେ। ଏହାର ସମାଧାନ କରିବାକୁ ସ୍ଥାନ ନିରୂପଣ ସହ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଯୁଗ୍ମ କମିଟି ତଦନ୍ତ କରିବା ସହ ଆବଶ୍ୟକ ସଂଖ୍ୟକ ପଦବୀ ପୂରଣ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖିଛନ୍ତି।

### ଦଶହରା, ରାବଣପୋଡ଼ି, ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

# ୩ରେ ଦୁର୍ଗା, ୧୨ରେ ଗଜଲକ୍ଷ୍ମୀ ଭସାଣି

ଖୋର୍ଦ୍ଧା,୧୯।୯(ସମିସ)

ଆଗକୁ ଜଗତ ଜନନୀ ମା' ଦୁର୍ଗା ଧରାପୃଷ୍ଠରେ ଅବତରଣ କରିବେ। ତାଙ୍କ ପଛକୁ ଧନଧାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେବ। ସହରରେ ପ୍ରାୟ ୩୬ ପୂଜା ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ହେଉଥିବା ବେଳେ କିଛିବର୍ଷ ହେବ ଏହାର ସମୂହ ଭସାଣି ବେଶ୍ ଜାକଜକମରେ ଅନୁଷ୍ଠିତ ହେଉଛି। ପୂର୍ବାହ୍ନରେ ଜୟୀରାଜଗୁରୁ ଟାଉନ ହଲ ପରିସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଦଶହରା, ରାବଣପୋଡ଼ି ଏବଂ ଗଜଲକ୍ଷ୍ମୀ ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଦୁର୍ଗା ଓ ହରପାର୍ବତୀଙ୍କ ମୂର୍ତ୍ତି ଭସାଣି ଆସନ୍ତା ୩ ତାରିଖରେ ହେବ। ସେହିପରି ଜିଲ୍ଲାରେ ଗଣପର୍ବ ଭାବେ ଖ୍ୟାତି ଅର୍ଜନ କରିଥିବା ଗଜଲକ୍ଷ୍ମୀ ପୂଜାର ସମୂହ ଭସାଣି ୧୨ ତାରିଖ ହେବ।

ପୂଜାମଣ୍ଡପଗୁଡ଼ିକ ସଫାସୁତରା ରଖିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ବିଦ୍ୟୁତକାଟ୍ ରୋକିବା ଉପରେ ବିଦ୍ୟୁତ ବିଭାଗ ଧ୍ୟାନ ଦେବାକୁ କୁହାଯାଇଛି। ପୂଜା ପୂର୍ବରୁ ଖାଲଖମା ରାସ୍ତାଗୁଡ଼ିକୁ ସମତୁଲ କରିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ପୂଜାମଣ୍ଡପରେ ଉଚ୍ଚକ୍ଷମତାସମ୍ପନ୍ନ ଡିଜେ ବଜାଇବାରେ ପ୍ରଶାସନ କଟକଣା ଜାରି କରିଛି। ମଣ୍ଡପ ସମ୍ମୁଖରେ ଟ୍ରାଫିକ ସମସ୍ୟା ଉପୁଜୁଥିବାରୁ ଟ୍ରାଫିକ ନିୟନ୍ତ୍ରଣ କ୍ଷେତ୍ରରେ ଜିଲ୍ଲା ପୁଲିସ ବ୍ୟାପକ ବ୍ୟବସ୍ଥା କରିବା ସହ ଶାନ୍ତିଶୃଙ୍ଖଳା ପାଇଁ ପ୍ରତି ପୂଜା ମଣ୍ଡପରେ ପୁଲିସ ମୁତୟନ ପାଇଁ ବେଉରା ନିର୍ଦ୍ଦେଶ ଦେଇଥିଲେ। ଭସାଣି ଦିନ ସହର ଏବଂ ଉପକଣ୍ଠରେ ଥିବା ମଦ ଦୋକାନଗୁଡ଼ିକୁ ବନ୍ଦ ରହିବ। ପୂଜା ସମୟରେ ନକଲି ଖାଦ୍ୟ, ବାସି ଓ ପଚାଶଢ଼ା ଖାଦ୍ୟ ବିକ୍ରି ଉପରେ ଚଢ଼ଉ ଲାଗି ଖାଦ୍ୟ



**ହାବେଳୀ ପଡିଆରେ ହେବ ରାବଣପୋଡି**

ନିରାପତ୍ତା ଅଧିକାରୀଙ୍କୁ ବେଉରା ପରାମର୍ଶ ଦେଇଛନ୍ତି। ଏଥିସହିତ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅସାମାଜିକ ଯୁବକଙ୍କ ଉପରେ କଡ଼ା ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ଚୋରା ମଦ ବିକ୍ରି ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅବକାରୀ ବିଭାଗକୁ କୁହାଯାଇଛି। ଅସ୍ଥାୟୀ ପୋଖରୀ ନିର୍ମାଣ ଦାୟିତ୍ୱ ପୌରପରିଷଦକୁ ଦିଆଯାଇଥିବାବେଳେ ସହର ମଧ୍ୟରେ ମେଢ଼ଗୁଡ଼ିକ ସୁବିଧାରେ ଯିବା ଲାଗି ଗଛ ଡାଳ କାଟିବା ଏବଂ ବିଦ୍ୟୁତ ତାରଗୁଡ଼ିକ ତଦାରଖ ପାଇଁ ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ ଏବଂ ପୌରପରିଷଦ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଦାୟିତ୍ୱ ଦେଇଛନ୍ତି। ସେହିପରି ଚଳିତବର୍ଷ ମଧ୍ୟ ହାବେଳି ପଡ଼ିଆରେ ରାବଣପୋଡ଼ି ଉତ୍ସବ କରାଯିବ ବୋଲି ଉପଜିଲ୍ଲାପାଳ କିଶୋର ପଣ୍ଡା କହିଛନ୍ତି। ରାବଣପୋଡ଼ି ଉତ୍ସବ ସନ୍ଧ୍ୟା ୭ଟାରୁ ରାତି ୧୧ଟା ମଧ୍ୟରେ ଶେଷ କରିବାକୁ କୁହାଯାଇଛି। ହାବେଳି ପଡ଼ିଆରେ ପର୍ଯ୍ୟାପ୍ତ ଆଲୋକୀକରଣ, ବ୍ୟାରିକେଡ୍ ଲାଗି ଆରଆଣ୍ଡବି ବ୍ୟବସ୍ଥା କରିବାକୁ କୁହାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଡିଏସପି (ଡିଆଇବି) ଅନିଲ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ରିଜିୱାନା କଅକବ, ଭାରପ୍ରାପ୍ତ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଭାରପ୍ରାପ୍ତ ଶିଳ୍ପାଞ୍ଚଳ ଥାନା ଅଧିକାରୀ ବାସୁଦେବ ଜୟସିଂ, ଅତିରିକ୍ତ ତହସିଲଦାର ପଙ୍କଜବାସିନୀ ଭଞ୍ଜଦେଓ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ବିଦ୍ୟୁତ, ପୂର୍ତ୍ତ ଓ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତଥିଲେ। ପୂଜାକମିଟି ଓ ରାବଣ ପୋଡ଼ି କମିଟିର ସଦସ୍ୟମାନେ ଯୋଗଦେଇଥିଲେ।

## ଅଗ୍ନିଶମ କର୍ମଚାରୀଙ୍କୁ ମାଡ଼ମାରିବା ଘଟଣାରେ ୩ ଗିରଫ



ଖୋର୍ଦ୍ଧା,୧୯।୯(ସମିସ): ବୋଲଗଡ଼ଠାରେ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀଙ୍କୁ ମାଡ଼ମାରିବା ଅଭିଯୋଗରେ ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଉଛନ୍ତି ସ୍ଥାନୀୟ ଥାନା ଖଙ୍ଗୁରିଆ ଗ୍ରାମର ରବୀନ୍ଦ୍ର ଲେଙ୍କା (୪୦), ଚନ୍ଦ୍ରକାନ୍ତ ସାମନ୍ତରାୟ (୨୫) ଓ ପ୍ରଭାକର ସାମନ୍ତରାୟ (୧୯)। ବୋଲଗଡ଼ ଥାନା ନିରୀକ୍ଷିକା ସ୍ନିଗ୍ଧାମୟୀ ବରାଳଙ୍କ ଠାରୁ ମିଳିଥିବା ସୂଚନାରୁ ପ୍ରକାଶ ଯେ, ଗୁରୁବାର ବୋଲଗଡ଼ ନେଳିଆ ପୋଖରୀ ନିକଟରେ ଏକ ନଡ଼ିଆ ଗଛରେ ଖଙ୍ଗୁରିଆ ଗ୍ରାମର ଜଣେ ଯୁବକ ଚଢିଥିବା ସମୟରେ ସେହି ଗଛର ଏକ ବାହୁଙ୍ଗା ଭାଙ୍ଗି ନିକଟରେ ଯାଇଥିବା ୩୩ କେଭି ବିଦ୍ୟୁତ ତାର ଉପରେ ଲାଗିଯାଇଥିଲା। ଫଳରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗଛରେ ଚଢ଼ିଥିବା ଯୁବକଙ୍କର ମୃତ୍ୟୁ ଘଟିଥିଲା ବେଳେ ତାଙ୍କ ଶରୀର ସେହି ଗଛରେ ଲାଖି ରହିଯାଇଥିଲା। ଫଳରେ ଅଗ୍ନିଶମ ବାହିନୀ କର୍ମଚାରୀ ଆସି ଯୁବକଙ୍କ ମରଶରୀରକୁ ତଳକୁ ଓହ୍ଲାଇବା ସମୟରେ ତାଙ୍କ ମରଶରୀର ଖସିପଡ଼ିଥିଲା। ଅଗ୍ନିଶମ କର୍ମଚାରୀ ଗଛରେ ଛାଡିଥିବା ନିଶୁଣୀକୁ କିଛି ଅଜଣା ଲୋକ ଭିଡାଟଣା କରିବା ଫଳରେ ମରଶରୀର ଗଛରୁ ତଳେ ପଡିଯାଇଥିଲା। ମରଶରୀରଟି ତାଳେପଡ଼ିଯିବା ପରେ ସେଠାରେ ଉପସ୍ଥିତ କିଛି ଜଣ ଉତ୍ୟକ୍ତ ହୋଇ ଅଗ୍ନିଶମ କର୍ମଚାରୀଙ୍କୁ ମାଡ଼ ମାରିବା ସହିତ ଗାଳିଗୁଲଜ କରିଥିଲେ। ଏଭଳି ଘଟଣାର ଅଭିଯୋଗ ଅଗ୍ନିଶମ କର୍ମଚାରୀ ସନ୍ତୋଷ କୁମାର ପରିଡା ଥାନାରେ ଜଣାଇଛନ୍ତି। ଏସଂକ୍ରାନ୍ତରେ ପୁଲିସ ବୋଲଗଡ଼ ଥାନା ୨୧୨/୨୫ରେ ମାମଲା ରୁଜୁ କରାଯିବା ସହିତ ଏଭଳି ଘଟଣାକୁ ଗୁରୁତର ଭାବେ ନେଇଛି। ଥାନା ନିରୀକ୍ଷିକା ଶ୍ରୀମତୀ ବରାଳଙ୍କ ନେତୃତ୍ୱରେ ପୁଲିସ ଟିମ ଘଟଣାର ତଦନ୍ତ ଓ ଅନୁସନ୍ଧାନ କରି ତିନି ଜଣଙ୍କୁ ଗିରଫ କରିଥିବାବେଳେ ଅଭିଯୁକ୍ତ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାର ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଧ୍ୟାତ୍ମିକ ସମାବେଶ




ବାଣପୁର,୧୯।୯(ସମିସ): ଶ୍ରୀଜଗନ୍ନାଥଙ୍କ ଗୋପନ ଲୀଳାକ୍ଷେତ୍ର ଅନ୍ଧାର ମହିମରେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମାନନ୍ଦୀ ଗାଦିଶ୍ୱର ଶ୍ରୀକୃଷ୍ଣ କେଶବ ନନ୍ଦ ଦେବ ଗୋସ୍ୱାମୀ ପ୍ରଭୁପାଦଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ଶ୍ରୀପାଟ ଗୋପୀ ବଲ୍ଲଭପୁରରୁ ୨ ଶହରୁ ଊର୍ଦ୍ଧ୍ୱ ଭକ୍ତ ଶ୍ରୀଚୈତନ୍ୟ ପାଦୁକା ପଦଯାତ୍ରାରେ ଦୀର୍ଘ ୬୦୦ କିମି ଦୂରତା ଅତିକ୍ରମ କରି ଆସି ଶ୍ରୀକ୍ଷେତ୍ରରେ ପହଞ୍ଚି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ପରେ ଭକ୍ତମାନେ ଶ୍ରୀଜଗନ୍ନାଥଙ୍କ ଗୋପନ ଲୀଳାକ୍ଷେତ୍ର ବାଣପୁର ହଳନ୍ଦା ଗ୍ରାମର ଅନ୍ଧାର ମହିମ ସ୍ଥିତ ଶ୍ରୀରାଧା ମୋହନ ମଠରେ ପହଞ୍ଚିଥିଲେ। ଶ୍ରୀ ରାଧାମୋହନ ମଠ ଉନ୍ନୟନ ପରିଷଦ ହଳନ୍ଦା ଦ୍ୱାରା ଆୟୋଜିତ ଆଧ୍ୟାତ୍ମିକ ସମାବେଶରେ ଅତିଥି ଭାବେ ଗାଦିଶ୍ୱର ମହନ୍ତ ଶିରୋମଣି ଶ୍ରୀକୃଷ୍ଣ କେଶବାନନ୍ଦ ଦେବ ଗୋସ୍ୱାମୀ ପ୍ରଭୁପାଦ, ଗୋର କିଶୋର ଦେବ ପ୍ରଭୁପାଦ, ଗବେଷକ ଡଃ.ଚନ୍ଦ୍ରଶେଖର ଦାସ, ଐତିହାସିକ ମଦନମୋହନ ମହାପାତ୍ର ଓ ମଠାଧିକାରୀ ବାବାଜି ତୁଳସି ଦାସ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଲୀଳା ସମ୍ପର୍କରେ ବାଖ୍ୟା କରିଥିଲେ। ଶିକ୍ଷାବିତ୍ ଡଃ ନୃସିଂହ ଚରଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତି ବର୍ଷ ହଳନ୍ଦାଠାରେ ଅନ୍ଧାର ମହିମ ମହୋତ୍ସବ କରାଯିବା ପାଇଁ ଉନ୍ନୟନ ପରିଷଦର ସ୍ଥାୟୀ ସଭାପତି ଗୋସ୍ୱାମୀ ପ୍ରଭୁପାଦ ପ୍ରତିଶୃତି ଦେଇଥିଲେ। ମାଦଳା ପାଞ୍ଜି, ରସିକ ମଙ୍ଗଳ ଓ ଭକ୍ତମାଳା ଗ୍ରନ୍ଥ ମୁତାବକ ୧୬୨୧ ଖ୍ରୀଷ୍ଟାବ୍ଦରେ ପ୍ରବଳ ହିନ୍ଦୁ ବିରୋଧୀ ସୁବେଦାର ଅହମ୍ମଦ ବେଗଙ୍କ ଆକ୍ରମଣରୁ ସୁରକ୍ଷା ନିମନ୍ତେ ଶ୍ରୀ ବିଗ୍ରହମାନଙ୍କୁ ଏହି ଅନ୍ଧାର ମହିମରେ ଗୋପନ ଭାବେ ସ୍ଥାପନ କରାଯାଇଥିଲା। ସେତେବେଳେ ଶ୍ୟାମାନନ୍ଦ ଓ ରସିକାନନ୍ଦ ଅନ୍ଧାର ମହିମଠାରେ ଶ୍ରୀବିଗ୍ରହମାନଙ୍କର ଅଙ୍ଗ ସେବାର ସୌଭାଗ୍ୟ ପାଇ ଥିଲେ। ଗଜପତି ନରସିଂହ ଦେବ ରସିକ ନନ୍ଦଙ୍କ ପାଖରୁ ଦୀକ୍ଷା ଗ୍ରହଣ କରିଥିବା ଉଲ୍ଲେଖ ରହିଛି।

## ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ

ବାଣପୁର,୧୯।୯(ସମିସ): ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ବର୍ତ୍ତମାନ ସାରା ରାଜ୍ୟରେ ସରକାରୀ ବିଦ୍ୟାଳୟରଗୁଡ଼ିକରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏହିକ୍ରମରେ ନରେନ୍ଦ୍ରପୁର ଜିପି ଉପେନ୍ଦ୍ର ବିଦ୍ୟାପୀଠ ତରଫରୁ ହଳନ୍ଦା ଗ୍ରାମରେ ଆସ ସ୍କୁଲ ଯିବା ସଚେତନତା ପଦଯାତ୍ରା ଓ ହଳନ୍ଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ସଚେତନତା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶିଶିର କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ସରପଞ୍ଚ ସବିତା ଦାସ, ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି, ସିଆରସି ଶ୍ରୀକାନ୍ତ ସାହୁ, ସାମ୍ବାଦିକ ମୋହିନୂଲ ହକ, ସାମ୍ବାଦିକ ଚନ୍ଦନ ସୁନ୍ଦରାୟ, ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଧାରୀ ସେଠୀ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମବାସୀଙ୍କୁ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିବା ସହ ଶିକ୍ଷା ଅଧିକାର ଆଇନ୍ ୨୦୦୯ ଅନୁସାରେ ସମସ୍ତ ପିଲାମାନଙ୍କର ପାଠପଢିବାର ଅଧିକାର ଅଛି। ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ତେଣୁ ଜମା ପାଠ ପଢି ନଥିବା ଓ ଅଧାରୁ ପାଠପଢା ଛାଡି ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣି ପୁନଃର୍ବାର ପାଠ ପଢାଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସଚେତନ କରିଥିଲେ। ଏହି ଅବସରରେ ଅତିଥିଙ୍କ ସହ ଶିକ୍ଷକ, ଅଭିଭାବକ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇ ହାତରେ ବିଭିନ୍ନ ସଚେତନତା ବାର୍ତ୍ତାର ପ୍ଲାକାର୍ଡ ଧରି ସ୍ଲୋଗାନମାନ ଦେଇ ପଦଯାତ୍ରାରେ ହଳନ୍ଦା ଗ୍ରାମ ପରିକ୍ରମା କରିବା ସହ ଛାତ୍ରଛାତ୍ରୀମାନେ ନାଟ୍ୟ ଗୌରବ ମହେଶ୍ୱର ଜେନାଙ୍କ ନିର୍ଦ୍ଦେଶିତ ପଥପ୍ରାନ୍ତ ନାଟକ ପରିବେଷଣ କରି ଆସ ସ୍କୁଲ ଯିବା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ।




**● ଅଭିଯୋଗ ଆଣିଲେ ମାଆ।**

## ଯୌତୁକ ନିର୍ଯାତନା ଦେଇ ଝିଅକୁ ମାରିଦେଲେ



ନିରାକାରପୁର,୧୯।୯(ସମିସ): ଯୌତୁକ ନିର୍ଯାତନା ଦେଇ ଝିଅକୁ ମାରିଦେଲେ ବୋଲି ଝିଅର ମାଆ ରଣପୁର ଥାନାରେ ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅଧୀନ ରମାବିଲି ଗ୍ରାମର ଭୂତି ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ୭ ବର୍ଷ ତଳେ ତାଙ୍କ ଝିଅ ରିତା ମହାପାତ୍ର ସେହି ଥାନା ନରସିଂହପୁର ଗ୍ରାମର ଲଡ୍ଡୁଆ ପ୍ରଧାନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରେ ଜ୍ୱାଇଁ ଓ ପରିବାର ଲୋକ ଅଧିକା ଯୌତୁକ ପାଇଁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏଥି ପାଇଁ ବହୁବାର ଘରେ କଳହ ଲାଗି ରହୁଥିବା ବେଳେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା। କିନ୍ତୁ ଆଜି ଶାଶୂଘର ଲୋକ ଝିଅର ଦେହ ଖରାପ ଅଛି, ସେ ରଣପୁର ହସ୍ପିଟାଲରେ ରହିଛି। ଏହି ଖବର ଶୁଣି ମାଆ ଭୁତି ଓ ଗ୍ରାମର କିଛି ଲୋକ ଯାଇ ରଣପୁରରେ ପହଞ୍ଚି ଦେଖିଲେ କି ଝିଅର ମୃତ୍ୟୁ ଘଟିଛି। ତାଙ୍କ ଝିଅକୁ ଶଶୂର ଘର ଲୋକେ ମାରି ଦେଇଥିବା ନେଇ ସେ ଅଭିଯୋଗ କରିବାସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନାରେ ଅଭିଯୋଗ କରିଛନ୍ତି।

### ଆମ ଶୌଚାଳୟରୁ ବାରିହେଉଛି ପୌର ପରିଷଦ ଦୁର୍ନୀତିର ଗନ୍ଧ

# ନିଃଶୁଳ୍କ ସେବାରୁ ଶୁଳ୍କ ଆଦାୟ ଅଭିଯୋଗ

ଖୋର୍ଦ୍ଧା,୧୯।୯(ସମିସ)

ଆମ ଶୌଚାଳୟରେ ଚାଲିଛି ଯାତ୍ରୀଙ୍କୁ ଶୋଷଣ। ଶୌଚାଳୟରେ ନିଃଶୁଳ୍କ ସେବା ଯୋଗାଇବା ପରିବର୍ତ୍ତେ କରାଯାଉଛି ଶୁଳ୍କ ଆଦାୟ। ଯାହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାବେଳେ ପୌରପରିଷଦର ଦୁର୍ନୀତିର ଗନ୍ଧ ଏଠାରୁ ବାରି ହେଉଛି।

ଖୋର୍ଦ୍ଧା ସହରକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ପ୍ରତିଦିନ ବହୁ ଯାତ୍ରୀ ଆସିଥାନ୍ତି। ଜିଲ୍ଲାର ମୁଖ୍ୟ ଦପ୍ତରଗୁଡ଼ିକ ପୌର ପରିଷଦ ଅଞ୍ଚଳରେ ରହଥିବାରୁ ଅନେକ କାର୍ଯ୍ୟ ସମ୍ପାଦନ ନିମନ୍ତେ ଭୁବନେଶ୍ୱର ସମେତ ବିଭିନ୍ନ ଗ୍ରାମାଞ୍ଚଳରୁ ପ୍ରତିଦିନ ଲୋକେ ଖୋର୍ଦ୍ଧା ଆସିଥାନ୍ତି। ବିଶେଷକରି ଖୋର୍ଦ୍ଧା-ବଲାଙ୍ଗିର, ଖୋର୍ଦ୍ଧା-ବ୍ରହ୍ମପୁର ଏବଂ ଉତ୍ତର ଖୋର୍ଦ୍ଧା ଦେଇ ଖୋର୍ଦ୍ଧା-କଟକର ମୁଖ୍ୟ ସଙ୍ଗମସ୍ଥଳ ପାଲଟିଛି ଖୋର୍ଦ୍ଧା ସହର। ସହର ଦେଇ ଯିବା ଆସିବା କରିବା ସମୟରେ ଏବଂ ସହରକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ମହିଳା ପୁରୁଷ ଶୌଚ ନିମନ୍ତେ ସହରରେ ଥିବା ଆମ ଶୌଚାଳୟ ଉପରେ ନିର୍ଭର କରିଥାନ୍ତି। ଆମ ଶୌଚାଳୟଗୁଡ଼ିକର ପରିଚାଳନା ଦାୟିତ୍ୱ ନିର୍ଦ୍ଦିଷ୍ଟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହାତରେ ନ୍ୟସ୍ତ କରିଛି ପୌରପରିଷଦ। ଶୌଚାଳୟର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ପାଇଁ ଗୋଷ୍ଠୀକୁ ୩ହଜାର ଟଙ୍କା ପୌର ପରିଷଦ ପକ୍ଷରୁ ପ୍ରତିମାସ ପ୍ରଦାନ କରାଯାଉଛି। ମାତ୍ର ପୌର ପରିଷଦର ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ଗୋଷ୍ଠୀର କର୍ମଚାରୀ ଏବଂ ମହିଳା ଗୋଷ୍ଠୀ ସଦସ୍ୟାଙ୍କ ମଧୁଚନ୍ଦ୍ରିକାରେ ଶୌଚ ହେବାକୁ ଯାଉଥିବା ବ୍ୟକ୍ତି ଦୁର୍ବ୍ୟବହାରର ଶିକାର ହେବା ସହ ଆର୍ଥିକ ଶୋଷଣ ଏବଂ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ନୟାଗଡ଼ ଜିଲ୍ଲାର ସାମ୍ବାଦିକ ଅନୀଲ କୁମାର ପଣ୍ଡା ଭୁବନେଶ୍ୱର ଯାଉଥିବା ସମୟରେ ଶୌଚ ନିମନ୍ତେ ସତ୍ରିକ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡସ୍ଥିତ ଆମ ଶୌଚାଳୟକୁ ଯାଇଥିଲେ। ନିଃଶୁଳ୍କ ଭାବେ ଶୌଚ ନିମନ୍ତେ ସରକାରଙ୍କ କଡ଼ାକଡ଼ି ନିୟମ ଥିଲେ ମଧ୍ୟ ଅନୀଲଙ୍କଠାରୁ ଜୋରଜବରଦସ୍ତ ଭାବେ ୨୦ଟଙ୍କା ଆଦାୟ କରାଯାଇଥିଲା। ପ୍ରତିବାଦ କଲେ ବିଭିନ୍ନ ପ୍ରକାର ଗାଳିମନ୍ଦ କରାଯାଇଥିଲା। ଯାହା ଅନୀଲଙ୍କୁ ବ୍ୟତିଥ କରିଛି। କେବଳ ଏହା ଗୋଟିଏ ଘଟଣା ନୁହେଁ ବରଂ ଅନେକ ଯାତ୍ରୀ ଏଭଳି ଅସୁବିଧାର ସମ୍ମୁଖୀନ ହେଉଥିବା ନଜିର ରହିଛି। ମାତ୍ର ସ୍ଥାନୀୟ ଅଞ୍ଚଳ ଲୋକ ଦେଖିଲେ ତାଙ୍କୁ ସେଠାରେ ମାଗଣା ସେବା ଯୋଗାଉଥିବାବେଳେ ଜିଲ୍ଲାର ଅନ୍ୟ ସ୍ଥାନରୁ ଏବଂ ଅନ୍ୟ ଜିଲ୍ଲାରୁ ଆସିଥିବା ଯାତ୍ରୀଙ୍କୁ ଆଖିରେ ଆଙ୍ଗୁଠି ଗେଞ୍ଜି ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଏପରିକି ପ୍ରତିଦିନ ଏଠାରେ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ଆସୁଛି। ଯାହା ପାଇଁ ଖୋର୍ଦ୍ଧା ସହର ବଦନାମର ବୋଝ ମୁଣ୍ଡାଉଛି। ଏହା ଖୋର୍ଦ୍ଧା ବାସିନ୍ଦାଙ୍କୁ ବ୍ୟଥିତ କରିଛି। ଯାତ୍ରୀମାନଙ୍କୁ ଜୋରଜବରଦସ୍ତ ନିଃଶୁଳ୍କ ସେବାରୁ ଶୁଳ୍କ ଆଦାୟ କରାଯାଉଥିବା ଅଭିଯୋଗ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ ଭଳି ସବୁ ଜାଣି ନିରବଦ୍ରଷ୍ଟା ସାଜିଥିବା ପୌର ପରିଷଦର ନିର୍ବାହୀ ଅଧିକାର ନିଘୋଡ଼ ନଦରେ ଶୋଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ସରକାର ଅତ୍ୟାବଶ୍ୟକ ସେବା ନିଃଶୁଳ୍କରେ ଯୋଗାଇ ଦେବା ବ୍ୟବସ୍ଥା କରିଥିବା ବେଳେ ଅସାଧୁ କର୍ମଚାରୀ ଏବଂ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଶୁଳ୍କ ଆଦାୟ ଘଟଣାର ବିଧିବଦ୍ଧ ତଦନ୍ତର ଆବଶ୍ୟକତା ରହିଛି ବୋଲି ସହରବାସୀ ମତବ୍ୟକ୍ତ କରିଛନ୍ତି। ଏଥିସହିତ ଯାତ୍ରୀଙ୍କୁ ଏଭଳି ଶୋଷଣ କରୁଥିବା ବ୍ୟକ୍ତି ଓ ଗୋଷ୍ଠୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣ ଦାବି ହେଉଛି। ଏନେଇ ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କୁ ଯୋଗାଯୋଗ କରିଥିଲେ ହେଁ ତାଙ୍କ ପ୍ରତିକ୍ରିୟା ମିଳିପାରିନି।




## ଖବର ପ୍ରକାଶ ପରେ ହେଲା ତାଳିପକା କାର୍ଯ୍ୟ



ବେଗୁନିଆ,୧୯।୯(ସମିସ): ବାଙ୍କୀ-ସୀମୋର ପୂର୍ତ୍ତ ବିଭାଗ ରାସ୍ତାର ଭୋଗଡ଼ା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବ ମନ୍ଦିର-ତୁଳସୀପୁର ମଧ୍ୟରେ କଂକ୍ରିଟ ରାସ୍ତାରେ ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଗତ ୯ ତାରିଖ "ସକାଳ"ରେ ଖବର ପ୍ରକାଶ ପରେ ତୁରନ୍ତ ଅସ୍ଥାୟୀ ଭାବେ ତାଳିପକା କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ରାସ୍ତାର ସମ୍ପୂର୍ଣ୍ଣ କାର୍ଯ୍ୟ ଠିକାଦାର କେବେ କରିବ ବୋଲି ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଫକୀର ଚରଣ ବେହେରାଙ୍କୁ ପଚାରିବାରୁ ବର୍ଷା ହେଉଥିବା ଯୋଗୁଁ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ ବୋଲି କହିଛନ୍ତି।

**ସମ୍ପୂର୍ଣ୍ଣ କାର୍ଯ୍ୟ ହେବ କେବେ?**

# ଧବଳମୁଖୀ ବେଶରେ ଦର୍ଶନ ଦେବେ ମା' ସମଲେଇ



ସମ୍ବଲପୁର, ୧୯।୯ (ସମିସ): ଆସନ୍ତା ୨୧ତାରିଖରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀଦେବୀ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ପାଇଁ ନୀତିନିର୍ଘଣ୍ଟ ଧାର୍ଯ୍ୟ ହୋଇଛି। ଧବଳମୁଖୀ ବେଶରେ ମା'ଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ଅର୍ଜନ କରିବା ସହ ଗଙ୍ଗା ଦର୍ଶନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପବିତ୍ର ମହାଳୟା ତିଥିରେ ମା'ଙ୍କ ଧବଳମୁଖୀ ବେଶ ଦର୍ଶନ ପାଇଁ ଟ୍ରଷ୍ଟବୋର୍ଡ ଓ ପୂଜକମାନଙ୍କର ମିଳିତ ନିଷ୍ପତ୍ତିକ୍ରମେ ଚଳିତବର୍ଷର ଦର୍ଶନ ସମୟ ନିର୍ଘଣ୍ଟ ହୋଇଛି। ୨୧ତାରିଖ ଭୋର୍ ସାଢ଼େ ୪ଟାରେ ମଙ୍ଗଳ ଆଳତି ହୋଇ ଭୋର୍ ୫ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ପୂର୍ବାହ୍ନ ୧୧ଟା ୪୫ ମିନିଟରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅନ୍ନଭୋଗ ଲାଗିବ ଓ ଦର୍ଶନ ବନ୍ଦ ରହିବ। ପରେ ସନ୍ଧ୍ୟା ମହାଆଳତି ପାଇଁ ଦର୍ଶନ ରାତି ୭ଟା ୪୫ ମିନିଟରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ବନ୍ଦ ରହିବ। ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଦର୍ଶନ କରିପାରିବେ ଏବଂ ପରେ ମା' ସମଲେଶ୍ୱରୀଙ୍କ ଦର୍ଶନ ବନ୍ଦ ଓ ପହଡ଼ ନୀତି ହେବ ବୋଲି ଶ୍ରୀଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇଛନ୍ତି। ମହାଳୟା, ୨୧ତାରିଖ ରବିବାରଠାରୁ ଆରମ୍ଭ କରି ୨୩ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ମା' ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେବେ।

**୨୧ ମହାଳୟାଠାରୁ ୨୩ ମଧ୍ୟାହ୍ନ ପର୍ଯ୍ୟନ୍ତ ଅଢ଼େଇ ଦିନ**

## ଦଶହରା ପାଇଁ ଚାଲିଛି ପରଭା ସଫେଇ



ଆସନ୍ତା ନବରାତ୍ର ସକାଶେ ମା' ସମଲେଶ୍ୱରୀ ପରଭା ଓ ଅଳଙ୍କାର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କ ସୂଚନା ଅନୁଯାୟୀ, ରୂପା ପରଭା ସଫେଇ ସରିଥିବା ବେଳେ ଆସନ୍ତାକାଲିଠାରୁ ମା'ଙ୍କ ଅଳଙ୍କାର ସଫେଇ ଆରମ୍ଭ ହେବ। ପ୍ରତିବର୍ଷ ଆଶ୍ୱିନ ନବରାତ୍ର ପୂର୍ବରୁ ମା' ଧାରଣ କରିଥିବା ଅଳଙ୍କାର, ପରଭା ଆଦି ସଫେଇ କରାଯାଇଥାଏ। ଏହାସହ ଦଶହରା ଉପଲକ୍ଷେ ମନ୍ଦିର ବାହାରପାର୍ଶ୍ୱ ମଧ୍ୟ ନୂତନ ରଙ୍ଗ କରାଯାଉଛି। ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା ଅବସରରେ ମା'ଙ୍କ ମନ୍ଦିରରେ ନୂତନ ଧ୍ୱଜାରୋହଣ ହେବ। ଉଲ୍ଲେଖଯୋଗ୍ୟ, ନୂଆଁଖାଇ ସମୟରେ ସମଲେଶ୍ୱରୀ ମନ୍ଦିରର ଦେବଦେବୀଙ୍କୁ ନୂତନ ରଙ୍ଗ ଚଢ଼ାଯାଇଥାଏ।

**ମିଳୁନି ଜିଏସ୍‌ବିୱାଇ ଚିକିତ୍ସା**

# ବାପ ଘରେ ସ୍ୱାସ୍ଥ୍ୟକାର୍ଡ, ଶାଶୂଘରେ ବୋହୂ

ଭୁବନେଶ୍ୱର, ୧୯।୯ (ସମିସ): ରାସନ କାର୍ଡ ହିତାଧିକାରୀଙ୍କୁ ଘରୋଇ ହସ୍ପିଟାଲରେ ମାଗଣା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିଏସ୍‌କେୱାଇ ମାଧ୍ୟମରେ ବିଜେଡି ସରକାର ଆରମ୍ଭ କରିଥିଲେ। ସେହି କାର୍ଡର ନାମ ପରିବର୍ତ୍ତନ କରି ବିଜେପି ସରକାର ତାକୁ ଆୟୁଷ୍ମାନ ସହ ଯୋଡ଼ି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା(ଜିଏସ୍‌ବିୱାଇ)ରେ ପରିଣତ କରିଦେଲେ। ମାତ୍ର ବିଏସ୍‌କେୱାଇରେ ଯେଉଁ ସୁବିଧା ସୁଯୋଗ ମିଳୁଥିଲା, ତାହା ଏବେ ଜିଏସ୍‌ବିୱାଇରେ ମିଳୁନି। ହେଲେ ଏବେ ବି ଯେତିକି ସୁବିଧା ମିଳୁଛି, ଅଧିକାଂଶ ଯୋଗ୍ୟ ହିତାଧିକାରୀ ତାହା ପାଇପାରୁନାହାନ୍ତି। ବିଶେଷକରି ନବବିବାହିତ ଝିଅମାନେ ଏହି ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବିବାହ ପରେ ସେମାନେ ବାପାଘର କାଡ଼ରରୁ ବାଦ ପଡୁଛନ୍ତି ସିନା, ମାତ୍ର ଶାଶୂଘର କାର୍ଡରେ ସେମାନଙ୍କ ନାମ ଯୋଡ଼ି ହୋଇପାରୁନାହାନ୍ତି। କିଛି ସ୍ଥାନରେ ବାପ ଘରେ ଝିଅର ନାଁ ଥିବାବେଳେ ସ୍ୱାସ୍ଥ୍ୟ ସମସ୍ୟା ହେଲେ ପାଖରେ କାର୍ଡ ନ ଥିବାରୁ କାର୍ଡ ନମ୍ବର, ଫିଙ୍ଗରପ୍ରିଣ୍ଟ ଆଦି ବିଭିନ୍ନ ଅସୁବିଧା ଯୋଗୁଁ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି।

ରାଜ୍ୟରେ ରାସନ କାର୍ଡଧାରୀ ପରିବାର ସଂଖ୍ୟା ୯୫ ଲକ୍ଷ ୮୫ ହଜାର ୭୬୬ । ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ପରିବାରର ସଦସ୍ୟ ଏହି କାର୍ଡରେ ଯୋଡ଼ି ହୋଇ ଯୋଜନାର ଲାଭ ଉଠାଉଛନ୍ତି। ଝିଅମାନେ ବିବାହ ପୂର୍ବରୁ କାର୍ଡରେ ଯୋଡ଼ି ହୋଇ ମୁଣ୍ଡ ପିଛା ୫ କେଜି ଚାଉଳ ସହ ବିଭିନ୍ନ ସୁବିଧା ସୁଯୋଗ ପାଇପାରୁଛନ୍ତି। ବାହାଘର ପରେ ସେମାନେ ବାପାଘର କାର୍ଡରୁ ନିଜ ନାମକୁ ବିଯୋଗ କରି ଶାଶୂଘର କାର୍ଡରେ ଯୋଡ଼ି ହେବାକୁ ଚାହୁଁଛନ୍ତି; କିନ୍ତୁ ବାପାଘର ଓ ଶାଶୂଘର ଭିନ୍ନ ବ୍ଲକ୍ ହୋଇଥିଲେ ନାଁ ଯୋଡ଼ିବାରେ ଅସୁବିଧା ହେଉଛି। ବ୍ଲକ୍‌ଗୁଡ଼ିକୁ ପୂର୍ବରୁ ଏସ୍‌ଏଫ୍‌ଏସ୍‌ଏସ୍ ଓ ଏନ୍‌ଏଫ୍‌ଏସ୍‌ଏସ୍‌ରେ ନିର୍ଦ୍ଦିଷ୍ଟ ଟାର୍ଗେଟ୍ ଦିଆଯାଉଛି। ତେଣୁ ଯେଉଁ ବ୍ଲକ୍‌ରେ ନୂତନ ଭାବେ ଯୋଡ଼ି ହେବାକୁ ଚାହୁଁଛନ୍ତି, ସେଠି ଟାର୍ଗେଟ୍ ପୂରଣ ହୋଇଯାଇଥିବାରୁ ଯୋଡ଼ି ହୋଇପାରୁନାହାନ୍ତି। କେବଳ ଝିଅମାନେ ନୁହନ୍ତି, ଛୋଟ ପିଲା ଜନ୍ମ ହେବା ପରେ ଆଧାରକାର୍ଡ ହେବା ପରେ ରାସନ କାର୍ଡରେ ଯୋଡ଼ି ହେବା ବେଳକୁ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍‌ଗୁଡ଼ିକରେ ଯଦି କୌଣସି ହିତାଧିକାରୀଙ୍କ ମୃତ୍ୟୁ ହେଉଛି, ତେବେ ତାଙ୍କ ପରିବର୍ତ୍ତେ ଆବେଦନକାରୀଙ୍କୁ ଗୁରୁତ୍ୱ ଦିଆଯାଉଛି। ତେଣୁ ଅଧିକାଂଶ ଝିଅମାନେ ଚାଉଳ ନ ପାଇବା ଯୋଗୁଁ ବାପାଘରୁ ନାଁ କାଟିବାକୁ ଚାହୁଁନାହାନ୍ତି। ତେଣୁ ସରକାରୀ ଚିକିତ୍ସା ସୁବିଧାର ଲାଭ ଉଠାଇ ପାରୁନାହାନ୍ତି।


ହିତାଧିକାରୀ ଚନ୍ଦ୍ରଶେଖର ବେହେରା କହିଛନ୍ତି ଯେ ମୋର କାର୍ଡ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଅଛି। ମୋ ସ୍ତ୍ରୀଙ୍କର ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍‌ରେ ନାଁ ରହିଛି। ଗୋଟିଏ ଜିଲ୍ଲା ଭିତରେ ହୋଇଥିଲେ ବି ଦୁଇଟି ବ୍ଲକ୍ ଓ ଟାର୍ଗେଟ୍ ନଥିବା କାରଣରୁ ପତ୍ନୀଙ୍କ ନାଁ ଯୋଡ଼ିବାରେ ମୋତେ ଅସୁବିଧା ହେଉଛି। ମୁଁ ନ ଜାଣିପାରି ସେଠୁ ନାଁ କାଟି ଦେଇଥିବାବେଳେ ଏବେ ଏଠି ଯୋଡ଼ିବାରେ ଅସୁବିଧା ହେଉଛି। ତେଣୁ ସରକାର ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଟାର୍ଗେଟ୍ ନ ଥିଲେ ଆମେ କିଛି କରିପାରିବୁ ନାହିଁ। ମୂଳରେ ଏଭଳି ସରକାରୀ ବ୍ୟବସ୍ଥା ହୋଇଛି। ତେଣୁ ଏଥିରେ ପରିବର୍ତ୍ତନ ପାଇଁ ଆମେ ପ୍ରସ୍ତାବ ଦେବୁ। ଆଗାମୀ ଦିନରେ ସରକାର ଯାହା ନିଷ୍ପତ୍ତି ନେବେ, ଆମେ ତାକୁ କାର୍ଯ୍ୟକାରୀ କରିବୁ ବୋଲି ସେ କହିଛନ୍ତି।

**■ ସବୁରି ମୂଳରେ ବ୍ଲକ୍‌ୱାରୀ ଟାର୍ଗେଟ୍**
**■ ଛୋଟ ପିଲା ବି ଯୋଡ଼ି ହୋଇପାରୁନାହାନ୍ତି**

**୨୧ରେ ଦିବଂଗତ ବିଧାୟକ ଢୋଲକିଆଙ୍କ ଦଶାହ**

# ନବୀନଙ୍କୁ ନିମନ୍ତ୍ରଣ କଲେ ପରିବାରଲୋକ

ନୂଆପଡ଼ା, ୧୯।୯(ସମିସ): ଆସନ୍ତା ୨୧ତାରିଖରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦଶାହ କାର୍ଯ୍ୟକ୍ରମ ତାଙ୍କର ଖରିଆରରୋଡ୍‌ସ୍ଥିତ ନିବାସରେ ଅନୁଷ୍ଠିତ ହେବ। ଏଥିପାଇଁ ସ୍ୱର୍ଗତ ଢୋଲକିଆଙ୍କ ଝିଆରୀ ଧ୍ୱନି ଓ ଝିଆରୀ ଜ୍ୱାଇଁ ମୋହିତ ଅଗ୍ରୱାଲ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି। ଉଭୟ ଦିଲ୍ଲୀଠାରେ ନବୀନଙ୍କୁ ତାଙ୍କ ପୈତୃକ ବାସଭବନରେ ଭେଟି ନିମନ୍ତ୍ରଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ବିଧାନସଭାର ୧୪୬ଜଣ ବିଧାୟକ, ପୂର୍ବତନ ମନ୍ତ୍ରୀ ଏବଂ ବିଧାୟକମାନଙ୍କୁ ମଧ୍ୟ ନିମନ୍ତ୍ରଣ ପତ୍ର ଦିଆଯାଇଥିବା ଢୋଲକିଆଙ୍କ ପୂର୍ବତନ ପିଏ ରାମଲାଲ ହଂସ ସୂଚନା ଦେଇଛନ୍ତି।



# ବାଳାଶ୍ରମରେ ନିଜ ହାତ କାଟି ନାବାଳିକା ଗୁରୁତର

ବ୍ରହ୍ମପୁର, ୧୯।୯(ସମିସ): ଗୋସାଇଁ ନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରେ ରହୁଥିବା ଜଣେ ନାବାଳିକା ନିଜ ହାତକୁ ବ୍ଲେଡ୍‌ରେ କାଟି ଗୁରୁତର ହୋଇ ପଡ଼ିଛନ୍ତି। ତାଙ୍କୁ ଗରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ଏହି ଘଟଣା ବଳାଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳାକୁ ପଦାରେ ପକାଇଥିବା ବେଳେ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ବାଳାଶ୍ରମରେ କିଛି ମାସ ହେବ ରହୁଥିବା ଜଣେ ୧୬ ବର୍ଷୀୟ ନାବାଳିକା କୌଣସି କାରଣକୁ ନେଇ ଏକ ବ୍ଲେଡ୍‌ରେ ନିଜ ହାତ କାଟି ଦେଇଥିଲେ। ତାଙ୍କ ହାତରୁ ପ୍ରଚୁର ରକ୍ତସ୍ରାବ ହେବା ପରେ ସେ ଗୁରୁତର ହୋଇପଡ଼ିଥିଲେ। ବାଳାଶ୍ରମର ଅନ୍ୟ ଅନ୍ତେବାସୀ ଏହା ଜାଣିବା ପରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ନାବାଳିକାଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେ କେଉଁ କାରଣରୁ ଏଭଳି ପଦକ୍ଷେପ ନେଲେ, ତାହା ସ୍ପଷ୍ଟ ହୋଇ ପାରିନାହିଁ। ଏମ୍‌କେସିଜିରେ ତାଙ୍କ ଚିକିତ୍ସା ଜାରି ରହିଛି।

ଏହି ଘଟଣା ସାମ୍ନାକୁ ଆସିବା ପରେ ଗଞ୍ଜାମ ଜିଲ୍ଲାପାଳ ଘଟଣାର ତଦନ୍ତ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିପରି, ଏନେଇ ଗୋସାଇଁନୂଆଗାଁରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

ପ୍ରକାଶଥାଉକି, ନିର୍ଯାତନା ଓ ବଳାତ୍କାରର ଶିକାର ହୋଇଥିବା ନାବାଳିକା ଓ ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ଉତ୍କଳ ବାଳାଶ୍ରମରେ ରଖାଯାଉଛି। ଏଠାରେ ପୀଡ଼ିତାଙ୍କୁ ଆଶ୍ରୟ ଦିଆଯାଉଥିବା ବେଳେ ସେମାନଙ୍କ ରହିବା ଓ ସ୍ୱାସ୍ଥ୍ୟ ସୁରକ୍ଷା ମଧ୍ୟ ସରକାରଙ୍କ ଦାୟିତ୍ୱ। ହେଲେ ବାଳାଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଆଜି ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

**ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ**

**■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା**

## ଶିକ୍ଷକ ଶଙ୍କର ଖୋସଲାଙ୍କୁ ଅନ୍ତରୀଣ ସୁରକ୍ଷା

କଟକ, ୧୯।୯(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଶିକ୍ଷକ ଶଙ୍କର ଖୋସଲାଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ମାମଲାକୁ ଚାଲେଞ୍ଜ କରି ଶ୍ରୀ ଖୋସଲାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ରାଜ୍ୟ ସରକାରଙ୍କୁ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ମାମଲାରେ ଆବେଦନକାରୀଙ୍କ ବିରୋଧରେ କୌଣସି କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ। ଆବେଦନକାରୀ ତଦନ୍ତରେ ସହଯୋଗ କରିବେ ଓ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ ବୋଲି ହାଇକୋର୍ଟ କହିଛନ୍ତି। ଅକ୍ଟୋବର ତୃତୀୟ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

**■ ଆଜି ଛତିଶା ନିଯୋଗ ବୈଠକ**

## କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ

ପୁରୀ,୧୯।୯(ସମିସ): ଶନିବାର ଅନୁଷ୍ଠିତ ହେବ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ। ଅପରାହ୍ଣ ସାଢ଼େ ୪ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ବୈଠକରେ ମୁଖ୍ୟ ପ୍ରଶାସକ ଅଧକ୍ଷତା କରିବେ। ଏଥିରେ ମୁଖ୍ୟତଃ କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ। ଯେହେତୁ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ସମେତ ଭକ୍ତମାନେ ଅଧିକ ସଂଖ୍ୟାରେ ଆସିବେ, ତେଣୁ ନୀତିକାନ୍ତି କିପରି ଠିକ୍ ଭାବେ ସମ୍ପନ୍ନ ହେବ ତା' ଉପରେ ଆଲୋଚନା କରାଯାଇ ନିର୍ଘଣ୍ଟ କରାଯିବ। ବ୍ରତଧାରୀମାନେ କିପରି ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିପାରିବେ, ମହାପ୍ରସାଦ ଠିକ୍ ସମୟରେ ବାହାରିବ, ସେନେଇ ମଧ୍ୟ ଆଲୋଚନା କରାଯାଇପାରେ। ଏତଦ୍‌ବ୍ୟତୀତ ରତ୍ନଅଳଙ୍କାର ସ୍ଥାନାନ୍ତର ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ମଧ୍ୟ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି।

## ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣଗର୍ଭା

ସମ୍ବଲପୁର, ୧୯।୯(ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ସମ୍ପ୍ରତି ହୀରାକୁଦ ଜଳସ୍ତର ସର୍ବୋଚ୍ଚ କ୍ଷମତା ପାଖାପାଖି ପହଞ୍ଚିଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୭୫ ଫୁଟ୍‌ରେ ପହଞ୍ଚିଛି। ନଦୀବନ୍ଧର ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଗେଟ୍ ଖୋଲା ରହିଛି। ତେବେ ସଂଧ୍ୟା ପରେ ଡାହାଣପାର୍ଶ୍ୱର ଆଉ ଗୋଟିଏ ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିବାରୁ ୫ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୨୭,୪୫୩ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୨,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲ-ୱେ ଦେଇ ୬୫,୬୭୨ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୬୧୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ୍, କେନାଲ ପାଇଁ ୪,୫୦୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ଗତ ୨୪ ଘଣ୍ଟା ମଧ୍ୟରେ ନଦୀବନ୍ଧର ଉପରମୁଣ୍ଡରେ ୧.୪୩ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୧୪ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

**■ ପାରିବାରିକ କଳହର କରୁଣ ପରିଣତି**

# ସ୍ତ୍ରୀର ମୁଣ୍ଡଗଣ୍ଡି ଅଲଗା କରିଦେଲା

ଜଳେଶ୍ୱର/ଜଳେଶ୍ୱରବ୍ଲକ୍, ୧୯।୯ (ସମିସ): ଶୋଇଥିବା ଅବସ୍ଥାରେ ପତ୍ନୀର ଗଣ୍ଡିମୁଣ୍ଡ ଅଲଗା କରିଦେଲା ସ୍ୱାମୀ। ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅଧୀନ କାଳିକ ପଞ୍ଚାୟତର ୨ନମ୍ବର ୱାର୍ଡର ଚକୁଆପାଳ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଜୟନ୍ତୀ ପାତ୍ର(୪୫)। ଜୟନ୍ତୀଙ୍କୁ ଗତରାତିରେ ହତ୍ୟା କରିବା ପରେ ଆଜି ସକାଳୁ ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରମୋହନ ପାତ୍ର ରାଇବଣିଆ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୮୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଚନ୍ଦ୍ରମୋହନଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ଜୟନ୍ତୀ ଓ ଚନ୍ଦ୍ରମୋହନଙ୍କ ମଧ୍ୟରେ ବିଭିନ୍ନ କଥାକୁ ନେଇ କଳହ ଲାଗି ରହୁଥିଲା। ଗତରାତିରେ ମଧ୍ୟ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାତିରେ ସମସ୍ତେ ଖାଇପିଇ ଶୋଇଥିଲେ। ଏହି ସମୟରେ ଚନ୍ଦ୍ରମୋହନ ଏକ ଧାରୁଆ ଅସ୍ତ୍ରରେ ଜୟନ୍ତୀଙ୍କ ମୁଣ୍ଡକୁ କାଟି ଦେଇଥିଲା। ଆଜି ସକାଳେ ଚନ୍ଦ୍ରମୋହନ ଥାନାରେ ଆତ୍ମସମର୍ପଣ କରିବା ପରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ରାଇବଣିଆ ଥାନା ଅଧିକାରୀଣୀ ଲୋପାମୁଦ୍ରା ପଣ୍ଡା ଓ ବାଲେଶ୍ୱରରୁ ୩ ଜଣିଆ ସାଇଣ୍ଟିଫିକ୍ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରିଥିଲେ।

# କେନାଲରୁ ମହିଳାଙ୍କ ଶବ ଜବତ

ଭେଡେନ/ଅତାବିରା, ୧୯।୯(ସମିସ): ରେଙ୍ଗାଲିକେମ୍ପ -ପଙ୍ଗା କେନାଲର ଖାଉପାଲି ବ୍ରିଜ୍ ନିକଟରୁ ଆଜି ଜଣେ ମହିଳାଙ୍କ ଶବ ଉଦ୍ଧାର ହୋଇଛି। ସକାଳେ ଭେଡେନ୍ ପୁଲିସର ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀ କେନାଲରୁ ଯୁବତୀଙ୍କ ମୃତଦେହକୁ ଉଦ୍ଧାର କରିଛନ୍ତି। ମୃତ ମହିଳାଜଣଙ୍କ ଛତିଶଗଡ଼ର ସାରଙ୍ଗଗଡ଼ ଜିଲ୍ଲା କେଡ଼ାର ଥାନା ଭାକୁଡା ଗ୍ରାମର ଦିବ୍ୟକାନ୍ତି କୁମ୍ଭାର(୪୦)। ସୂଚନାନୁଯାୟୀ, ୬ ମାସ ତଳେ ଦିବ୍ୟକାନ୍ତି ନିଜ ସ୍ୱାମୀ ଧନିରାମ କୁମ୍ଭାର ଓ ଅନ୍ୟ ପରିବାର ସଦସ୍ୟଙ୍କ ସହ ଅତାବିରାକୁ କାମ କରିବାକୁ ଆସିଥିଲେ। ରେଙ୍ଗାଲିକେମ୍ପରେ ରହି ଏକ କାରଖାନାରେ କାମ କରୁଥିଲେ। ଗୁରୁବାର ଅପରାହ୍‌ଣରେ ଦିବ୍ୟକାନ୍ତି କେନାଲକୁ ଗାଧୋଇବାକୁ ଯାଇ ନ ଫେରିବାରୁ ପରିବାରଲୋକେ ଅତାବିରା ଥାନାରେ ଆଭିଯୋଗ କରିଥିଲେ। ଅତାବିରା ପୁଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ରେଙ୍ଗାଲିକେମ୍ପରୁ ପତ୍ରାପାଲି ପର୍ଯ୍ୟନ୍ତ କେନାଲରେ ଖୋଜାଖୋଜି କରିଥିଲେ। ଶୁକ୍ରବାର ସକାଳୁ ଉକ୍ତ ମହିଳାଙ୍କ ଶବ ଖାଉପାଲି ବ୍ରିଜ ତଳେ ଭାସୁଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହକୁ କେନାଲ ପାଣିରୁ ଉଦ୍ଧାର କରିଥିବା ଜଣାପଡ଼ିଛି।

**ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ପ୍ରସଙ୍ଗ**

# ସରକାରୀ ପ୍ରସ୍ତାବ ନ ଥିବା ମନ୍ତ୍ରୀଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ: ରୋହିତ

ସମ୍ବଲପୁର, ୧୯।୯(ସମିସ): ଚଳିତ ବିଧାନସଭା ଅଧିବେଶନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଦ୍ୱିତୀୟଥର ପାଇଁ କହିଛନ୍ତି ଯେ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ତଥା ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ। ମନ୍ତ୍ରୀଙ୍କ ଏହି ବକ୍ତବ୍ୟକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ।

ଏକ ପ୍ରେସ୍ ବିବୃତିରେ ଶ୍ରୀ ପୂଜାରୀ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ଏବଂ ଅଷ୍ଟମ ଅନୁଚ୍ଛେଦରେ ସାମିଲ ନିମନ୍ତେ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବର୍ତ୍ତମାନ ଚିନ୍ତାର ବିଷୟ ହେଲା, ସେହି ପ୍ରସ୍ତାବ ଗଲା କୁଆଡ଼େ? ମୋହନ ସରକାର ବୁଝିବା ଦରକାର ଯେ ଏହି ଭାଷା କେବଳ ପଶ୍ଚିମ ଓଡ଼ିଶାର ଦୁଇ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ଭାଷା ନୁହେଁ, ବରଂ ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଅନେକାଞ୍ଚଳରେ ଏହି ଭାଷା ପ୍ରଚଳିତ। ଏହା ସତ୍ତ୍ୱେ ଯଦି ମୋହନ ସରକାରଙ୍କ ସମ୍ବଲପୁରୀ ଭାଷା ପ୍ରତି ଦରଦ ନାହିଁ, ତାହେଲେ ଏହାଠୁ ଦୁଃଖର ବିଷୟ କିଛି ନାହିଁ। ରାଜ୍ୟ ସରକାର ବୁଝିବା ଦରକାର ଯେ ସମ୍ବଲପୁରୀ ଖାଲି ଆମର ଭାଷା ନୁହେଁ, ଏହା ଆମର ଅସ୍ମିତା, ପରିଚୟ ଏବଂ ସମ୍ମାନ। ଯଦି ଆଗାମୀ ଦିନରେ ସରକାର ଏ ଦିଗରେ ସଜାଗ ନ ରୁହନ୍ତି, ତେବେ ଆମ ସ୍ୱାଭିମାନ, ଆମର ସମ୍ମାନ ଆମର ସମ୍ବଲପୁରୀ ଭାଷା ପାଇଁ ସବୁପ୍ରକାର ଲଢ଼େଇ ଲଢ଼ିବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

# ଚରିତ୍ର ସନ୍ଦେହରେ ସ୍ତ୍ରୀକୁ କଟୁରି ଚୋଟ

ଢେଙ୍କାନାଳ,୧୯।୯(ସମିସ): ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସଦର ଥାନା ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମରେ ବର୍ବର କାଣ୍ଡ ଘଟିଛି। ଗ୍ରାମର ମାନସ ଦାସଙ୍କ କଟୁରି ଚୋଟରେ ତାଙ୍କ ସ୍ତ୍ରୀ ସନ୍ତୋଷୀ ପାତ୍ରଙ୍କ ସମେତ ୧୧ବର୍ଷୀୟ ଝିଅ ଓ ଶ୍ୱଶୁର ସରୋଜ ଚନ୍ଦ୍ର ପାତ୍ର ଗୁରୁତର ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଖୋଦ୍ ମାନସ ମଧ୍ୟ ଆହତ ହୋଇଛନ୍ତି। ଏହି କାଣ୍ଡ ଭିଆଇବା ପରେ ମାନସ ନିଜ ଘରେ ନିଆଁ ମଧ୍ୟ ଲଗାଇ ଦେଇଥିବା ଜଣାପଡ଼ିଛି। ପରିବାରଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ମିଳିଥିବା ସୂଚନାନୁଯାୟୀ, ସନ୍ତୋଷୀ ଇନ୍‌ଷ୍ଟାଗ୍ରାମରେ ରିଲ୍ସ କରୁଥିବାରୁ ମାନସ ସବୁବେଳେ ତାଙ୍କ ଚରିତ୍ରକୁ ସନ୍ଦେହ କରିଆସୁଥିଲେ। ବୁଧବାର ରାତିରେ ଏ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମାନସ ଉତକ୍ଷିପ୍ତ ହୋଇ ଏକ କଟୁରିରେ ସନ୍ତୋଷୀଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ମାନସଙ୍କ ଝିଅ ଏବଂ ଶଶୁର ସରୋଜ ମାନସଙ୍କୁ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିବାରୁ ପଛାଇ ନ ଥିଲା।

**■ ଝିଅ, ଶ୍ୱଶୁରଙ୍କୁ ବି ଛାଡ଼ିଲାନି**
**■ ଘରେ ନିଆଁ ଲଗାଇଦେଲା**

**୧୪୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି କମିଟି ବୈଠକ**

# ୨୫ଟି ପ୍ରକଳ୍ପକୁ ମଞ୍ଜୁରୀ, ୪,୭୩୯ ଟଙ୍କା ହେବ ନିବେଶ

ଭୁବନେଶ୍ୱର, ୧୯।୯ (ସମିସ): ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲଡବ୍ଲୁସିଏ)ର ୧୪୦ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୪,୭୩୯ କୋଟି ଟଙ୍କାର ମୋଟ ୨୫ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଖୋର୍ଦ୍ଧା, ଯାଜପୁର, କଟକ, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ ଓ ଗଜପତି ଜିଲ୍ଲାରେ ୨୫,୨୦୦ଟି ନୂତନ ନିଯୁକ୍ତି ସୃଷ୍ଟି ହେବ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ବୟନଶିଳ୍ପ, ଇସ୍ପାତ, ରସାୟନ, ସୂଚନା ପ୍ରଯୁକ୍ତି, ଭିତ୍ତିଭୂମି, ଲଜିଷ୍ଟିକ୍ସ, ନବୀକରଣଯୋଗ୍ୟ ଶକ୍ତି, ପର୍ଯ୍ୟଟନ, ଧାତୁ ଉପରେ ନିର୍ଭରଶୀଳ ଶିଳ୍ପ, ସର୍କୁଲାର ଇକୋନୋମି, ଶୀତଳଭଣ୍ଡାର ଓ ଉତ୍ପାଦନ ସାମଗ୍ରୀ ଆଦି ମୋଟ ୧୩ଟି ମୁଖ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି।

ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସୂଚନା ପ୍ରଯୁକ୍ତି ତଥା ଆଇଟି ସକ୍ଷମ ସେବା କ୍ଷେତ୍ରରେ ଲିନ୍‌ଡେ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ପରିବହନ ଏବଂ ଦୂରରୁ ପରିଚାଳନା(ରିମୋଟ ଅପରେସନ) ପାଇଁ ଏକ ବୈଶ୍ୱିକ କୌଶଳ କେନ୍ଦ୍ର ସ୍ଥାପନ କରିବ। ଏଥିପାଇଁ ୮୨କୋଟି ଟଙ୍କା ନିବେଶ ହେବା ସହିତ ୨୧୦ ନିଯୁକ୍ତି ସୃଷ୍ଟି ହେବ। ଏହି କମ୍ପାନୀ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଯାଜପୁରରେ ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପାଇଁ ପାଇପଲାଇନ୍ କ୍ଲଷ୍ଟର ପ୍ରକଳ୍ପ ସ୍ଥାପନ କରିବ। ଏଥିପାଇଁ ୧୦୫.୭୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରୁ ୩୫ଟି ନିଯୁକ୍ତି ସୃଷ୍ଟି ହେବ। ବସ୍ତ୍ର, ପୋଷାକ ଓ ପ୍ରାଯୁକ୍ତିକ ବସ୍ତ୍ର କ୍ଷେତ୍ରରେ କଲରଟୋନ୍ ଟେକ୍ସଟାଇଲ୍ସ ପ୍ରା. ଲି. ଖୋର୍ଦ୍ଧାରେ ୭୦୦.୨୯ କୋଟି ଟଙ୍କା ନିବେଶ କରି ସମନ୍ୱିତ ବସ୍ତ୍ର କେନ୍ଦ୍ର ସୁବିଧା ସ୍ଥାପନ କରିବ, ଯାହାଦ୍ୱାରା ୧,୦୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟେକ୍ନୋ ଆକ୍ଟିଭ୍‌ୱେୟାର୍ ପ୍ରା.ଲି. କଟକରେ କ୍ରୀଡ଼ା ପୋଷାକ ଫେବ୍ରିକ୍ ଓ ପୋଷାକ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କେନ୍ଦୁଝର ଓ ସମ୍ବଲପୁରରେ ପୋଷାକ ୟୁନିଟ୍ ପାଇଁ ପ୍ରତ୍ୟେକରେ ୧୦୦ କୋଟି ଟଙ୍କା ନିବେଶ କରିବା ସହ ପ୍ରତ୍ୟେକରେ ୧,୨୦୦ କରି ମୋଟ ୨,୪୦୦ ନିଯୁକ୍ତି ସୃଷ୍ଟି କରିବ। ଆହୁରି ମଧ୍ୟ, ପର୍ଯ୍ୟଟନ କ୍ଷେତ୍ରରେ ଏସ୍‌ୱାଇସିଇ ଇଣ୍ଡିଆ (ଓପିସି) ପ୍ରା.ଲି. ସମ୍ବଲପୁରରେ ୫-ତାରକା ବିଶିଷ୍ଟ ଆଡ଼ମ୍ବରପୂର୍ଣ୍ଣ ରିସର୍ଟ ପାଇଁ ୧୦୭.୪୨ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯାନ୍ତ୍ରିକ ଓ ବୈଦ୍ୟୁତିକ ଉପକରଣ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ରାହୀ ଟ୍ରାକ୍ ଟେକ୍ନୋଲୋଜିଜ୍ ପ୍ରା. ଲି. ଖୋର୍ଦ୍ଧାରେ ଭାରୀ ଇସ୍ପାତ କାଷ୍ଟିଂ ବ୍ୟବସ୍ଥା ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରିବ ଓ ଏହାଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ମିଳିବ। ଇସ୍ପାତ କ୍ଷେତ୍ରରେ କୋଣାର୍କ ଇସ୍ପାତ ଲିମିଟେଡ୍ ଝାରସୁଗୁଡ଼ାରେ ରୋଲିଂ ମିଲ୍, ପେଲେଟ୍ ପ୍ଲାଣ୍ଟ, ଡି.ଆର୍.ଆଇ., ବିଲେଟ୍ ପ୍ଲାଣ୍ଟ ଓ ସି.ପି.ପି. ସହିତ କାରଖାନା ବିସ୍ତାର ପାଇଁ ୯୯୦ କୋଟି ଟଙ୍କା ନିବେଶ କରି ୨,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ରସାୟନ କ୍ଷେତ୍ରରେ ସିରିଅସ୍ ସ୍ପେସିଆଲିଟି କେମିକାଲ୍ସ ପ୍ରା.ଲି. ଦ୍ୱାରା ଯାଜପୁରରେ କାର୍ବନ ଇଲେକ୍‌ଟ୍ରୋଡ୍ ପେଷ୍ଟ ଉତ୍ପାଦନ କାରଖାନା ପାଇଁ ୨୦୫.୪୪ କୋଟି ଟଙ୍କା ନିବେଶ ଫଳରେ ୬୦୦ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି।

**୨୫,୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ**

**ଘର ଭିତରେ ପଶିଗଲା ଟ୍ରକ୍**

# ଡ୍ରାଇଭର ମୃତ, ଘର ମାଲିକ ଆହତ

ଭଞ୍ଜନଗର, ୧୯।୯(ସମିସ): ଭଞ୍ଜନଗର-ବ୍ରହ୍ମପୁର ମୁଖ୍ୟ ରାସ୍ତାର କଇଣ୍ଡି ଗ୍ରାମରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଟ୍ରକ୍ ଚାଳକଙ୍କ ନାମ ଜଣାପଡ଼ି ନଥିବା ବେଳେ ତାଙ୍କ ଘର ରାଜସ୍ଥାନରେ ବୋଲି ପୁଲିସ କହିଛି। ସେହିପରି ଏହି ଦୁର୍ଘଟଣାରେ ପୂର୍ବତନ ଭଞ୍ଜନଗର ବ୍ଲକ୍ କଂଗ୍ରେସ ସଭାପତି ବିଜୟ କୁମାର ବେହେରା ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଛି।



ସୂଚନାନୁଯାୟୀ, ଗୁରୁବାର ରାତିରେ ରାଜସ୍ଥାନର ଏକ ଟ୍ରକ୍ ବ୍ରହ୍ମପୁରରୁ ରଦି କାଗଜ ଧରି ରାଜସ୍ଥାନ ଅଭିମୁଖେ ଯାଉଥିଲା। ବାଟରେ କଇଣ୍ଡି ଗ୍ରାମର ଗୋଲେଇରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ବିଜୟଙ୍କ ଘର ଭିତରକୁ ପଶିଯାଇଥିଲା। ଫଳରେ ଘରେ ଏକୁଟିଆ ଶୋଇଥିବା ବିଜୟ ଆହତ ହୋଇଥିଲେ। ତାଙ୍କ ଘର ମଧ୍ୟ ଭାଙ୍ଗିଯାଇଥିଲା। ଭଞ୍ଜନଗର ଦମକଳ ବାହିନୀ ଏବଂ ଥାନା ଅଧିକାରୀ ଜୀବନାନନ୍ଦ ଜେନା ପହଞ୍ଚିବା ବେଳକୁ ଟ୍ରକ୍ ଭିତରେ ଚାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ ଚାଳକଙ୍କୁ ଅଗ୍ନିଶମବାହିନୀ ଗାଡ଼ିରୁ ଉଦ୍ଧାର କରିବା ପରେ ପୁଲିସ୍ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶନିବାର ରାଜସ୍ଥାନରୁ ଗାଡ଼ି ମାଲିକ ଏବଂ ମୃତ ଚାଳକଙ୍କ ପରିବାରଲୋକେ ଭଞ୍ଜନଗରରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ଅପରପକ୍ଷେ, ଦୁର୍ଘଟଣା ପରେ ଟ୍ରକ୍‌ର ହେଲପର୍ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଉକ୍ତ ରାସ୍ତାଟି ଖାଲଢିପ ଥିବା ଯୋଗୁଁ ବର୍ଷକରେ ଏକାଧିକ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୮୭୮ - ସାପ୍ତାହିକ ଖବରକାଗଜ ଭାବେ 'ଦ ହିନ୍ଦୁ'ର ପ୍ରଥମ ପ୍ରକାଶନ।
- ୧୯୪୬- ପ୍ରଥମ କାନ୍ସ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ।
- ୧୯୮୩- ଆପଲ୍ ଉପଗ୍ରହ କାର୍ଯ୍ୟକରିବା ବନ୍ଦ କରିଦେଲା।
- ୨୦୦୦- କ୍ଲିଣ୍ଟନ୍ ଦମ୍ପତିଙ୍କୁ 'ହ୍ୱାଇଟ୍ ୱାଟର୍ କାଣ୍ଡ'ରୁ ମୁକ୍ତ କରାଗଲା।
- ୨୦୧୧- ପାକିସ୍ତାନର ଲାହୋର ଉଚ୍ଚ ଅଦାଲତ ଫେସ୍‌ବୁକ୍ ଉପରେ ରୋକ୍ ଲଗାଇଲେ।




### ଭିନ୍ନ ଜଣେ ବ୍ୟକ୍ତି

# ଛଅ ଥର ମରି ବି ଜୀବିତ

ଜୀବନ ଓ ମୃତ୍ୟୁ ଚିରନ୍ତନ ସତ୍ୟ। ପୃଥିବୀରେ ଯିଏ ଜନ୍ମ ନିଏ ତା'ର ମୃତ୍ୟୁ ନିଶ୍ଚିତ। ଅବଶ୍ୟ ମୃତ୍ୟୁ ପରେ କ'ଣ ହୁଏ ତାହା କେହି ଜାଣନ୍ତି ନାହିଁ। ଏପରି ଅନେକ ଘଟଣା ସାମ୍ନାକୁ ଆସିଛି ଯେଉଁଥିରେ କିଛି ଜଣ ମୃତ୍ୟୁର ଅଳ୍ପ ସମୟ ମଧ୍ୟରେ ଜୀବନ୍ତ ଫେରି ଆସି ସେମାନେ ମୃତ୍ୟୁ ପରର ଦୁନିଆକୁ ଦେଖିଥିବା କୁହନ୍ତି। ଏହି କ୍ରମରେ ତାଞ୍ଜାନିଆର ୪୦ ବର୍ଷୀୟ ଇସ୍ମାଇଲ ଅଜିଜିଙ୍କ ଘଟଣା ପୂରାପୂରି ଅଲଗା। ଛଅ ଛଅ ଥର ତାଙ୍କୁ ମୃତ ଘୋଷଣା କରାଯିବା ପରେ ସେ ବେଶ୍ ଆଶ୍ଚର୍ଯ୍ୟଜନକ ଭାବେ ଜୀବିତ ହୋଇଯାଇଛନ୍ତି। ପ୍ରଥମ ଥର ସେ ତାଙ୍କ ଅଫିସ୍‌ରେ କାମ କରୁଥିବା ସମୟରେ ଏକ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ହସ୍‌ପିଟାଲ ନିଆଯିବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଇସ୍ମାଇଲଙ୍କ ମୃତ ଶରୀର ନେଇ ତାଙ୍କ ପରିବାର ଲୋକେ ଅନ୍ତିମ ସଂସ୍କାର ପାଇଁ ପହଞ୍ଚିଥିଲେ। ଏହି ସମୟରେ ସେ କଫିନ୍‌ରୁ ଉଠି ପଡ଼ିଥିଲେ। ଇସ୍ମାଇଲ୍‌ଙ୍କ ସହ ଜୀବନ ମୃତ୍ୟୁର ଖେଳ ପାଖାପାଖି ଛଅ ଥର ଘଟିଛି। ଏକଦା ସେ ଦୁର୍ଘଟଣାରେ କୋମାକୁ ଚାଲି ଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଣି ଥରେ ସେ ଜୀବିତ ହୋଇ ଯାଇଥିଲେ। ସବୁଠୁ ଆଶ୍ଚର୍ଯ୍ୟକର ଘଟଣା ଥିଲା, ଇସ୍ମାଇଲଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ବାରମ୍ବାର ଜୀବିତ ହୋଇ ଯାଉଥିବାରୁ ତାଙ୍କ ପରିବାର ଲୋକେ ତାଙ୍କୁ କଫିନ୍‌ରେ ତିନିଦିନ ରଖିଥିଲେ। ସମସ୍ତଙ୍କୁ ଚକିତ କରି ପୁଣି ଥରେ ସେ ଜୀବିତ ହୋଇ ଯାଇଥିଲେ। ତେବେ ମୃତ୍ୟୁ ପରେ ବାରମ୍ବାର ସେ ଜୀବିତ ହୋଇ ଯାଉଥିବାରୁ ଇସ୍ମାଇଲଙ୍କ ପଡ଼ୋଶୀ ତାଙ୍କୁ ଭୂତପ୍ରେତ ମନେକଲେ। ଏପରିକି ରାଗିଯାଇ ଦିନେ ଇସ୍ମାଇଲଙ୍କ ଘର ଜାଳିଦେଲେ। ଆଶ୍ଚର୍ଯ୍ୟର କଥା ଏଥର ବି ଇସ୍ମାଇଲ ଜୀବିତ ରହିଗଲେ। ଏସବୁ ଘଟଣା ପରେ ଇସ୍ମାଇଲ ଏବେ ଏକୁଟିଆ ହୋଇ ଯାଇଛନ୍ତି। କାରଣ ସେ ଗୁଣି ଗାରେଡ଼ି କରୁଛନ୍ତି ନଚେତ୍ ତାଙ୍କ ଶରୀରରେ ଭୂତପ୍ରେତ ଥିବା ତାଙ୍କ ପରିବାର ଲୋକେ ଓ ପଡ଼ୋଶୀମାନେ ଭାବୁଛନ୍ତି। ତେଣୁ ଏବେ ଇସ୍ମାଇଲ ଘର ଛାଡ଼ି ଏକ ଶୂନଶାନ୍ ସ୍ଥାନରେ ଜୀବନ ବିତାଉଛନ୍ତି।

# 'ଦାଦା ସାହେବ ଫାଲ୍‌କେ' କାହାଣୀରେ ପରିବର୍ତ୍ତନ ଚାହୁଁଛନ୍ତି ଅମିର୍



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅମିର୍ ଖାନ୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମ ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏବେ ଏହାର କାହାଣୀ ତାଙ୍କୁ ପସନ୍ଦ ଆସି ନ ଥିବା ଚର୍ଚ୍ଚା ହେଉଛି। ନିକଟରେ ଅମିର୍ ରାଜକୁମାର ହିରାନୀ ଓ ଅଭିଜିତ୍ ଯୋଶୀଙ୍କ ଠାରୁ ଏହାର କାହାଣୀ ଶୁଣିଥିଲେ। ତେବେ ଥିଏଟର୍‌କୁ ଦର୍ଶକଙ୍କୁ ଟାଣିବା ଭଳି ଏହାର କାହାଣୀ ନୁହେଁ ବୋଲି ସେ ଅନୁଭବ କରିଥିଲେ। ରାଜକୁମାରଙ୍କ ଅନ୍ୟ ଫିଲ୍ମ ଭଳି ଏଥିରେ କମେଡି ଓ ଇମୋସନ୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ଅମିର୍ ପୂର୍ବରୁ ଭାବୁଥିଲେ। ହେଲେ ଏଥିରେ ସେମିତି କିଛି ନ ଦେଖି ସେ ରାଜକୁମାରଙ୍କୁ ପୁଣିଥରେ ଏହାର କାହାଣୀ ଲେଖିବା ପାଇଁ କହିଛନ୍ତି। ଏହାର ସୁଟିଂ ଅକ୍ଟୋବରରୁ ଆରମ୍ଭ ହେବାର ଥିଲା। ଯଦି ଏହାର କାହାଣୀର ପରିବର୍ତ୍ତନ କରାଯାଏ ଏହାର ସୁଟିଂ ଆହୁରି ଘୁଞ୍ଚିଯିବ। ଅମିରଙ୍କ ଏହି ନିଷ୍ପତ୍ତିରେ ଏବେ ରାଜ୍‌କୁମାର ଓ ଅଭିଜିତ୍ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି। ଏଠାରେ ପ୍ରକାଶ ଥାଉ କି, ଅମିର୍ ଏହାପୂର୍ବରୁ ରାଜକୁମାରଙ୍କ ସହ 'ଥ୍ରି ଇଡିଅଟସ୍' ଓ 'ପିକେ' ଫିଲ୍ମରେ କାମ କରିଥିଲେ।

# ଘୋଡ଼ାରେ ଯାଆନ୍ତି ସ୍କୁଲ

ସ୍କୁଲ ବସ୍, ରିକ୍ସା, ସାଇକଲ ଆଦିରେ ପିଲାମାନେ ସ୍କୁଲ ଯିବା କଥା ସମସ୍ତେ ଜାଣନ୍ତି। ହେଲେ ଆସାମର ଜଣେ ତୃତୀୟ ଶ୍ରେଣୀର ଛାତ୍ର ନିତିଦିନ ଘୋଡ଼ା ଚଢ଼ି ସ୍କୁଲ ଯାଆନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ବାରବାକରା ଗାଁର ଯୁବରାଜ ରାଭା ସାଉଥ୍ ପନଟନ୍ ଟ୍ରାଇବାଲ ମିଡିଲ ଇଂଲିଶ ସ୍କୁଲରେ ପାଠ ପଢ଼ନ୍ତି। ସ୍କୁଲଟି ଆସାମ-ମେଘାଳୟ ସୀମାରେ ଅବସ୍ଥିତ। ଏଥିପାଇଁ ଯୁବରାଜଙ୍କୁ ପାହାଡ଼ିଆ ଅଞ୍ଚଳ ଦେଇ ପାଖାପାଖି ଚାରି କିଲୋମିଟର ଯିବାକୁ ହୋଇଥାଏ। ସ୍କୁଲ ଯିବା ପାଇଁ ଯାନବାହନ ବ୍ୟବସ୍ଥା ନ ଥିବାରୁ ସେ ସ୍କୁଲକୁ ନିତିଦିନ ଘୋଡ଼ା ଚଢ଼ି ଯାଇଥାନ୍ତି। ତାଙ୍କ ଘୋଡ଼ାର ନାମ 'ପକ୍ଷୀରାଜ'। ଯୁବରାଜ ଘୋଡ଼ାରେ ନିତିଦିନ ପାହାଡ଼ ପର୍ବତ ଦେଇ ସ୍କୁଲ ଯାଉଥିଲେ ବି କୌଣସି ଦିନ ସେ ପାଠପଢ଼ାରୁ ବିରତ ହୁଅନ୍ତିନି। ଗତବର୍ଷ ଯୁବରାଜ ସ୍କୁଲ ଯିବା ପାଇଁ ତାଙ୍କ ବାପା ଏହି ଘୋଡ଼ାଟିକୁ ଆଣିଥିଲେ। ସେ ସ୍କୁଲରୁ ଫେରିବା ପରେ ନିଜେ ଘୋଡ଼ାଟିକୁ ଚାରା ଦିଅନ୍ତି। ପ୍ରଥମେ ପ୍ରଥମେ ଯୁବରାଜ ଘୋଡ଼ାରେ ଆସୁଥିବାରୁ କୁନି ପିଲାଟିର ସୁରକ୍ଷାକୁ ନେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଚିନ୍ତିତ ଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଏଭଳି କରି ଗ୍ରାମାଞ୍ଚଳ ପିଲାମାନଙ୍କ ସଂଘର୍ଷ ଏବଂ ଉନ୍ନତ ଭିତ୍ତିଭୂମିର ଆବଶ୍ୟକତାକୁ ଲୋକଲୋଚନକୁ ଆଣିପାରିଛନ୍ତି ବୋଲି ଶିକ୍ଷକଶିକ୍ଷୟିତ୍ରୀମାନେ କହିଛନ୍ତି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



# ମୁନା ପରି ସବୁ ହୁଅ



ନିରାକାର ଚଇନି

ସକାଳୁ ସକାଳୁ ମୁହଁ ହାତ ଧୋଇ
ସାରି ପାଇଖାନା କାମ
ପାଣି ମୁନ୍ଦେ ପିଇ ଖୋଲା ପଡ଼ିଆକୁ
ଧାଇଁଯାଏ ମୁନା ଆମ।
ନାନା ପରକାର ବ୍ୟାୟାମ କରେ ସେ
ଶୋଇ ବସି ହୋଇ ଠିଆ
ଦଉଡ଼ା ଦଉଡ଼ି କରେ ବେଳେବେଳେ
ବେଳେବେଳେ ମାରେ ଡିଆଁ।
ଘରକୁ ଫେରିଲେ ଦାନ୍ତ ଘଷିସାରି
ଜଳଖିଆ ଦି'ଟା ଖାଇ
ବହି ଖାତା ଧରି ପାଠ ବଢ଼ି ବସେ
ପଢ଼ା ଘରକୁ ତା' ଯାଇ।
ଖାଲି ପଢ଼ା ନୁହେଁ ଖେଳା ଖେଳିରେ ବି
ଅଟେ ବୋଲି ଧୂରନ୍ଧର
ଗୁରୁଜୀ ଗୁରୁମା' ସାଥି ପିଲାମାନେ
କରନ୍ତି ଭାରି ଆଦର।
ଆଇଁଷ ଠୁ ବେଶୀ ସବୁଜ ପରିବା
ଖାଇବାକୁ ପାଏ ଭଲ
ଦିନଟିଏ କେବେ ରୋଗ ମୁଖେ ପଡ଼ି
ହୋଇନାହିଁ କଲବଲ।
ସଭିଏଁ କହନ୍ତି ପିଲାମାନେ ତୁମେ
ମୁନା ପରି ସବୁ ହୁଅ
ଦେଖିବ, ତୁମରି ବାପା ମା' ଓଠରୁ
ଛୁଟିବ ହସର ସୁଅ। ■

ସୁବୁଦ୍ଧିସାହି, ତେଲକୋଇ, କେନ୍ଦୁଝର
ମୋ-୮୨୪୯୩୮୭୯୭୩

## ସୁମନ



# ଭୁଲ୍‌କୁ ଲୁଚାଅ ନାହିଁ



ଦେବେନ୍ଦ୍ର କର

ଅନିତ୍ ପାଠରେ ଯେମିତି ସାଠରେ ବି ସେମିତି। ପାଖ ସ୍କୁଲରେ ସେ ପଞ୍ଚମ ଶ୍ରେଣୀରେ ପଢ଼େ। ସ୍କୁଲରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ମଧ୍ୟ ହୁଏ। ସବୁ ଭଲ ଗୁଣ ଭିତରେ ତା'ର ଗୋଟିଏ ଖରାପ ଗୁଣ ଥିଲା, ଭୁଲ୍ କଲେ ଘରେ କାହାରିକି କିଛି କୁହେନି। ବାପା ତାକୁ ସବୁବେଳେ ବୁଝାନ୍ତି ଆରେ ମଣିଷ ମାତ୍ରେକେ ଭୁଲ୍। ଭୁଲ୍‌କୁ ସଂଶୋଧନ କରି ଆଗକୁ ବଢ଼ିବା ହିଁ ଜୀବନ। ଭୁଲ୍‌କୁ ଲୁଚାଇଲେ ଆଉ ଗୋଟେ ଭୁଲ ନିଶ୍ଚିତ ହେବ। ସେଦିନ ସଂଧ୍ୟାରେ ଅନିତ୍ ଟେବୁଲ୍ ଉପରୁ ପାଣି ବୋତଲ ନେଲାବେଳେ ହଠାତ୍ ତା' ହାତ ବାଜି ପାଣି ଢାଳି ହୋଇଗଲା। ଗୋଟେ କଡ଼କୁ ବାପାଙ୍କ ମୋବାଇଲ୍ ଥୁଆ ହେଇଥିଲା। ସେ ଚଟାପଟ୍ ଟେବୁଲ ଉପର ଆଉ ମୋବାଇଲକୁ ପୋଛାପୋଛି କରି ରଖିଦେଲା। ଆଉ କାହାକୁ କିଛି ନ କହି ତା' ପଢ଼ା ଟେବୁଲ୍ ପାଖରେ ଆସି ଚୁପକି ବସି ପଡ଼ିଲା। ଟିକେ ସମୟ ପରେ ବାପା ତାଙ୍କ ମୋବାଇଲ ଦେଖିଲେ। ପାଣି କିଏ ଢାଳିଥିଲ କି? ମୋ ମୋବାଇଲ ପଛପଟ କେମିତି ଓଦା ହେଲା? ଘରେ ସମସ୍ତଙ୍କୁ ପଚାରିଲେ ହେଲେ ସମସ୍ତେ ମନା କଲେ। ଶେଷରେ ଅନିତ୍ ମାନିଲା ଯେ, ତା' ହାତ ବାଜି ପାଣି ଢାଳି ହୋଇଛି । ବାପା ମୋବାଇଲ କଭର କାଢ଼ି ଦେଖିଲେ ସବୁ ଠିକ୍ ଥାଏ। ବାପା କହିଲେ, ଆରେ ଅନିତ୍ ପାଣି ଲାଗିଲେ ମୋବାଇଲ୍ ଖରାପ ହେଇଯିବ। ତୁ ମତେ ସଙ୍ଗେସଙ୍ଗେ କହିଥାନ୍ତୁ ନା। ଅନିତ୍ କହିଲା, ଅଜାଣତରେ ମୋ' ହାତ ବାଜି ପାଣି ଢାଳି ହୋଇଗଲା। ମୁଁ ଶୁଖିଲା କପଡ଼ାରେ ପୋଛି ଦେଇଥିଲି। ବାପା କହିଲେ ହେଲା ଯେ, ତୁ ଭୁଲ୍‌କୁ ନ ଲୁଚେଇ କହିଦବୁ। ନ ହେଲେ ବଡ଼ ଅସୁବିଧା ହେଇଯିବ। ଅନିତ୍ ଆଜ୍ଞା ବାପା କହି କଥା ଦେଲା ହେଲେ ଭୁଲକୁ ଲୁଚେଇବା ତା'ର ପୁରୁଣା ଅଭ୍ୟାସ। ପୂର୍ବପରି ଯେବେ କିଛି ଭୁଲ୍ କରି ବସେ କାହାକୁ କିଛି ଜଣାଏ ନାହିଁ। ଅନିତ୍ ସ୍କୁଲ ଜୋତା ପୁରୁଣା ହେଇ ଛିଣ୍ଡିଗଲା। ବାପାଙ୍କ ସହିତ ବଜାର ଯାଇ ସେଦିନ ସନ୍ଧ୍ୟାରେ ନୂଆ ଜୋତା କିଣିଆଣିଲା। ତହିଁଆର ଦିନ ସେ ଖୁସି ମନରେ ନୂଆ ଜୋତା ପିନ୍ଧି ସ୍କୁଲ୍ ଗଲା। ହେଲେ ସେ ଜୋତାଟା ଟିକେ ଟାଇଟ୍ ହେଉଥିଲା। ସେ ଲାଗି ତା' ପାଦରେ ଫୋଟକା ହେଇଗଲା। ଘରେ କାଳେ ରାଗିବେ ସେ ଡରିକି ଆଉ କାହାରିକି କିଛି କହିଲା ନାହିଁ। ସେଇ ଫୋଟକାରେ ଟାଇଟ୍ ଜୋତାକୁ ତାପର ଦିନ ବି ପିନ୍ଧି ସ୍କୁଲ ବାହାରି ପଡ଼ିଲା। ଦ୍ୱିତୀୟ ଦିନ ଗୋଡ଼ ଅବସ୍ଥା ସାଙ୍ଘାତିକ ହେଇଗଲା। ଘରେ ଆସି ଛୋଟେଇ ଛୋଟେଇ ଚାଲିବାରୁ ସମସ୍ତେ ଜାଣିଗଲେ । ବାପା କହିଲେ, ନୂଆ ଜୋତା ଜଦି ଟାଇଟ୍ ହେଉଚି ନୂଆ ବେଳେ ହିଁ ଦୋକାନୀ ଫେରାଇବ ପୁରୁଣା ହେଇଗଲେ ଆଉ କ'ଣ ସେ ନେବ। ଆଉ ଗୋଡ଼ରେ ଯୋଉ କଷ୍ଟ ପାଉଛୁ ତୋ ଭୁଲ୍ ଲାଗି। ସବୁ କଥା ଲୁଚାଉଛୁ କାହିଁକି। ଆଜି ଭଲ ଅଛି ମନ୍ଦ ଅଛି। ବାପା ସଙ୍ଗେ ସଙ୍ଗେ ଔଷଧ ଆଣି ପାଦରେ ମାରିଦେଲେ ଆଉ ଟାଇଟ୍ ଜୋତାକୁ ବଦଳାଇ ତା ପାଇଁ ନୂଆ ଜୋତା ନେଇଆସିଲେ। ଅନିତ୍ ନିଜ ଭୁଲ୍ ବୁଝିଲା ଆଉ କେବେ କିଛି ଲୁଚେଇବ ନାହିଁ ବୋଲି ଜବାବ ଦେଲା। ■

ମଙ୍ଗଳାବାଗ,କଟକ
ମୋ-୯୯୩୭୯୭୩୯୧୦

## ପ୍ରହେଳିକା



- ଅନ୍ନଦାତା ସିଏ ଆମରି ପାଇଁ
  ତାଙ୍କ ପାଇଁ ଖୁସିରେ ପାରୁଛେ ଜିଇଁ
  ଡରନ୍ତିନି ସିଏ ବରଷା ଖରା
  ବିଲରେ ନିଇତି ପକାନ୍ତି ଡେରା
  କାଦୁଅ ପାଣିରେ ହୋଇ ସେ ଘାଣ୍ଟି
  ଖରାରେ ଖଟନ୍ତି ସୁଖେଇ ତଣ୍ଟି
  ସଭିଙ୍କ ପେଟକୁ ଦାନା ଦିଅନ୍ତି ସିଏ
  କହିଲ ଦେଖି ସେ ମହାନ ବ୍ୟକ୍ତିଟି କିଏ।
  
  ଉ-କୃଷକ
- ନଈ ପଠାରେ ଖେଳୁଛି ଦୋଳି
  ଧବଳ ରଙ୍ଗକୁ ଦେହରେ ବୋଳି
  ଶରତ ଆସିଲେ ତା'ର ସମ୍ଭାର
  ଦିଶୁଥାଏ ସିଏ କି ମନୋହର
  ଅତି ସୁନ୍ଦର ଏକ ଫୁଲଟି ସିଏ
  ନାମଟି ତାହାର କହିବ କିଏ ।
  
  ଉ-କାଶତଣ୍ଡି
- କାଠର ଚକକୁ କାଠ ଶରୀର
  ବଳଦ ଦୁଇଟି ଚାଳକ ତା'ର
  କେତେ ଦରବ ନିଅଇ ବୋହି
  କିଏ ସେ ପାରିବ ନାମ ତା କହି ।
  
  ଉ-ଶଗଡ଼
- ଏମିତି ଗଛଟେ ଦେଖିଛି କିଏ
  ଲାଗିଗଲେ ଦେହେ କୁଣ୍ଡେଇ ହୁଏ ।
  
  ଉ-ବିଛୁଆତି

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର

# ପାର୍ବଣର ଋତୁ




ଡ. ଶୁଭେନ୍ଦୁ ମହାପାତ୍ର

ଆସିଗଲା ଏବେ   ପାର୍ବଣର ଋତୁ
ସଜେଇ ହେଲାଣି ଧରା
ବୃକ୍ଷଲତା ଏବେ   ହସି ଉଠିଲାଣି
ଫୁଲ ଫଳେ ହୋଇ ଭରା ।।
ଶରତ ସକାଳ   କେଡ଼େ ମନୋହର
ମନ ମୋହି ନେଉଥାଏ
ନିର୍ମଳ ଆକାଶେ   ମେଘ ଖଣ୍ଡମାନ
ଧାଡ଼ିବାନ୍ଧି ଭାସୁଥାଏ ।।
ନଈପଠା ଧାରେ   ଧବଳ କୁସୁମ
କାଶତଣ୍ଡି ଝୁଲୁଥାଏ
ଯୁଇ ଜାଇ ହେନା   ଗୋଲାପ କୁମୁଦ
ହୃଦୟକୁ ଛୁଇଁଯାଏ ।।
ନିର୍ମଳ ସଞ୍ଜରେ   ବାଡ଼ି ବଗିଚାରେ
ଜହ୍ନିଫୁଲ ହସୁଥାଏ
ଗଙ୍ଗଶିଉଳିର   ମଧୁର ବାସନା
ପବିତ୍ରତା ଭରିଦିଏ ।।
ପ୍ରତ୍ୟୁଷ ପ୍ରଦୋଷେ   ଶିଶିର ପ୍ରକାଶେ
ସାରୁପତ୍ରେ ଢଳ ଢଳ
ଶୋଭାରେ ମଣ୍ଡିତ ଶାଗୁଆ କ୍ଷେତରେ
ଚାଷୀ ହୁଅଇ ଚଞ୍ଚଳ ।।
ଶରତେ ଶାରଦା   ଧରାକୁ ଆସିବେ
ବିଶ୍ୱର କଲ୍ୟାଣ ପାଇଁ
ଆନନ୍ଦେ ବିଭୋର   ହୋଇ ଯଜମାନ
ନୈବେଦ୍ୟ ଅର୍ପିବେ ନେଇ ।। ■

ସତ୍ୟବିହାର, ପଳାଶୁଣି
ଭୁବନେଶ୍ୱର
ମୋ-୯୪୩୮୦୬୪୯୦୮







ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା


ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ


ପ୍ରଜ୍ଞା ରାଣୀ ଦଳାଇ
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ


ସାଦ୍ୟାନ୍ତ ଶତପଥୀ
ସପ୍ତମ ଶ୍ରେଣୀ
ମଦର୍ସ ପବ୍ଲିକ ସ୍କୁଲ
ପୁରୀ

ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍

# ଇତିହାସ ରଚିଲେ ଅନ୍ତିମ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଭାରତୀୟ କୁସ୍ତିଯୋଦ୍ଧା ଅନ୍ତିମ ପାଙ୍ଘଲ ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଅନୁଷ୍ଠିତ କାଂସ୍ୟପଦକ



ମୁକାବିଲାରେ ସ୍ୱିଡେନର ମାଲମଗ୍ରେନ୍‌ଙ୍କୁ ୯-୧ ସ୍କୋରରେ ହରାଇ ଅନ୍ତିମ ବିଶ୍ୱର ଏହି ଶ୍ରେଷ୍ଠ ରେସଲିଂ ପ୍ରତିଯୋଗିତାରେ ଦ୍ୱିତୀୟ ପଦକ ଜିତି ଇତିହାସ ରଚିଛନ୍ତି। ତାଙ୍କ ବ୍ୟତୀତ କେବଳ ଆଉ ଜଣେ ଭାରତୀୟ ବିନେଶ ଫୋଗତ ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ୨ଟି ପଦକ ଜିତିବାର ରେକର୍ଡ କରିଥିଲେ। କ୍ରୋଏସିଆର ଜାଗ୍ରେବ୍‌ଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଗୁରୁବାର ୫୩ କିଲୋଗ୍ରାମ୍ ଶ୍ରେଣର କାଂସ୍ୟ ପଦକ ଲାଗି ମୁକାବିଲା ହୋଇଥିଲେ। ଏଥିରେ ଅନ୍ତିମ ୯-୧ ସ୍କୋରରେ ସ୍ୱିଡେନର ଜୋନ୍ନା ଏମ୍ମା ମାଲମଗ୍ରେନ୍‌ଙ୍କୁ ହରାଇଥିଲେ। ପୂର୍ବରୁ ସେ ୨୦୨୩ରେ ମଧ୍ୟ ମାଲମଗ୍ରେନ୍‌ଙ୍କୁ ହରାଇ ଏହି ପ୍ରତିଯୋଗିତାରେ ପ୍ରଥମ ପଦକ ବିଜୟୀ ହୋଇଥିଲେ। ବିନେଶ ଦ୍ୱିତୀୟ ପଦକ ଜିତିବା ବେଳକୁ ୨୮ ବର୍ଷର ହୋଇଥିଲେ। କିନ୍ତୁ ୨୧ ବର୍ଷରେ ଅନ୍ତିମ ଏହି ସଫଳତା ହାସଲ କରିଛନ୍ତି। ରେକର୍ଡ ସମ୍ପର୍କରେ ମୁଁ ଅବଗତ ନାହିଁ। ତଥାପି ଏକାଧିକ ପଦକ ଜିତିବାରେ କେବଳ ବିନେଶ ସହ ଯଦି ସମକକ୍ଷ ହୋଇଥାଏ ତାହା ଗର୍ବର ବିଷୟ ବୋଲି କହନ୍ତି ଅନ୍ତିମ। ଏହି ସଫଳତା ଯୋଗୁଁ ଅନ୍ତିମ ପ୍ୟାରିସ୍ ଅଲିମ୍ପିକ୍ ବିଫଳତାକୁ ଭୁଲିବାରେ ସମର୍ଥ ହୋଇଛନ୍ତି।

ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ

# କ୍ୱାର୍ଟରରେ ହାରିଲେ ସିନ୍ଧୁ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ପ୍ୟାରିସରେ ସ୍ୱର୍ଣ୍ଣ ପଦକ ବିଜେତା କୋରିଆର ଆନ୍ ସେ ୟଙ୍ଗଙ୍କଠାରୁ ଭାରତର ଡବଲ ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଏହି ମ୍ୟାଚ୍‌ଟି ମାତ୍ର ୩୮ ମିନିଟ୍‌ରେ ଶେଷ ହୋଇଥିଲା ଓ ଏଥିରେ ୟଙ୍ଗ ୨୧-୧୪, ୨୧-୧୩ରେ ଜିତିନେଇଥିଲେ। ଏହାକୁ ମିଶାଇ ସିନ୍ଧୁ କ୍ରମାଗତ ୮ମ ଥର ଲାଗି ୟଙ୍ଗଙ୍କ ନିକଟରୁ ହାରିଯାଇଛନ୍ତି। ୟଙ୍ଗଙ୍କ ସୁପର ପାୱାର ଆଗରେ ସିନ୍ଧୁଙ୍କ ରିଟର୍ଣ୍ଣ ଖୁବ୍ ଦୁର୍ବଳ ରହିଥିଲା। ଦୁଇଟିଯାକ ସେଟ୍‌ରେ ୟଙ୍ଗ ପୂରା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଏହି ତାରକା ଖେଳାଳିଙ୍କ ବିପକ୍ଷରେ ସିନ୍ଧୁ ଏଯାଏ ଗୋଟିଏ ହେଲେ ମ୍ୟାଚ୍ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି।

ମଡର୍ଣ୍ଣ ପେଣ୍ଟାଥଲନ ଲେଜର ରନ୍

# ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୯।୯ (ସମିସ): ବିହାରରେ ଆୟୋଜିତ ହୋଇଥିବା ନବମ ମଡର୍ଣ୍ଣ ପେଣ୍ଟାଥଲନ ଲେଜର ରନ୍ ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶା କାଂସ୍ୟ ପଦକ ବିଜୟୀ ହୋଇଥିଲା। ଏହି ପଦକ ବିଜେତା ହେଲେ ପ୍ରଣବ ଦାସ, ମହମ୍ମଦ ଅମନ ଓ ଆକାଶ ମିର୍ଦ୍ଧା। ଏହି ୩ଜଣ ଖେଳାଳି ଓ ତାଙ୍କ କୋଚ୍ ମହମ୍ମଦ୍ ଆଜମଙ୍କୁ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ସମ୍ମାନିତ କରିଥିଲେ। ଏମାନଙ୍କ ବ୍ୟତୀତ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଅଲିମ୍ପିକ ସଂଘ ଓ ପେଣ୍ଟାଥଲନ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

ଅମିର୍ କଲୀମ୍, ହାମଦ୍ ମିର୍ଜାଙ୍କ ଲଢୁଆ ବ୍ୟାଟିଂ

# ଓମାନ୍‌କୁ ହରାଇବାରେ ଭାରତ ନାକେଦମ୍

ଆବୁଧାବି, ୧୯।୯ (ଏଜେନ୍ସି):

ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତ ନବାଗତ ଓମାନକୁ ହରାଇବା ଲାଗି ହୋଇଛି ନାକେଦମ୍। ପରୀକ୍ଷା ନିରୀକ୍ଷା କରୁଥିବା ଭାରତ ଏହି ମ୍ୟାଚ୍‌କୁ ୨୧ ରନ୍‌ରେ ଜିତିଛି, କିନ୍ତୁ ଓମାନ ଦମ୍‌ଦାର ଖେଳ ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିତିବାରେ ସମର୍ଥ ହୋଇଛି। ଓମାନ ପ୍ରଥମେ ଚମତ୍କାର ବୋଲିଂ କରି ଭାରତକୁ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୮୮ରେ ସୀମିତ ରଖିଥିଲା। ଜବାବରେ ଏହି ଦଳ ସମାନ ସଂଖ୍ୟକ ଓଭର ଖେଳି ମାତ୍ର ୪ ୱିକେଟ ବିନିମୟରେ ୧୬୭ ରନ୍ କରିଥିଲା। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ୪୩ ବର୍ଷୀୟ ଅମିର କଲୀମ୍ ଓ ହାମଦ ମିର୍ଜାଙ୍କ ଲଢୁଆ ଅର୍ଦ୍ଧଶତକ। ୪୩ ବର୍ଷୀୟ କଲୀମ ୪୬ ବଲ୍‌ରେ ୭ ଚୌକା ଓ ୨ ଛକା ସହ ୬୪ ରନ୍ କରିଥିଲାବେଳେ ବାଉଣ୍ଡରୀ ଲାଇନ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଚମତ୍କାର କ୍ୟାଚ୍ ନେଇ ଆଉଟ କରିଥିଲେ। ମିର୍ଜା ୩୩ ବଲ୍‌ରେ ୫୧ ରନ୍ କରିଥିଲେ। ଏମାନଙ୍କ ଲଢୁଆ ବ୍ୟାଟିଂ ଯୋଗୁ ଭାରତକୁ ଏହି ମ୍ୟାଚ ଜିତିବାକୁ କଷ୍ଟ କରିବାକୁ ପଡ଼ିଥିଲା।




### ବ୍ୟାଟିଂ କଲେନି ସୂର୍ଯ୍ୟକୁମାର

ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ଦ୍ୱିତୀୟ ଓଭରରେ ନିର୍ଭରଯୋଗ୍ୟ ଶୁବମନ ଗିଲ୍ (୫)ଙ୍କ ଓ ୮ମ ଓଭରରେ ଉଭୟ ଅଭିଷେକ ଶର୍ମା (୩୮ ରନ୍, ୧୫ବଲ୍, ୫ଚୌକା ଓ ୨ଛକା) ଓ ହାର୍ଦ୍ଦିକ ପାଣ୍ଡ୍ୟା (୧)ଙ୍କ ୱିକେଟ ହରାଇଥିଲା। ଏହି ସମୟରେ ନଂ-୩ରେ ବ୍ୟାଟିଂ କରିବାକୁ ଆସିଥିବା ସଞ୍ଜୁ ସାମସନ ଧୈର୍ଯ୍ୟର ସହ ଖେଳି ଅର୍ଦ୍ଧଶତକ ହାସଲ କରିବା ସହ ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ସେ ୧୮ତମ ଓଭରରେ ୬ଷ୍ଠ ଖେଳାଳିଭାବେ ଆଉଟ ହେବା ପୂର୍ବରୁ ୪୫ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୫୬ ରନ୍ କରିଥିଲେ। ସଞ୍ଜୁଙ୍କ ପରି ବ୍ୟାଟିଂ ଲାଇନ୍‌ରେ ଉନ୍ନତି ପାଇ ହାର୍ଦ୍ଦିକଙ୍କ ପଛକୁ ନଂ-୫ରେ ବ୍ୟାଟିଂ କରିଥିବା ଅକ୍ଷର ପଟେଲ (୧୩ ବଲ୍‌ରେ ୨୬ରନ୍) ଓ ନଂ-୭ରେ ବ୍ୟାଟିଂ କରିବାକୁ ଆସିଥିବା ତିଲକ ବର୍ମା (୧୮ ବଲ୍‌ରେ ୨୯ରନ୍)ଙ୍କ ଉପଯୋଗୀ ସହାୟତା ବଳରେ ଭାରତ ୮/୧୮୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌କୁ ରବିବାର ପାକିସ୍ତାନ ବିପକ୍ଷ ସୁପର-୪ ମୁକାବିଲା ପୂର୍ବରୁ ଭାରତ ରିହରସାଲ ବିବେଚନା କରି ସମସ୍ତ ବ୍ୟାଟରଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲା। କିନ୍ତୁ ଦଳର ଅଧିନାୟକ ସୂର୍ଯ୍ୟକୁମାର ବ୍ୟାଟିଂ କରିବାକୁ ଆସି ନ ଥିଲେ। ଓମାନ ପକ୍ଷରୁ ଜିତେନ ରାମାନନ୍ଦି, ସକୀଲ ଅହମ୍ମଦ୍ ଓ ଅମିର କଲୀମ୍ ଭାରତର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ସୁପର-୪ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୨୦।୯ | ଶ୍ରୀଲଙ୍କା-ବାଂଲାଦେଶ | ଦୁବାଇ |
| ୨୧।୯ | ଭାରତ-ପାକିସ୍ତାନ | ଦୁବାଇ |
| ୨୩।୯ | ଶ୍ରୀଲଙ୍କା-ପାକିସ୍ତାନ | ଆବୁଧାବି |
| ୨୪।୯ | ଭାରତ-ବାଂଲାଦେଶ | ଦୁବାଇ |
| ୨୫।୯ | ପାକିସ୍ତନ-ବାଂଲାଦେଶ | ଦୁବାଇ |
| ୨୬।୯ | ଭାରତ-ଶ୍ରୀଲଙ୍କା | ଦୁବାଇ |
| ୨୮।୯ | ଫାଇନାଲ | ଦୁବାଇ |

ଖେଳ ଆରମ୍ଭ - ରାତି ୯ଟା
ପ୍ରସାରଣ -ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

ରାଞ୍ଚି ରୟାଲ ଟସ୍କର ନୂଆ ଟିମ୍

# ୨୪ରେ ହକି ଇଣ୍ଡିଆ ଲିଗ୍ ନିଲାମ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍‌ର ମିନି ନିଲାମି ନୂଆଦିଲ୍ଲୀରେ ଥିବା ହକି ଇଣ୍ଡିଆ କାର୍ଯ୍ୟାଳୟରେ ଆସନ୍ତା ୨୪ରେ ଅନୁଷ୍ଠିତ ହେବ। ଏଥର ପୁରୁଷ ଦଳ ଲାଗି ୪ କୋଟି ଓ ମହିଳା ଦଳ ଲାଗି ୨ କୋଟି ଟଙ୍କାର ପର୍ସ ରଖାଯାଇଛି। ସେହିପରି ଟିମ୍‌ରେ ସ୍ଥାନ ପାଉଥିବା ଖେଳାଳିଙ୍କ ସଂଖ୍ୟା ୨୪ରୁ କମାଇ ଦିଆଯାଇ ୨୦ରେ ରଖାଯାଇଛି। ଏହା ମଧ୍ୟରେ ଜଣେ ବିଦେଶୀ ଖେଳାଳି କମିଯାଇଛନ୍ତି। ଏହା ଫଳରେ ଭଲ ଖେଳାଳି କିଣିବାକୁ ଦଳଗୁଡିକ ନିକଟରେ ଅଧିକ ଅର୍ଥ ଉପଲବ୍ଧ ହେବ ବୋଲି ଜଣାଯାଇଛି। ଯେଉଁ ଦଳରେ ଶୂନ୍ୟସ୍ଥାନ ରହିଛି ତାହା



ଏହି ମିନି ନିଲାମିରୁ ପୂରଣ କରାଯିବ। ପ୍ରଥମ ସିଜନରେ ଖେଳିଥିଲା ପୁରୁଷ ବିଭାଗରେ ଟିମ୍ ଗୋନାସିକା ଓ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଦ୍ୱିତୀୟ ସିଜନରୁ ଓହରିଯାଇଛନ୍ତି। ଏହା ଫଳରେ ଗୋଟିଏ ଦଳ କମିଯାଇଥିଲା। ଏହା ବଦଳରେ ରାଞ୍ଚି ରୟାଲ ଟସ୍କର ଉଭୟ ପୁରୁଷ ଓ ମହିଳା ବିଭାଗରେ ନୂଆ ଦଳ ଭାବେ ଚଳିତ ସିଜନରେ ଅଂଶଗ୍ରହଣ କରିବେ ବୋଲି ହକି ଇଣ୍ଡିଆ ସମ୍ପାଦକ ଭୋଲାନାଥ ସିଂ ପ୍ରକାଶ କରିଛନ୍ତି।

ଚେନ୍ନାଇରେ ଦ୍ୱିତୀୟ ସଂସ୍କରଣ ୨୦୨୬ ଜାନୁଆରୀରେ ଆରମ୍ଭ ହେବ। ଚେନ୍ନାଇରେ ଉଦ୍‌ଘାଟନୀ ଉତ୍ସବ ସହ ପ୍ରଥମ ପର୍ଯ୍ୟାୟ ମୁକାବିଲା ଅନୁଷ୍ଠିତ ହେବ। ଏହା ପରେ ଭୁବନେଶ୍ୱର ଓ ରାଞ୍ଚିରେ ପରବର୍ତ୍ତୀ ଦୁଇଟି ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ। ବିହାରର ରାଜଗିରିକୁ ଚତୁର୍ଥ ଭେନ୍ୟୁ ଭାବେ ବିବେଚନା କରାଯାଉଛି। ପୁରୁଷ ବିଭାଗରେ ରାର ବେଙ୍ଗଲ ଟାଇଗର୍ସ ଓ ମହିଳା ବିଭାଗରେ ଓଡ଼ିଶା ୱାରିୟର୍ସ ପ୍ରଥମ ସଂସ୍କରଣରେ ଟାଇଟଲ ବିଜୟୀ ହୋଇଥିଲେ।

ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ୪ ସପ୍ତାହରେ ଏଆଇଆଇଏଫ୍‌ର ନୂଆ ସମ୍ବିଧାନ ଚୂଡ଼ାନ୍ତ କର

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଏଆଇଆଇଏଫ୍ (ସର୍ବଭାରତୀୟ ଫୁଟବଲ ମହାସଂଘ)ର ନୂଆ ସମ୍ବିଧାନ ଚିଠା ପ୍ରସ୍ତାବ ଆଜି ସୁପ୍ରିମ୍‌କୋର୍ଟରେ ସାମାନ୍ୟ କିଛି ସଂଶୋଧନ ସହ ଗୃହୀତ ହୋଇଯାଇଛି। ଏହି ନୂଆ ସମ୍ବିଧାନକୁ ଆସନ୍ତା ୪ ସପ୍ତାହ ମଧ୍ୟରେ ଜେନେରାଲ ବଡି ବୈଠକ କରି ଚୂଡାନ୍ତ କରିବାକୁ ସୁପ୍ରିମକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ନୂଆ ସମ୍ବିଧାନକୁ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ବର୍ତ୍ତମାନ ଏଆଇଆଇଏଫ୍‌ର ନିର୍ବାଚିତ କର୍ମକର୍ତ୍ତାଙ୍କୁ ମଧ୍ୟ ସୁପ୍ରିମକୋର୍ଟ ସ୍ୱୀକୃତି ଦେଇଛନ୍ତି। ଏହି ନିର୍ବାଚିତ କର୍ମକର୍ତ୍ତା ସେମାନଙ୍କ ପୂରା କାର୍ଯ୍ୟକାଳ ପୂରଣ କରିବେ। ୨୦୨୬ରେ ଏଆଇଆଇଏଫ୍‌ର ପରବର୍ତ୍ତୀ ନିର୍ବାଚନ ଅନୁଷ୍ଠିତ ହେବ। ଏଆଇଆଇଏଫ୍‌ର ତାହାର ସମ୍ବିଧାନରେ ଅକ୍ଟୋବର ୩୦ ଅଲିମ୍ପିକ୍ ଚାର୍ଟର ଅନୁଯାୟୀ ସଂଶୋଧନ ନ କଲେ ଭାରତୀୟ ଫୁଟବଲର




ଏହି ସର୍ବୋଚ୍ଚ ସଂଗଠନକୁ ବାସନ୍ଦ କରିବାକୁ ଫିଫା ଓ ଏସୀୟ ଫୁଟବଲ କନଫେଡେରେସନ ଧମକ ଦେଇଥିଲେ। ୨୦୧୭ରୁ ଏହି ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ୨୦୨୨ରେ ଏହାର ଚିଠା ପ୍ରସ୍ତାବ ସୁପ୍ରିମ୍‌କୋର୍ଟରେ ଉପସ୍ଥାପନ କରାଯାଇଥିଲା। ଆଜି ଏହି ମାମଲାର ଚୂଡାନ୍ତ ରିପୋର୍ଟ ସହ ଏଆଇଆଇଏଫ୍ ଓ ଏହାର ସଭାପତି କଲ୍ୟାଣ ଚୌବେଙ୍କ ଏକ ବଡ଼ ମୁଣ୍ଡବ୍ୟଥା ଟଳିଯାଇଛି।

ଜୁରେଲଙ୍କ ପରେ ପଡ଼ିକାଲଙ୍କ ଶତକ

# ଭାରତ ଏ’- ଅଷ୍ଟ୍ରେଲିଆ ଏ’ ଟେଷ୍ଟ ଡ୍ର

ଲକ୍ଷ୍ନୌ,୧୯।୯ (ଏଜେନ୍ସି): ଆୟୋଜକ ଭାରତ-ଏ ଏବଂ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର ରହିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍ ବରାବର ସ୍ଥିତିରେ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ନିର୍ଣ୍ଣାୟକ ଅନ୍‌ଅଫିସିଆଲ ଟେଷ୍ଟ ଏହିଠାରେ ସେପ୍ଟେମ୍ବର ୨୩ରୁ ୨୬ଯାଏ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତର ଦୁଇ ଯୁବ ଖେଳାଳି ୱିକେଟରକ୍ଷକ ଧ୍ରୁବ ଜୁରେଲ (୧୪୦) ଓ ଦେବଦତ୍ତ ପଡ଼ିକାଲ (୧୫୦) ଶତକ ହାସଲ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି।

ଏଠାରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୬ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଦଳ ପକ୍ଷରୁ ୱିକେଟରକ୍ଷକ ଜୋଶ ଫିଲିପ୍ ଅପରାଜିତ ୧୨୩ ଓ ସାମ କୋନଷ୍ଟାସ୍ ୧୦୯ ରନ୍ କରିଥିଲେ। ଜବାବରେ ଭାରତ ୭ ୱିକେଟରେ ୫୩୧ ରନ୍ କରିବା ପରେ ପ୍ରଥମ ଇନିଂସ ଘୋଷଣା କରିଥିଲା। ଦଳ ପକ୍ଷରୁ ନଂ-୪ରେ ବ୍ୟାଟିଂ କରିଥିବା ପଡ଼ିକାଲ ସର୍ବାଧିକ ୧୫୦ ରନ୍ କରିଥିଲେ। ସେ ୨୮୧ ବଲ୍ ଖେଳି ୧୪ ଚୌକା ଓ ୧ଛକା ସହ ଏହି ରନ୍ କରିଥିଲେ। ତାଙ୍କ ପୂର୍ବରୁ ୱିକେଟ ରକ୍ଷକ ଧ୍ରୁବ ଜୁରେଲ ୧୪୦ ରନ୍ କରିଥିଲେ। ସେ




୧୯୭ ବଲ୍‌ର ସମ୍ମୁଖୀନ ହୋଇ ୧୩ ଚୌକା ଓ ୪ ଛକା ସହ ଏହି ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ୩ଜଣ ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ୪୪, ଏନ୍ ଜଗଦୀଶନ ୬୪ ଓ ସାଇ ସୁଦର୍ଶନ ୭୩ ରନ୍ କରିଥିଲେ। ଅଷ୍ଟ୍ରେଲୀୟ ଅଫ୍‌ସ୍ପିନର କୋରୀଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ମାତ୍ର ଗୋଟିଏ ରନ୍‌ରେ ପ୍ରଥମ ଇନିଂସ ଆଗୁଆ ରହିଥିବା ଅଷ୍ଟ୍ରେଲିଆ-ଏ’ ଦ୍ୱିତୀୟ ଇନିଂସ ଆରମ୍ଭ କରି ୧୬ ଓଭରରେ କୌଣସି ୱିକେଟ ନ ହରାଇ ୫୬ ରନ୍ କରିବା ପରେ ଖେଳକୁ ବନ୍ଦ ରଖାଯାଇଥିଲା। ଭ୍ରମଣକାରୀ ଦଳର ସାମ କୋନ୍‌ଷ୍ଟାସ ୨୭ କ୍ୟାମ୍ପବେଲ କେଲାୱେ ୨୪ ରନ୍‌ରେ ଅପରାଜିତ ରହିଥିଲେ।

ବାରବାଟୀରେ ଫରଭେଜ୍ ମାହାରୁଫ୍

# ଓପିଟିଏଲ୍ ଓଡ଼ିଆ ଖେଳାଳିଙ୍କ ଲାଗି ବଡ଼ ସୁଯୋଗ

କଟକ,୧୯।୯ (କୁମାରଶ୍ରୀ ସାହୁ):

ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଉପରେ ଅନେକ ଚୟନକର୍ତ୍ତାଙ୍କ ନଜର ରହିଛି। ରାଜ୍ୟ ଘରୋଇ କ୍ରିକେଟର ଏହା ଏକ ବଡ ମଞ୍ଚ। ଆୟୋଜନ ଆକର୍ଷଣୀୟ ଲାଗୁଛି। ଏଥିରେ ଖେଳାଳିମାନଙ୍କ ଦମ୍‌ଦାର ପ୍ରଦର୍ଶନ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ) ପାଇଁ ପ୍ରବେଶପଥ ଉନ୍ମୁକ୍ତ କରିପାରେ ବୋଲି ଶ୍ରୀଲଙ୍କାର ପୂର୍ବତନ ଅଲରାଉଣ୍ଡର ଫରଭେଜ୍ ମହାରୁଫ୍ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ କାରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଓପିଟିଏଲ୍‌ର ପ୍ରଥମ ସଂସ୍କରଣ ଜାରି ରହିଛି। ଏଥିରେ ସିଂହଳୀ ତାରକା ମହାରୁଫ୍‌ଙ୍କୁ ଭାଷ୍ୟକାର ଭାବେ ଦେଖିବାକୁ ମିଳିଛି।

**ପ୍ର: ଓଡ଼ିଶାରେ ପ୍ରଥମଥର ଆୟୋଜନ ହୋଇଥିବା ଓପିଟିଏଲ ବାବଦରେ ଆପଣଙ୍କ ମତ କଣ?**

ଉ: ପ୍ରଥମ ତିନି ଦିନର ଅଭିଜ୍ଞତା ବେଶ୍ ଭଲ ରହିଛି। ପ୍ରଥମଶ୍ରେଣୀ କ୍ରିକେଟ ଜଗତର ଖେଳାଳି ମାନଙ୍କୁ ଏଭଳି ପ୍ଲାଟଫର୍ମ ଯୋଗାଇ ଦେବା କ୍ଷେତ୍ରରେ ଓସିଏର ଭୂମିକା ପ୍ରଶଂସନୀୟ। ଓପିଟିଏଲରେ ଖେଳାଳିମାନେ ନିଜ ପ୍ରଦର୍ଶନକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅନେକ ଚୟନକର୍ତ୍ତାଙ୍କ ନଜର ସେମାନଙ୍କ ଉପରେ ରହିଛି, ଏହା ସେମାନେ ଭୁଲନ୍ତୁ ନାହିଁ।

**ପ୍ର: ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିଭାବେ ଆପଣ କେଉଁ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସନ୍ତୁଷ୍ଟ ଅଛନ୍ତି?**

ଉ: ସେମିତି ଅନେକ ଖେଳାଳି ଅଛନ୍ତି। ତଥାପି କଟକ ପାନ୍ଥର୍ସର ପେସ୍‌ବୋଲର ଭଗୀଶ ଶର୍ମାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ଲାଗିଛି। ନୂଆ ଖେଳାଳିଙ୍କୁ ନେଇ ଚାଲିଥିବା ଏହି ଲିଗ୍ ଓଡ଼ିଶା କ୍ରିକେଟକୁ ସଫଳ ରୂପ ଦେବା ନିଶ୍ଚିତ।



**ପ୍ର: ଓଡ଼ିଶାର ସ୍ୱତନ୍ତ୍ର ସ୍ଥାନ ଓ ସ୍ୱତନ୍ତ୍ର ଖାଦ୍ୟର ଅନୁଭୂତି ପାଇଲେଣି?**

ଉ: ବ୍ୟସ୍ତତା ଭିତରେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ପାରିନାହିଁ। ହେଲେ ଓଡ଼ିଶାର ଆମିଷ ଥାଳି ବହୁତ ପସନ୍ଦ ଆସିଛି। ପୂର୍ବରୁ ଅନେକଥର ଓଡ଼ିଶା ଆସିବାର ସୁଯୋଗ ପାଇଛି। ୨୦୧୦ରେ ଦିଲ୍ଲୀ ଡେୟାର ଡେଭିଲ୍ସ ଦଳରୁ ଆଇପିଏଲ ଖେଳିବା ପାଇଁ କଟକ ଆସିଥିଲି। ଏଲଏଲସି ମ୍ୟାଚ୍ ସମୟରେ ମଧ୍ୟ କଟକରେ ସମୟ ବିତିଥିଲା।

**ପ୍ର: ଟି-୨୦ ଫର୍ମାଟ ଏକଦିବସୀୟ କ୍ରିକେଟ ଉପରେ ପ୍ରଭାବ ପକାଉଛି କି?**

ଉ: ହଁ ପ୍ରଭାବ ପକାଉଛି, ହେଲେ ଏହା ସକରାତ୍ମକ। କ୍ରିକେଟ ଖେଳର ତରିକା ବଦଳୁଛି। ଭବିଷ୍ୟତରେ ଏକଦିବସୀୟ କ୍ରିକେଟ ପ୍ରତି ଉତ୍କଣ୍ଠା କମିବ ବୋଲି କୁହାଯାଇପାରେ। ତେବେ ଏ ବାବଦରେ ଆଇସିସିର କାର୍ଯ୍ୟଧାରାକୁ ଅନୁଶୀଳନ କରିବାକୁ ପଡିବ।

**ପ୍ର: ସନତ ଜୟସୂରିଆଙ୍କ ତତ୍ତ୍ୱାବଧାନରେ ଖେଳୁଥିବା ଶ୍ରୀଲଙ୍କା ଦଳର ଭବିଷ୍ୟତକୁ କିପରି ଦେଖୁଛନ୍ତି?**

ଉ: ତାଙ୍କ ଦାୟିତ୍ୱକୁ ପ୍ରଶଂସା କରାଯାଇପାରେ। ଖେଳାଳିମାନଙ୍କ ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିନାହିଁ। ସାମ୍ପ୍ରତିକ ସ୍ଥିତିରେ ଆଗାମୀ ଟି-୨୦ ଓ ଏକଦିବସୀୟ ବିଶ୍ୱକପ୍ ଟାଇଟଲ୍ ଜିତିବା କେବଳ ଦଳର ଲକ୍ଷ୍ୟ ରହିଛି।

ଓଡ଼ିଶା ପ୍ରୋ ଟି-୨୦ ଲିଗ୍: ଗୌରବଙ୍କ ବିସ୍ଫୋରକ ଶତକ

# ମାଇନର୍ସଙ୍କୁ ୩୭ ରନ୍‌ରେ ହରାଇଲା ଟାଇଗର୍ସ

କଟକ,୧୯।୯(ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ପୁରୀ ଟାଇଟନ୍ସ ଏବଂ ଭୁବନେଶ୍ୱର ଟାଇଗର୍ସ ବିଜୟୀ ହୋଇଛନ୍ତି। ଉଭୟ ଦଳକୁ ସହଜ ବିଜୟ ମିଳିଥିଲା। ଟାଇଟନ୍ସ ୯ ୱିକେଟରେ କଟକ ପାନ୍ଥର୍ସକୁ ଏବଂ ଟାଇଗର୍ସ ୩୭ ରନରେ କେନ୍ଦୁଝର ମାଇନର୍ସକୁ ପରାସ୍ତ କରିଥିଲା। ଶନିବାର ରାଉରକେଲା ଷ୍ଟିଲର୍ସ-କଟକ ପାନ୍ଥର୍ସ ଏବଂ ସମ୍ବଲପୁର ୱାରିୟର୍ସ-ପୁରୀ ଟାଇଟନ୍ସ ମଧ୍ୟରେ ଲଢ଼େଇ ହେବ।

ଆଜି ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ପାନ୍ଥର୍ସ ଅଧିନାୟକ ସ୍ୱସ୍ତିକ ସାମଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଟାଇଟନ୍ସର ଶାଣିତ ବୋଲିଂରେ ଫସି ପାନ୍ଥର୍ସ ୭ ୱିକେଟ ହରାଇ ୧୪୧ରନ ସଂଗ୍ରହ କରିଥିଲା। ବିପ୍ଳବ ସାମନ୍ତରାୟ ସର୍ବାଧିକ ୩୩ ରନ୍ କରିଥିବା ବେଳେ ଅଭିଷେକ ରାଉତ ୨୫ରନ, ସ୍ୱସ୍ତିକ ସାମଲ ୨୨ରନ କରିଥିଲେ। ଟାଇଟନ୍ସ ପକ୍ଷରୁ ଏମଏ ଡାନିସ୍ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ୧୭.୪ ଓଭରରେ ଗୋଟିଏ ୱିକେଟ ହରାଇ ପୁରୀ ବିଜୟୀ ହୋଇଥିଲା। ଓପନର ଶାନ୍ତନୁ ମିଶ୍ର ଅପରାଜିତ ୭୯ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଅନ୍ୟତମ ଓପନର ଅନୁରାଗ ଷଡ଼ଙ୍ଗୀ ୩୧ରନରେ ଆଉଟ ହୋଇଥିବା ବେଳେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୧୭ ବଲରୁ ଦ୍ରୁତ ୩୧ରନ କରିଥିଲେ। କଟକର ଅଭିଷେକ ରାଉତଙ୍କୁ ଏକମାତ୍ର ୱିକେଟ ମିଳିଥିଲା। ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଶାନ୍ତନୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଲିଗ୍‌ର ପ୍ରଥମ ମୁକାବିଲାର ଶେଷ ବଲ୍‌ରେ ପରାସ୍ତ ହୋଇଥିବା ଭୁବନେଶ୍ୱର ଟାଇଗର୍ସ ପ୍ରତ୍ୟାବର୍ତ୍ତନ ପୂର୍ବକ ଆଜି କେନ୍ଦୁଝର ମାଇନର୍ସକୁ ହରାଇଛି। ମାଇନର୍ସ ଅଧିନାୟକ




ଗୋବିନ୍ଦ ପୋଦ୍ଦାର ଟସ୍ ଜିତି ଟାଇଗର୍ସକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ଗୌରବ ଚୌଧୁରୀଙ୍କ ଶତକ ବଳରେ ଟାଇଗର୍ସ ୮ ୱିକେଟ ହରାଇ ୧୯୮ରନ କରିଥିଲା। ଗୌରବଙ୍କ ପାଳିରେ ୭ଟି ଚୌକା ଏବଂ ୯ଟି ବିଶାଳ ଛକା ସାମିଲ ଥିଲା। ଲିଗ୍‌ରେ ଏହା ପ୍ରଥମ ଶତକୀୟ ପାଳି। ଜବାବରେ କେନ୍ଦୁଝର ସମସ୍ତ ୱିକେଟ ହରାଇ ୧୬୧ରନ କରିବାକୁ ସକ୍ଷମ ହୋଇଥିଲା। ବିଶ୍ୱଭୂଷଣ ବିହାରୀ ୩୨ବଲରୁ ୩୮ରନ କରିଥିଲେ। ବିଜୟୀ ଟାଇଗର୍ସ ତରଫରୁ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଏବଂ ସ୍ପିନର ଜୟନ୍ତ ବେହେରା ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଗୌରବ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS